R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୮
ତିଥି : ଦ୍ୱାଦଶୀ
୦୨ ଡିସେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 58
02 December 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଡିଜିଟାଲ ଆରେଷ୍ଟର ସିବିଆଇ ତଦନ୍ତ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧।୧୨ : ଭାରତରେ ବୃଦ୍ଧି ପାଉଥିବା ଡିଜିଟାଲ ଆରେଷ୍ଟ ଘଟଣାର ସିବିଆଇ ତଦନ୍ତ ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସବୁ ରାଜ୍ୟର ପୋଲିସଙ୍କୁ କେନ୍ଦ୍ରୀୟ ଏଜେନ୍ସିକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଏକ ରାୟ ଦେଇଛି।

ଆମିକସ୍ କ୍ୟୁରୀ ଡିଜିଟାଲ ଆରେଷ୍ଟ ଓ ସାଇବର କ୍ରାଇମ୍‌କୁ ନେଇ ୩ ତଥ୍ୟ ରଖିଥିଲେ। ମୁଖ୍ୟତଃ ଡିଜିଟାଲ ଆରେଷ୍ଟ, ମିଛ ନିବେଶ ପାଇଁ ପ୍ରସ୍ତାବ ଓ ପାର୍ଟ ଟାଇମ୍ ଜବ୍। ଖଣ୍ଡପୀଠ ଏହାକୁ ଗ୍ରହଣ କରି କହିଥିଲେ ଯେ ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ। ଡିଜିଟାଲ ଆରେଷ୍ଟ ଘଟଣାରେ ତୁରନ୍ତ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଦେଶର ପ୍ରମୁଖ ତଦନ୍ତକାରୀ ସଂସ୍ଥା ଏହାର ତଦନ୍ତ କରିବାର ଆବଶ୍ୟକତା ରହିଛି। ଆମେ ସିବିଆଇକୁ ଏନେଇ ସିଧା ସଳଖ ନିର୍ଦ୍ଦେଶ ଦେଉଛି ଓ ଯଥାଶୀଘ୍ର ସେମାନେ ଡିଜିଟାଲ ଆରେଷ୍ଟ ଘଟଣାର ତଦନ୍ତ କରନ୍ତୁ। ଅନ୍ୟ ଏଭଳି ଜାଲ୍ ମାମଲାର ତଦନ୍ତ ସମ୍ପର୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ନିଷ୍ପତ୍ତି ନିଆଯିବ। ସିବିଆଇ ଏହାର ତଦନ୍ତ ବିନା ଚାପରେ କରିପାରିବ। ଏଥିରେ ମଧ୍ୟ ସେମାନେ ଚାହିଁଲେ ବ୍ୟାଙ୍କ ମାନଙ୍କର ଭୂମିକା ଯାଞ୍ଚ କରିପାରିବେ। କେଉଁ ଆକାଉଣ୍ଟ ଡିଜିଟାଲ ଆରେଷ୍ଟ ଲାଗି ଖୋଲାଯାଉଛି ତାହାର ଯାଞ୍ଚ କରିବେ। ସବୁ ରାଜ୍ୟର ପୋଲିସ କେନ୍ଦ୍ରୀୟ ଏଜେନ୍ସିକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆରବିଆଇକୁ ମଧ୍ୟ ନୋଟିସ ଜାରି କରି ଏହି ମାମଲାର ପକ୍ଷ ଭୁକ୍ତ କରାଯାଇଛି। ସୁପ୍ରିମ୍‌କୋର୍ଟ ଦୁଇ ସପ୍ତାହ ପରେ ପୁଣିଥରେ ଏହି ମାମଲାର ଶୁଣାଣି କରିବେ। ପ୍ରଧାନ ବିଚାରପତି କହିଛନ୍ତି ଯେ ଅଧିକାଂଶ (୯ ପୃଷ୍ଠାରେ)

## ବିରୋଧୀଙ୍କୁ ପ୍ରଧାନମନ୍ତ୍ରୀଙ୍କ କଟାକ୍ଷ

# ସଂସଦ ଡ୍ରାମା ପାଇଁ ନୁହେଁ : ମୋଦି



ନୂଆଦିଲ୍ଲୀ, ୧।୧୨ : ସଂସଦ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କୁ ଆକ୍ଷେପ କରି ଡ୍ରାମା ନ କରିବାକୁ ଦେଇଥିବା

### ଲୋକଙ୍କ ପ୍ରସଙ୍ଗକୁ ଅନୁମତି ନ ଦେବା ହିଁ ଡ୍ରାମା : ପ୍ରିୟଙ୍କା

ପରାମର୍ଶକୁ ନେଇ ବିରୋଧୀ ଦଳ ପକ୍ଷରୁ ଜବାବ ଦିଆଯାଇଛି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଏହା ଉପରେ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସଂସଦ ହଙ୍ଗାମାର ସ୍ଥାନ ନୁହେଁ। ଏଠି ଡ୍ରାମା ନୁହେଁ, କାର୍ଯ୍ୟ ହେବା ଆବଶ୍ୟକ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡ୍ରାମା କରିବା ପାଇଁ ଅନେକ ସ୍ଥାନ ରହିଛି। ସେହିଭଳି ସ୍ଲୋଗାନ ଦେବାପାଇଁ ମଧ୍ୟ ଦେଶରେ ବହୁ ସ୍ଥାନ ରହିଛି। କିଛି ରାଜନୈତିକ ଦଳ (୯ ପୃଷ୍ଠାରେ)

# 'ରାଜଭବନ' ନାମ ବଦଳି ହେଲା 'ଲୋକ ଭବନ'



ଭୁବନେଶ୍ୱର, ୧।୧୨ (ସବ୍ୟୁ) : ଆନୁଷ୍ଠାନିକ ଭାବରେ 'ରାଜ ଭବନ'ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜ ଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି।

୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିଶ ପରେ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନ ମାନଙ୍କର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା।

ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ରାଜ୍ୟପାଳ କହିଛନ୍ତି ଯେ, 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର (୯ ପୃଷ୍ଠାରେ)

## ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ

# ଏସ୍‌ଆଇଆରକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ



ନୂଆଦିଲ୍ଲୀ, ୧।୧୨ : ଆଜିଠୁ ସଂସଦର ଶୀତକାଳିନ ଅଧିବେଶନ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରୁ ହିଁ ଲୋକସଭାରେ ବିରୋଧୀ ସଦସ୍ୟମାନେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର) ପ୍ରସଙ୍ଗରେ ଆଲୋଚନା ଦାବି କରି ଗୃହରେ ହଟ୍ଟଗୋଳ କରିଛନ୍ତି। ଫଳରେ ଲୋକସଭା କାର୍ଯ୍ୟ ଚାଲିବା ସମ୍ଭବପର ହୋଇନାହିଁ। ରାଜ୍ୟସଭାରେ ମଧ୍ୟରେ ଏସ୍‌ଆଇଆର ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ତେବେ ଏହି ପ୍ରସଙ୍ଗରେ ଆଲୋଚନା ହୋଇନଥିବାରୁ ଗୃହକୁ ମଧ୍ୟ ଆସନ୍ତା କାଲି ଯାଏ ମୁଲତବୀ କରାଯାଇଛି। ଲୋକସଭାରେ ବିରୋଧୀ ସଦସ୍ୟମାନେ ଏସ୍‌ଆଇଆରକୁ ନେଇ ଆଲୋଚନା ଦାବି କରିଥିଲେ।

କଂଗ୍ରେସ ପକ୍ଷରୁ ସାଂସଦ ମାନିକ୍କାମ ଟାଗୋର ବି ଏକ ନୋଟିସ ଦେଇ ଗୃହର ସମସ୍ତ କାର୍ଯ୍ୟକୁ ବନ୍ଦ କରି ଏହି ମୋସନ ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ପ୍ରସଙ୍ଗକୁ ନେଇ ଗଣତନ୍ତ୍ରରେ ଏବେ ଅସ୍ୱାଭାବିକ ସଙ୍କଟ ସୃଷ୍ଟି ହୋଇଛି। ନିର୍ବାଚନ କମିଶନ ଯେଉଁଭଳି ଢ଼ଙ୍ଗରେ ଏସ୍‌ଆଇଆର ଲାଗୁ କରିଛନ୍ତି ଏହା ଏକତରଫା ଓ ଏକଛତ୍ରବାଦ। ଏନେଇ କୌଣସି ଯୋଜନା କରାଯାଇନାହିଁ। ଏ ପ୍ରସଙ୍ଗରେ ମଧ୍ୟ କୌଣସି ଆଲୋଚନା ହୋଇନାହିଁ। ରାଜ୍ୟମାନଙ୍କ ସହ ମଧ୍ୟ ଆଲୋଚନା ହୋଇନାହିଁ। ବାଚସ୍ପତିଙ୍କୁ ଉଲ୍ଲେଖ କରି ସେ କହିଥିଲେ ଯେ ତୁରନ୍ତ ଏହି ପ୍ରସଙ୍ଗ ଆଲୋଚନା କରାଯାଉ। ବିଏଲ୍‌ଓମାନେ ଦିନରାତି କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ (୯ ପୃଷ୍ଠାରେ)

# ୪୯ ବାଂଲାଦେଶୀଙ୍କୁ ଦେଶାନ୍ତରୀକରଣ

ଭୁବନେଶ୍ୱର, ୧।୧୨ (ସବ୍ୟୁ) : ବର୍ତ୍ତମାନସୁଦ୍ଧା ରାଜ୍ୟରେ ମୋଟ୍ ୫୧ଜଣ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ଓଡ଼ିଶାର ସମସ୍ତ ଜିଲ୍ଲାରେ ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ, ଅଟକ ଏବଂ ଦେଶାନ୍ତରୀକରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟବାହିନୀ ଗଠନ କରାଯାଇଛି। ସମସ୍ତ ଜିଲ୍ଲାର ଏସ୍ପି ମାନଙ୍କୁ ନିୟମିତ ଭାବରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାୟକ ଗୌତମବୁଦ୍ଧ ଦାସ ଓ ମାନସ କୁମାର ଦତ୍ତଙ୍କ ପୃଥକ୍ ପୃଥକ୍ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂଆ ସରକାର ଆସିବା ପରଠୁ ୫୧ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ନିଜ ଦେଶକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧାରୁ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳରୁ ୩, କୋରାପୁଟରୁ ଜଣେ ଅଛନ୍ତି। ଅନ୍ୟ ଦୁଇଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ କାଗଜପତ୍ର ନେଇ ନିଜ ନାମରେ ଭାରତୀୟ ପାସ୍‌ପୋର୍ଟ (୯ ପୃଷ୍ଠାରେ)

# ପରିବେଶ ନେଇ ବିରୋଧୀଙ୍କ ଉଦ୍‌ବେଗ

- ରଣେନ୍ଦ୍ର ସଂକଳ୍ପ କାଗଜ ଚିରି ଫିଙ୍ଗିଲେ
- ପରିବେଶ ସୁରକ୍ଷା ବ୍ୟବସାୟ ବାତାବରଣ ନିୟମ ଆସିବ : ମନ୍ତ୍ରୀ

ଭୁବନେଶ୍ୱର, ୧।୧୨ (ସବ୍ୟୁ): ଶିଳ୍ପ ସଂସ୍ଥାଗୁଡ଼ିକ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଋଷିକୂଲ୍ୟା ଭଳି ପ୍ରାୟ ୭ଟି ବଡ଼ ନଦୀର ପାଣିକୁ ଲୁଟୁଛନ୍ତି । ଜଳ କର ଦେଉନାହାନ୍ତି । ୨ବର୍ଷରେ ୫୭ଟି ବେପାରୀ ଦଳ (ଶିଳ୍ପାନୁଷ୍ଠାନ) ୫୮୯୦.୬୫କୋଟି ଟଙ୍କାର ଜଳକର ବକେୟା ରଖିଛନ୍ତି । ନଦୀ ଶୁଖିଗଲାଣି । ଯେଉଁମାନେ ନଦୀକୁ ହତ୍ୟା କରୁଛନ୍ତି ସେମାନଙ୍କୁ ଆମେ ଜେଲ୍ ଦଣ୍ଡ ନଦେଇ କେବଳ ଜରିମାନା ଆଦାୟ କରିବା । ଏହା କି ପ୍ରକାରର ନିୟମ । ପରିବେଶକୁ ନେଇ ବିରୋଧୀ ଏଭଳି ଉଦବେଗ ପ୍ରକାଶ କରିଛନ୍ତି ।

ସୋମବାର ଅପରାହ୍ନରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଏ ସମ୍ପର୍କିତ ସଂକଳ୍ପପତ୍ର ବିଧାନସଭାରେ ଉପସ୍ଥାପନ କରିଥିଲେ । ହେଲେ ଏହାକୁ ପ୍ରତ୍ୟାହାର କରାଯିବନି ବୋଲି ମନ୍ତ୍ରୀ ଜଣାଇଦେବା ପରେ ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଂକଳ୍ପ କାଗଜକୁ ଚିରି ଗୃହ ଭିତରେ ଫୋପାଡ଼ିଥିଲେ । ଏହାପରେ ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷ ତ୍ୟାଗ କରିଥିବା ବେଳେ ବିନା ବିରୋଧୀରେ ବାଚସ୍ପତି ଏହି ସଂକଳ୍ପପତ୍ରକୁ ପାରିତ କରିଥିଲେ ।

ସଂକଳ୍ପପତ୍ର (୯ ପୃଷ୍ଠାରେ)


# ଟ୍ରେନ୍‌ରେ ଚଢିବା ବେଳେ ଖସି ଶିକ୍ଷକଙ୍କ ମୃତ୍ୟୁ

ଝାରସୁଗୁଡ଼ା, ୧।୧୨ (ସବ୍ୟୁ): ସୋମବାର ସକାଳ ପ୍ରାୟ ସାଢ଼େ ସାତଟା ସମୟରେ ଚଳନ୍ତା ଟ୍ରେନରେ ଚଢ଼ିବା ବେଳେ ଏକ ଅଘଟଣ ଘଟି ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ନୂଆପାଲିର ସ୍ଥିତ ନବ ପ୍ରଭାତ ବିଦ୍ୟାପୀଠରେ ଶିକ୍ଷକ ଭାବେ କାମ କରୁଥିବା ଛତିଶଗଡ଼ର ରାୟପୁରର ବି. ଶିବଶଙ୍କର (୬୫) ବୋଲି ଜଣାପଡ଼ିଛି ।

ସୂଚନା ମତେ ରବିବାର ସମ୍ବଲପୁରରେ ଏକ ବିବାହ ଉତ୍ସବରେ ଶିବଶଙ୍କର ଯୋଗଦେଇ ରାତିରେ ଝାରସୁଗୁଡ଼ା ଫେରିଥିଲେ । ସମ୍ବଲପୁରରୁ ଫେରିବା ପରେ ସ୍ଥାନୀୟ ବିଟିଏମ ଅଞ୍ଚଳରେ ରହୁଥିବା ଜଣେ ଶିଷ୍ୟଙ୍କ ଘରେ ରାତ୍ରିଯାପନ କରି ସକାଳେ ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ରାୟପୁରକୁ ଯିବା ପାଇଁ ଝାରସୁଗୁଡା ରେଳ ଷ୍ଟେସନରେ ପହଞ୍ଚି ଥିଲେ । ଶିବଶଙ୍କରଙ୍କୁ ଛାଡ଼ିବାକୁ ଆସିଥିବା ଶିଷ୍ୟଙ୍କ ସହ ଆଲୋଚନା କରୁଥିବା ବେଳେ ଟ୍ରେନ ଛାଡି ଦେଇଥିଲା । ଟ୍ରେନରେ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ ଶିବଶଙ୍କରଙ୍କର ଗୋଡ଼ ଖସି ଯାଇଥିଲା ଓ ସେ ତଳକୁ ଗଳି ପଡ଼ିଥିଲେ । ସ୍ଥାନୀୟ ଲୋକେ (୯ ପୃଷ୍ଠାରେ)

## ରାଜ୍ୟର ବଜେଟ୍ ବରାଦ ଖର୍ଚ୍ଚ ନୈରାଶ୍ୟଜନକ

# ଅକ୍ଟୋବର ସୁଦ୍ଧା ୩୯%



ଭୁବନେଶ୍ୱର, ୧।୧୨ (ସବ୍ୟୁ) : ଚଳିତ ବର୍ଷ ବଜେଟ୍ ଅର୍ଥ ଖର୍ଚ୍ଚ ହୋଇପାରୁନି । ବହୁ ବିଭାଗରେ ୩୦ ପ୍ରତିଶତ ତଳେ ଅର୍ଥ ଖର୍ଚ୍ଚ ହୋଇଛି । ଅକ୍ଟୋବର ଶେଷ ସୁଦ୍ଧା ରାଜ୍ୟରେ ବଜେଟ୍ ଅର୍ଥର ୩୯ ପ୍ରତିଶତ ଖର୍ଚ୍ଚ ହୋଇଛି । ଯାହା ନୈରାଶ୍ୟଜନକ ପ୍ରଦର୍ଶନ ବୋଲି ବିରୋଧୀ କହିଛନ୍ତି । ଚଳିତ ବର୍ଷ ଆର୍ଥିକ ବର୍ଷ ଶେଷ ହେବା ବେଳକୁ ସମ୍ପୂର୍ଣ୍ଣ ବଜେଟ୍ ଅର୍ଥ ଖର୍ଚ୍ଚ କରାଯିବ ବୋଲି ଗୃହକୁ ଆଶ୍ୱସନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ବିଧାୟକ ପ୍ରତାନ କେଶରୀ ଦେବଙ୍କ ପ୍ରଶ୍ନ ଉତ୍ତରରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଅକ୍ଟୋବର ମାସ ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଯାହା ସମୁଦାୟ ବଜେଟ୍ ଅର୍ଥର ୩୯ ପ୍ରତିଶତ । ସେପଟେ ବିଧାୟକ ଶ୍ରୀ ଦେବ କହିଥିଲେ ବଜେଟ୍ ଅର୍ଥର ପ୍ରଶାସନିକ ଖର୍ଚ୍ଚ ୪୪ ପ୍ରତିଶତ ରହିଥିବା ବେଳେ କାର୍ଯ୍ୟକ୍ଷମ ଖର୍ଚ୍ଚ ୩୬ ପ୍ରତିଶତ ରହିଛି । ଆଗାମୀ ଦିନରେ ମାତ୍ର ୧୫ ପ୍ରତିଶତ ଅଧିକ ଖର୍ଚ୍ଚ କରିପାରିବେ ସରକାର । ପଞ୍ଚାୟତିରାଜ ବିଭାଗ ଇସ୍ପାତ ଓ ଖଣି ବିଭାଗ ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟଗ ବିଭାଗ ବିପର୍ଯ୍ୟୟ ପରିଚାଳନା ବିଭାଗ, କ୍ରୀଡା ଓ ଯୁବ ସେବା ବିଭାଗରେ ଚଳିତ ବଜେଟ୍‌ର ଖର୍ଚ୍ଚ ଅତି ନୈରାଶ୍ୟଜନକ ପ୍ରଦର୍ଶନ କରାଯାଇଛି । ଡବଲ ଇଞ୍ଜିନ ସରକାର କହୁଥିବା ବେଳେ ବଜେଟ୍ ଅର୍ଥ ଖର୍ଚ୍ଚ କରିପାରୁନାହାଁନ୍ତି ସରକାର । କେନ୍ଦ୍ରୀୟ ଅନୁଦାନ ୪୧ ହଜାର କୋଟି ଟଙ୍କା ଆକଳନ କରିଥିବା ବେଳେ ମାତ୍ର ୭୬୧୩ କୋଟି ଟଙ୍କା ପାଇଛି ରାଜ୍ୟ ।

ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ମୌସୁମୀ ଅଧିକ ଦିନ ରହିବା କାରଣରୁ ଭିତ୍ତିଭୂମି ବ୍ୟୟ ଯେଉଁ ପରିମାଣରେ ହେବା କଥା ତାହା ହୋଇପାରିନି । ଯେଉଁ ବିଭାଗରେ ବ୍ୟୟ କମ୍ ରହିଛି ମୁଖ୍ୟ ସଚିବ ଓ ଅର୍ଥ ବିଭାଗ ସମୀକ୍ଷା କରୁଛନ୍ତି । କେନ୍ଦ୍ରୀୟ ଟିକସ ବାବଦରୁ ରାଜ୍ୟର ପ୍ରାପ୍ୟ ୬୪ ହଜାର ୪୦୮ କୋଟି ଟଙ୍କା ଆକଳନ ହୋଇଥିବା ବେଳେ ଅକ୍ଟୋବର ସୁଦ୍ଧା ୩୭ ହଜାର ୮୦୬ କୋଟି ଟଙ୍କା ମିଳିସାରିଛି । ରାଜ୍ୟର ଜିଡିପି ସୁସ୍ଥ ସ୍ଥାନରେ ଅଛି । ୬ ପ୍ରତିଶତ ଅଧିକ ରାଜ୍ୟର ଭିତ୍ତିଭୂମି ବୃଦ୍ଧି କରାଯାଇଛି ।

ବିଜେପି ବିଧାୟକ ସନାତନ ବିଜେଡି ବିକଶିତ ଓଡିଶା ଯୋଜନା ସମ୍ପର୍କରେ ପ୍ରଶ୍ନ କରିଥିଲେ । ଉତ୍ତରରେ ମନ୍ତ୍ରୀ କହିଥିଲେ ଚଳିତ ମାସରୁ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ଜାନୁଆରୀରେ ପଞ୍ଚାୟତିରାଜ ବିଭାଗର ଅଧିକ ବ୍ୟୟ ହେବ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚଳିତ ବଜେଟ୍‌ର ୭୦.୩୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । ବାକି ବିଭାଗ ଗୁଡିକ ବଜେଟ୍ ଅର୍ଥ ଖର୍ଚ୍ଚ କମ୍ ରହିଛି । ତେବେ କ୍ରୀଡା ଓ ଯୁବ ସେବା ବିଭାଗ ଅକ୍ଟୋବର ସୁଦ୍ଧା ୮.୮୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଇସ୍ପାତ ଓ ଖଣି ବିଭାଗ ୧୬.୩୩, ଅଣୁ, କ୍ଷୁଦ୍ର ଓ ମଧ୍ୟମ ବିଭାଗ ୧୭.୫୩ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା (୯ ପୃଷ୍ଠାରେ)

MONOMARK ENGINEERING
MONOMARK ENGINEERING INDIA LIMITED
JOB LOCATION - LANJIGARH ODISHA WORK : PUMP MAINTENANCE
Documents Required :- Updated Resume , Last 3 Month Pay Slips , Bank Statement along with Academic Qualification & Experience Letter

| Requirement | Qualification | Experience |
|---|---|---|
| Pump, Valve , Seal Fitter | ITI-FITTER | 5-6 Years |
| Mill Wright Fitter | ITI-FITTER | 8-10 Years |
| Instrument Technician | ITI | 5-6 Years |
| Safety Officer | B.tech / Diploma with PDIS | 5-8 Years |

Interested candidates may please send your updated resume on: careers@monomark.co.in/ You may alternatively call on -7008159747

୧୮୮୬ – ଉତ୍ତରପ୍ରଦେଶର ପ୍ରସିଦ୍ଧ ଜନସେବକ ତଥା ସନ୍ଥ ବାବା ରାଘବଦାସଙ୍କ ଜନ୍ମ ।

୧୯୧୧ – ବ୍ରିଟେନ୍‌ର ପ୍ରଥମ ରାଜା ଓ ରାଣୀ ରୂପେ ଜର୍ଜ ପଞ୍ଚମ ଓ କୁଇନ୍ ମ୍ୟାରୀ ଭାରତ ଆସିଲେ । ତାଙ୍କରି ଆଗମନ ସ୍ମୃତିରେ ହିଁ ଗେଟ୍‌ୱେ ଅଫ୍ ଇଣ୍ଡିଆ ନିର୍ମାଣ କରାଗଲା ।

୧୯୧୮ – ଭାରତର ପ୍ରମୁଖ ଶିକ୍ଷାଶାସ୍ତ୍ରୀ ଗୁରୁଦାସ ବାନାର୍ଜୀଙ୍କ ପରଲୋକ ।

୧୯୩୭ – ପ୍ରସିଦ୍ଧ ରାଜନୈତିକ ତଥା ପୂର୍ବତନ ଲୋକସଭା ଅଧ୍ୟକ୍ଷ ମନୋହର ଯୋଶୀଙ୍କ ଜନ୍ମ ।

୧୯୪୨ – ପୁଡୁଚେରୀରେ ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲର ସ୍ଥାପନା କରାଗଲା । ପରେ ଏହାକୁ ଶ୍ରୀଅରବିନ୍ଦ ଇଣ୍ଟରନ୍ୟାସନାଲ ସେଣ୍ଟର ଅଫ୍ ଏଜୁକେସନ ନାଁରେ ଜଣାଗଲା ।

୧୯୬୩ – ପ୍ରସିଦ୍ଧ ଭାରତୀୟ – ଆମେରିକୀୟ ବୈଜ୍ଞାନିକ ଶିବା ଆୟାଦୁରାଇଙ୍କ ଜନ୍ମ ।

୧୯୮୯ – ବିଶ୍ୱନାଥ ପ୍ରତାପ ସିଂଙ୍କ ଦେଶର ସପ୍ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ।

୧୯୯୯ – ବିଶ୍ୱପ୍ରସିଦ୍ଧ ଗିଟାରବାଦକ ଚାର୍ଲି ଲି. ବର୍ଡନଙ୍କ ନିଧନ ।

# ଶୀତଦିନେ ରୁମ୍ ହିଟର ବ୍ୟବହାର

ଏବେ ଶୀତର ପ୍ରକୋପ ବଢ଼ିଛି । ପ୍ରାୟତଃ ଶୀତ ଦିନେ ଥଣ୍ଡାରୁ ଆରାମ ପାଇବା ପାଇଁ ଅନେକ ଲୋକ ରୁମ ହିଟର ବ୍ୟବହାର କରିଥାନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ଅଛନ୍ତି, ଯେଉଁମାନେ ଘଣ୍ଟା ଘଣ୍ଟା ଧରି ରୁମ ହିଟର ବ୍ୟବହାରରେ ଅଭ୍ୟସ୍ତ । ତେବେ ଘଣ୍ଟା ଘଣ୍ଟା ଧରି ଏହି ଦୀର୍ଘ ସମୟର ବନ୍ଦ ରୁମ ଭିତରେ ହିଟର ବ୍ୟବହାର ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ । ଏକ ସ୍ୱାସ୍ଥ୍ୟ ଭିତ୍ତିକ ଅଧ୍ୟୟନର ରିପୋର୍ଟ ମୁତାବକ ଅଧିକ ସମୟ ଧରି ରୁମ ହିଟର ବ୍ୟବହାର ଦ୍ୱାରା ମସ୍ତିଷ୍କ ସହ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ । ତେବେ ବଡ଼କଥା ହେଉଛି ଏହା ଜଣଙ୍କର ଶାରୀରିକ ଅଭିବୃଦ୍ଧି, ପାଚନ ପ୍ରକ୍ରିୟା, ନିଦ୍ରା ବ୍ୟବସ୍ଥା ଓ ଶାରୀରିକ ସନ୍ତୁଳନକୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ। ରୁମ ହିଟର ଚଳାଇବା ଦ୍ୱାରା କୋଠରୀରେ ଅମ୍ଳଜାନ ମାତ୍ରା ହ୍ରାସ ପାଏ । ମସ୍ତିଷ୍କକୁ ସଠିକ ମାତ୍ରାର ଅମ୍ଳଜାନ ମିଳିପାରୁ ନଥିବାରୁ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ ଆଦି ସମସ୍ୟା ହୋଇଥାଏ । ହୃଦଘାତର କାରଣ ହୋଇପାରେ । ଦୀର୍ଘସମୟ ଧରି ଅମ୍ଳଜାନ କମ ଯୋଗୁଁ ମସ୍ତିଷ୍କର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇପାରେ । ସ୍ମୃତିଶକ୍ତି ହ୍ରାସ ପାଇବା ସହ ନିର୍ଣ୍ଣୟ ନେବା କ୍ଷମତା ଉପରେ ପ୍ରଭାବ ପଡ଼େ ।



ତ୍ୱଚା ଏବଂ ଦୃଷ୍ଟିଶକ୍ତି ଉପରେ ଏହା ପ୍ରଭାବ ପକାଇଥାଏ । ରୁମ ହିଟର ଜଳାଇବା ଦ୍ୱାରା କୋଠରୀର ଆର୍ଦ୍ରତା ନିୟନ୍ତ୍ରଣରେ ରହେନାହିଁ । ଏହାଦ୍ୱାରା ଚର୍ମକୁ କ୍ଷତି ପହଞ୍ଚିଥାଏ । ତ୍ୱଚା ଶୁଷ୍କ ହୋଇଥାଏ । ଆଖି ଜଳାପୋଡ଼ା, ହାଇଡ୍ରେଟ ସମସ୍ୟା ବୃଦ୍ଧି ପାଇଥାଏ । ତେଣୁ ଅଧିକ ସମୟ ରୁମ ହିଟର ପାଖେ ବସିବା ଦ୍ୱାରା ତ୍ୱଚା ଡିହାଇଡ୍ରେଟ ହୋଇପାରେ, ଏହାଫଳରେ ଶରୀର କୁଣ୍ଡାଇ ହୋଇପାରେ । ରୁମ ହିଟରରୁ ବାହାରୁଥିବା ଗରମ ବାୟୁ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି କରିପାରେ । ଶ୍ୱାସ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରେ । ଅଧିକ ସମୟ ରୁମ ହିଟର ବ୍ୟବହାର ଦ୍ୱାରା ନାକ ଏବଂ ଗଳା ଶୁଖିବାର ଆଶଙ୍କା ଥିବାରୁ ସଂକ୍ରମଣ ଆଶଙ୍କା ବଢ଼ିଯାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହିଟରର ଅତ୍ୟଧିକ ବ୍ୟବହାର ଯୋଗୁଁ କୋଠରୀର କାର୍ବନ ମନୋକ୍ସାଇଡ଼ ସ୍ତର ବଢ଼ିଯାଏ । ଫଳରେ ମସ୍ତିଷ୍କରେ ରକ୍ତ ଅଭାବ ଦେଖାଯିବା ସହ ମସ୍ତିଷ୍କକୁ ଗୁରୁତର କ୍ଷତି ପହଞ୍ଚାଏ । ମସ୍ତିଷ୍କରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ବଢ଼ିଯାଏ । ଏଥିରୁ କିପରି ବର୍ତ୍ତିବେ ସେ ନେଇ ପ୍ରଥମ କଥା ହେଉଛି ରୁମ ହିଟର ଚଳାଚଳ ପାଇଁ ସାମାନ୍ୟ ବନ୍ଦୋବସ୍ତ ରଖନ୍ତୁ । ହିଟର ସହ ହ୍ୟୁମିଡ଼ିଫାୟର ବ୍ୟବହାର ଦ୍ୱାରା ଆଦ୍ରତା ବଜାୟ ରହିବ । ଏହାସହ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଅନ୍ତୁ । ଦୀର୍ଘସମୟ ରୁମ ହିଟର ବ୍ୟବହାର ନକରି ମଝିରେ ମଝିରେ ବନ୍ଦ ରଖନ୍ତୁ । ରୁମକୁ ଉଷୁମ ରଖିବା ପାଇଁ ଆବଶ୍ୟକୀୟ ପ୍ରାକୃତିକ ବ୍ୟବସ୍ଥା ଆପଣାନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ ।

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



# ପର୍ଯ୍ୟଟକ ଚୋରି କରୁଛନ୍ତି ପଥର

ବେଲଜିୟମର ସୁନ୍ଦର ସହର ବ୍ରୁଗସର ବାସିନ୍ଦା ବର୍ତ୍ତମାନ ଖୁବ ସମସ୍ୟାରେ ଅଛନ୍ତି । ଏହା ପଛରେ କାରଣ ରହିଛି ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବର୍ତ୍ତମାନ ଏଠାରୁ ପଥର ଚୋରି କରିବାରେ ଲାଗିଛନ୍ତି । ସୂଚନା ଅନୁସାରେ ନିକଟରେ ସହରର ଜଣେ ସ୍ଥାନୀୟନେତା ଏନେଇ ସୂଚନା ଦେଇଛନ୍ତି । ପ୍ରତିମାସରେ ଏଠିକାର ରାସ୍ତାରୁ ୫୦ ରୁ ୭୦ଟି ପଥର ଗାୟବ ହୋଇଯାଉଛି । ସେହିଭଳି ବୁଲିବା ସିଜିନ୍‌ରେ ଏହା ବଢି ୧୦୦ ପାରି କରୁଛି । ଯାହାଫଳରେ ସେଠିକାର ସରକାରଙ୍କୁ ଅନେକ ସମସ୍ୟା ହେଉଛି । ସରକାରଙ୍କୁ ରାସ୍ତା ମରିମତି ପାଇଁ ଖୁବ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହି ସହର ନିଜର ଖୁବ ପୁରୁଣା ବିଲ୍ଡିଂ ଓ ପଥର ପାଇଁ ପରିଚିତ । ତେଣୁ ଏଠାକୁ ଆସୁଥିବା ଲୋକମାନେ ଏହି ପଥରକୁ ଚୋରାଇ ନେଇଯାଉଛନ୍ତି ।



# ନିଆରା ଚାକିରି

ସୋସିଆଲ ମିଡିଆରେ ଜଣେ ମହିଳା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ସୂଚନା ଅନୁସାରେ ଏହି ବୃଦ୍ଧାଜଣଙ୍କ ନିଜ ପାଇଁ ଏକ ଝିଅ ଖୋଜୁଛନ୍ତି ଯିଏ ତାଙ୍କର ସନ୍ତାନ ହେବ । ତେବେ ଏଥିପାଇଁ ବୃଦ୍ଧା ଜଣଙ୍କ ଏକ ନିଆରା ଉପାୟ ବାହାର କରିଛନ୍ତି, ଯେଉଁଥିରେ ସେ ଏହାକୁ ଚାକିରି ଭଳି ବିଜ୍ଞାପନ ଦେଇଛନ୍ତି । ଯିଏ ତାଙ୍କର ଝିଅ ହୋଇ ଧ୍ୟାନ ରଖିବ ତାଙ୍କୁ ପ୍ରତି ମାସ ୩୫ ହଜାର ଟଙ୍କା ଦରମା, ଗୋଟିଏ ଫ୍ଲାଟ ସହିତ ୫୬ ଲକ୍ଷର ସମ୍ପତ୍ତିରେ ମଧ୍ୟ ଭାଗ ମିଳିବ । ଏଥିପାଇଁ ତାଙ୍କୁ ଏକ କଣ୍ଟ୍ରାକ୍ଟ ସାଇନ କରିବାକୁ ହେବ । ଯେଉଁଥିରେ ସେ କିଭଳି ନିଜ ବୃଦ୍ଧା ମହିଳାଙ୍କର ଉପଯୁକ୍ତ ଯତ୍ନ ନେବେ ସେନେଇ ଚୁକ୍ତି ହେବ । ଝିଅ ହେବାପରେ ତାଙ୍କୁ ବୃଦ୍ଧାଙ୍କର ଭଲଭାବେ ଯତ୍ନ ନେବାକୁ ହେବ, ଯେହେତୁ ସେ ଆଜମାରେ ପିଡିତ । ସୂଚନା ଅନୁସାରେ ତାଙ୍କର ଦୁଇଟି ଝିଅ ଅଛନ୍ତି ହେଲେ ବଡ ଝିଅ ତାଙ୍କ ସହିତ ସମ୍ପର୍କ ରଖିନାହାନ୍ତି ଏବଂ ସାନ ଝିଅ ମାନସିକ ସ୍ତରରେ ଅକ୍ଷମ । ତେଣୁ ସେ ଜଣେ ଝିଅ ଖୋଜୁଛନ୍ତି ବୋଲି ବିଜ୍ଞାପନରେ ଦର୍ଶାଇଛନ୍ତି ।

## ସୋସିଆଲ କୋଟ୍ସ

" ଅକ୍ଷୟ ମୋର ସବୁଠାରୁ ଭଲ ସାଙ୍ଗ । ସେହିଭଳି ସେ ହେଉଛନ୍ତି ଇଣ୍ଡଷ୍ଟ୍ରୀର ବେଶ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ । ତାଙ୍କ ସହ କାମ କରି ମୁଁ ଅନେକ କିଛି ଶିଖିଛି ।

ରବିନା ଟଣ୍ଡନ, ଅଭିନେତ୍ରୀ





" ଯେତେବେଳେ ମୁଁ ଶୋ' ଛାଡିଥିଲି, ସେତେବେଳେ ଭାବିଥିଲି ପଇସା ବି ମାଗିବି ନାହିଁ । ମୋର ୩ମାସର ଅର୍ଥ ସେମାନଙ୍କ ଉପରେ ବାକି ରହିଛି । ଏହି ବାକି ଅର୍ଥ ଖୁବ ଅଧିକ ମଧ୍ୟ ।

ଜେନିଫର, ଅଭିନେତ୍ରୀ

" ଗୋଟିଏ ଶୋ'ରେ ଆମିରଙ୍କ ହାତରୁ ଦାଣ୍ଡିଆ କାଠି ଖସି ଯାଇଥିଲା, ଯାହା ଜଣେ ମହିଳାଙ୍କୁ ଆଘାତ ଦେଇଥିଲା । ଯାହାଫଳରେ ତାଙ୍କ ମୁଣ୍ଡରୁ ରକ୍ତ ବାହାରିଥିଲା । ମୁଁ ଏହାକୁ କେବେ ଭୁଲିବିନି ।

ସଲମାନ ଖାନ, ଅଭିନେତା



# ଲୁହ ବିକ୍ରି କରୁଛନ୍ତି ମହିଳା

ଆମେରିକାର ଜଣେ ମହିଳା ବର୍ତ୍ତମାନ ଏକ ସ୍ୱତନ୍ତ୍ର ପ୍ରକାରର ବ୍ୟବସାୟ ଆରମ୍ଭ କରିଛନ୍ତି । ସେ ଲୁହ ବିକ୍ରି କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ସେ ନିଜ ଲୁହକୁ ଏକ ଛୋଟ ବୋତଲରେ ରଖିଥାଆନ୍ତି । ଏହି ପ୍ରତିଟି ବୋତଲକୁ ୫୦୦ ପାଉଣ୍ଡ ବା ୫୨ ହଜାର ଟଙ୍କାରେ ବିକ୍ରି କରିଥାଆନ୍ତି । ତାଙ୍କ ମତରେ ଡିସେମ୍ବର ମାସରେ ସେ ସବୁଠାରୁ ଅଧିକ ଲୁହ ସଞ୍ଚୟ କରିଥାଆନ୍ତି । ତେବେ ଲୋକମାନେ ତାଙ୍କ ଲୁହ କଣ ପାଇଁ କିଣନ୍ତି ସେ ନେଇ କିଛି ସୂଚନା ନାହିଁ । କିନ୍ତୁ ଏହି ବ୍ୟବସାୟକୁ ମହିଳା ଜଣଙ୍କ ବଢାଇବାକୁ ଚାହୁଁଥିବା ଜଣାପଡିଛି । ଏହି ଅର୍ଥରେ ସେ ଏକ ଭଲ ଜୀବନ ବଞ୍ଚୁଛନ୍ତି ।



# ବାହାହେବେନି ନବ୍ୟା !

ଅଭିନେତ୍ରୀ ଜୟା ବଚ୍ଚନ ନିଜ ନାତୁଣି ନବ୍ୟାଙ୍କ ବିବାହକୁ ନେଇ ଏକ ବୟାନ ଦେଇଛନ୍ତି ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ନବ୍ୟା କେବେ ବି ବିବାହ ନକରନ୍ତୁ ବୋଲି ଜୟା ଚାହୁଁଥିବା ପ୍ରକାଶ କରିଛନ୍ତି । ଦି ଉଇମେନ ଇଭେଣ୍ଟରେ ଜୟା ଏଭଳି କିଛି ମନ୍ତବ୍ୟ ଦେଇଛନ୍ତି ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଜୀବନର ମଜା ସବୁବେଳେ ନେବାର ଆବଶ୍ୟକତା ରହିଛି । ବିବାହ ଏଭଳି ଏକ ଲଡୁ ଯାହାକୁ ଯିଏ ଖାଇବ ସେ ବି ପସ୍ତେଇବ ଯିଏ ନଖାଇବ ସେ ବି ପସ୍ତେଇବ । ତେଣୁ ବର୍ତ୍ତମାନ ନବ୍ୟା ଜୀବନରୁ ଯେତେ ପାରୁଛନ୍ତି ମଜା ନିଅନ୍ତୁ ବୋଲି ଜୟା ମତ ଦେଇଛନ୍ତି । ଭବିଷ୍ୟତରେ ସେ କଣ ନିଷ୍ପତ୍ତିନେବେ ଦେଖିବା ବୋଲି ଜୟା ଏଠାରେ କହିଛନ୍ତି ।





# ଚିକେନ୍ ପଟାଟୋ କବାବ୍

**ସାମଗ୍ରୀ–** ସିଝା ଆଳୁ, ସିଝା ଚିକେନ୍, ଗରମ ମସଲା, ଲୁଣ, ଜିରାଗୁଣ୍ଡ, ଚିକେନ ମସଲା, ସୋୟା ସସ୍, ଗୋଲମରିଚ ଗୁଣ୍ଡ, ଅଦା ରସୁଣ ପେଷ୍ଟ, କଞ୍ଚାଲଙ୍କା, ଧନିଆ ପତ୍ର, ପୋଦିନ ପତ୍ର, ଅଣ୍ଡା, ବ୍ରେଡ୍ କ୍ରମ୍ବ ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ ଓ ଚିକେନକୁ ଭଲଭାବେ ମିଶାଇ ନିଅନ୍ତୁ । ଏହାପରେ ଏଥିରେ ଗରମ ମସଲା, ଲୁଣ, ଜିରା ପାଉଡର, ଚିକେନ ମସଲା, ଗୋଲ ମରିଚ ଗୁଣ୍ଡ, ଅଦାରସୁଣ ପେଷ୍ଟ, ସୋୟା ସସ୍‌କୁ ମିଶାନ୍ତୁ । ସବୁ ମସଲାକୁ ମିଶାଇବା ପରେ ୧୦ରୁ ୧୫ ମିନିଟ୍ ପାଇଁ ଫ୍ରିଜ୍‌ରେ ରଖିଦିଅନ୍ତୁ । ଏହାପରେ ଏହି ମିଶ୍ରଣରୁ ଛୋଟଛୋଟ ଟିକ୍କି ଆକାରର କରନ୍ତୁ । ପ୍ରସ୍ତୁତ ହୋଇଯିବ ଚିକେନ୍ ପଟାଟୋ କବାବ୍ ।

# ମହାମାରୀ ସାଜିଛି ଓବେସିଟି

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁସାରେ ବର୍ତ୍ତମାନ ଓବିସିଟି ବା ମେଦବହୁଳତା ମହାମାରୀରେ ପରିଣତ ହୋଇଛି । ଡବ୍ଲୁଏଚ୍‌ଓର ସୂଚନା ଅନୁସାରେ ବିଶ୍ୱରେ ପ୍ରତିବର୍ଷ ୨୮ ଲକ୍ଷ ଲୋକଙ୍କର ମେଦବହୁଳତା କାରଣରୁ ମୃତ୍ୟୁ ହେଉଛି । ଭାରତ ସହିତ ବିଶ୍ୱର ଅନେକ ଦେଶ ବର୍ତ୍ତମାନ ମେଦବହୁଳତା କାରଣରୁ ଚିନ୍ତିତ ଅଛନ୍ତି । ଏହାଯେପରି ଏକ ମହାମାରୀରେ ପରିଣତ ହୋଇଛି । ତେବେ ଏହାକୁ ଠିକ୍ କରିବା ପାଇଁ ପ୍ରଥମେ ଏହାର କାରଣକୁ ବୁଝିବାର ଆବଶ୍ୟକତା ରହିଛି ବୋଲି ଡବ୍ଲୁଏଚ୍‌ଓର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ବିଗତ ୧୫ ବର୍ଷ ହେଲା ଏହି ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ତେଣୁ ଏହି ରୋଗକୁ ହରାଇବାକୁ ହେଲେ ପ୍ରଥମେ ଏହାକୁ ବୁଝି ଏଥିପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏହାର କାରଣ ଜାଣିଲେ ହିଁ ମେଦବହୁଳତାକୁ ଆୟତ କରିହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।





ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନ ଠାରେ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି।



ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବୀନ ନିବାସରେ ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ।

## ୧୭ ମାସରେ ଜେଲରୁ ଖସି ପଳାଇଛନ୍ତି ୧୩ କଏଦୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ୧୭ ମାସ ମଧ୍ୟରେ ମୋଟ ୧୩ ଜଣ କଏଦୀ ଜେଲରୁ ଖସି ପଳାଇଛନ୍ତି ଏବଂ ୮ ଜଣ କଏଦୀ ନିଜ ଜୀବନ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ସୂଚନା ଦେଇଛନ୍ତି । ବିଧାୟକ ପବିତ୍ର ସାଉଁନ୍ତାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି ଯେ, ସେହି ସମୟ ମଧ୍ୟରେ ୩୯ ଜଣ ଅଭିଯୁକ୍ତ ପୋଲିସ ହେପାଜତରୁ ଖସି ପଳାଇବାରେ ସଫଳ ହୋଇଛନ୍ତି । କେବଳ ଗତ ବର୍ଷ ୩୧ ଜଣ ବିଚାରାଧୀନ କଏଦୀ ହାଜତରେ ମୃତ୍ୟୁବରଣ କରିଥିଲେ । ରାଜ୍ୟ ଜେଲରୁ ୭୪,୨୩୬ ଜଣ କଏଦୀଙ୍କୁ ମୁକ୍ତ କରାଯାଇଥିଲା । ଚଳିତ ବର୍ଷ ୨୪ ନଭେମ୍ବର ସୁଦ୍ଧା ଓଡ଼ିଶାର ସମସ୍ତ ଜେଲରେ ମୋଟ ୧୮,୬୫୯ ଜଣ କଏଦୀ ବନ୍ଦୀ ଅଛନ୍ତି । ସରକାର ଜେଲରେ ମଦ, ନିଶାଦ୍ରବ୍ୟ କିମ୍ବା ଅନ୍ୟାନ୍ୟ ନିଷିଦ୍ଧ ପଦାର୍ଥ ପ୍ରବେଶକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି । ଚୋରା ଦ୍ରବ୍ୟ ସମ୍ପର୍କରେ ଯେକୌଣସି ସୂଚନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଏ ଏବଂ ଜେଲ ପ୍ରଶାସନ ନିୟମିତ ତଲାସ କରେ, ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରେ ଏବଂ ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ସମସ୍ତ ଆସୁଥିବା ସୂଚନା ଯାଞ୍ଚ କରାଯାଉଛି । ଯେକୌଣସି ଅନିୟମିତତା ଚିହ୍ନଟ ହେଲେ ଜେଲ୍ କର୍ତ୍ତୃପକ୍ଷ ନିୟମ ଅନୁଯାୟୀ ତୁରନ୍ତ ସମାଧାନ କରୁଛନ୍ତି ।

### ଡାକ୍ତର ପଦବୀ ପୂରଣ ନେଇ ଗୃହରେ ଉଦ୍‌ବେଗ

## ରାଜ୍ୟରେ ଏବେ ବି ୯,୫୦୩ ଡାକ୍ତର ପଦବୀ ଖାଲି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚସି) ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି)ରେ ଡାକ୍ତର ପଦବୀ ଖାଲି ପଡ଼ିଛି । ରାଜ୍ୟ ସକରାରଙ୍କ ୧୫ ହଜାର ୭୭୪ଟି ମଞ୍ଜୁରପ୍ରାପ୍ତ ଡାକ୍ତର ପଦବୀ ଅଛି । ସେଥି ମଧ୍ୟରୁ ୯ ହଜାର ୫୦୩ଜଣ ଡାକ୍ତର ପଦବୀ ଖାଲି ପଡ଼ିଛି । ଅର୍ଥାତ ସରକାରୀ ଡାକ୍ତରଖାନାରେ ମୋଟ ୬୦ ପ୍ରତିଶତ ଡାକ୍ତର ନାହାନ୍ତି । ଯାହାକୁ ନେଇ ଗୃହରେ ବିରୋଧୀ ଓ ଶାସକ ଦଳ ସଦସ୍ୟ ଉଦବେଗ ପ୍ରକାଶ କରିଛନ୍ତି ।

ବିଜେପି ବିଧାୟିକା ସଞ୍ଜଳି ମୁର୍ମୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଖାଲି ପଡ଼ିଥିବା ପଦବୀ ପୂରଣ ନେଇ ପ୍ରଶ୍ନ କରିଥିବା ବେଳେ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ ସୋନପୁର ଜିଲ୍ଲାରେ ଖାଲି ପଡିଥିବା ୨୦୯ ପଦବୀ ପୂରଣ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ଦାବି କରିଥିଲେ । ଏହା ସହିତ ନାଇକେନପଲ୍ଲୀରେ କୌଣସି ବିଶେଷଜ୍ଞ(ସ୍ପେଶାଲିଷ୍ଟ) ନଥିବାରୁ ଉଦବେଗ ପ୍ରକାଶ କରିଥିଲେ । କଂଗ୍ରେସ ବିଧାୟକ ଅଶୋକ ଦାସ ଭଦ୍ରକ ସରକାରୀ ମେଡିକାଲ୍ କଲେଜ କାମ ତ୍ୱରାନ୍ୱିତ କରିବାକୁ ଦାବି ଉଠାଇଥିଲେ । ବିଜେଡିର ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ ଜିଲ୍ଲାରେ ୧୬୦ ଡାକ୍ତର ପଦବୀରୁ ୧୨୦ ଥିବା ବେଳେ ଆଦୌ ଜୁନିୟର ରେସିଡେଣ୍ଟ ନଥିବା ନେଇ ଉଦବେଗ ପ୍ରକାଶ କରିଥିଲେ । ବିଜେପିର ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଚାନ୍ଦପୁରରେ ମେଡିକାଲ୍ କଲେଜ ହେବା ପ୍ରସ୍ତାବ ନେଇ ସରକାର କ'ଣ ଚିନ୍ତା କରୁଛନ୍ତି, ଜାଣିବାକୁ ଚାହିଁଥିଲେ । ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଧାୟକ ଅଶ୍ୱିନୀ ପାତ୍ର, ବିଜୟ ଦଳବେହେରା, ଗଣେଶ୍ୱ ବେହେରା ପ୍ରଶ୍ନ ପଚାରିଥିବା ବେଳେ ବିଧାୟିକା ଉପାସନା ମହାପାତ୍ର ପୁରୀରେ ଶ୍ରୀ ଜଗନ୍ନାଥ ହସ୍ପିଟାଲରେ ବର୍ଣ୍ଣୟୁନିଟ ପ୍ରତିଷ୍ଠା ଲାଗି ଦାବି କରିଥିଲେ ।

### ୨୦୨୯ ସୁଦ୍ଧା ଡାକ୍ତର ପଦବୀ ପୂରଣ ହେବ :ସ୍ୱାସ୍ଥ୍ୟମନ୍ତ୍ରୀ

ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ କହିଥିଲେ, ୨୦୨୯ ସୁଦ୍ଧା ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ ହେବ । ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ପୂରଣ କରିବା ସହିତ ଏଥିପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି । ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିବ ପିଜି ଡିପ୍ଲୋମା ପାଠ୍ୟକ୍ରମ । ଫଳରେ ଉପକ=ରେ ଥିବା ପିଏଚସି ଓ ସିଏଚସିରେ ଡାକ୍ତର ପଦବୀ ପୂରଣ ହୋଇପାରିବ । ତେବେ ବିଜେଡି ୨୪ ବର୍ଷ ଧରି କ୍ଷମତାରେ ଥିଲା । ତେଣୁ ରାଜ୍ୟର ସ୍ୱାସ୍ଥ୍ୟାବସ୍ଥା ଯାହା ଥିଲା, ତାହା ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇଛୁ । ବର୍ତ୍ତମାନ୍ ସୁଦ୍ଧା ୫ ହଜାର ୧୯୫ ମେଡିକାଲ ଅଫିସର ଓ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତ ହୋଇଛନ୍ତି । କିନ୍ତୁ ସ୍ପେସିଆଲିଷ୍ଟ ଡାକ୍ତର ଅଭାବ ରହିଛି । ଆଗାମୀ ଦିନରେ ପଦବୀ ପୂରଣ କରାଯିବ । ଏହା ସହିତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆସନ୍ତା ରଥଯାତ୍ରା ପୂର୍ବରୁ ବର୍ଣ୍ଣୟୁନିଟ ପ୍ରତିଷ୍ଠା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହକୁ ସୂଚନା ଦେଇଥିଲେ ।

### ୩୬ତମ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମହୋତ୍ସବ ଉଦ୍‌ଘାଟିତ

## କୋଣାର୍କ ଉତ୍ସବ ଓଡିଶାର ସାଂସ୍କୃତିକ ଅସ୍ମିତାର ଉଜ୍ଜ୍ୱଳ ପରିଚୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ୩୬ ତମ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିରର ପୃଷ୍ଠଭୂମିରେ ଏହି ଉତ୍ସବ ଦେଶ ବିଦେଶର କଳାପ୍ରେମୀ ମାନଙ୍କ ପାଇଁ ଆକର୍ଷଣର ଅନ୍ୟତମ କେନ୍ଦ୍ର । ଶାସ୍ତ୍ରୀୟ ନୃତ୍ୟ ଗୁଡିକ କେବଳ ଏକ ଆର୍ଟ ଫର୍ମ ନୁହେଁ, ଏହା ହେଉଛି କଳା ମାଧ୍ୟମରେ ଆଧ୍ୟାତ୍ମିକତାର ଏକ ମହାନ ଅନୁଭବ, ଈଶ୍ୱର ପ୍ରାପ୍ତିର ଏକ ମାର୍ଗ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଥିଲେ ଯେ, କୋଣାର୍କ ଉତ୍ସବ ହେଉଛି ଆମ ଓଡିଶାର ସାଂସ୍କୃତିକ ଅସ୍ମିତାର ଏକ ଉଜ୍ଜ୍ୱଳ ପରିଚୟ। ଏହି ଉତ୍ସବ କେବଳ ଓଡିଶାର କଳା ନୁହେଁ, ବରଂ ଓଡିଶାର ସାମଗ୍ରିକ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ଓଡିଶୀ ସହିତ ଭାରତନାଟ୍ୟମ, କଥାକଳୀ, ମଣିପୁରୀ ଓ କଥକ ଆଦି ନୃତ୍ୟ ପରିବେଷଣ ପାଇଁ ବିଭିନ୍ନ ରାଜ୍ୟରୁ ନୃତ୍ୟ ଶିଳ୍ପୀମାନେ ଆସିଛନ୍ତି । ଏହି ମଞ୍ଚରେ ଭାରତର ବିଭିନ୍ନ ରାଜ୍ୟର ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ଆମ ଦେଶର ସାଂସ୍କୃତିକ ସମ୍ପଦକୁ ବଞ୍ଚାଇ ରଖିବା ପାଇଁ ଏକ ଉତ୍ତମ ପ୍ଲାଟଫର୍ମ ବୋଲି ସେ କହିଥିଲେ।



କୋଣାର୍କ ଉତ୍ସବ ଅବସରରେ ଚନ୍ଦ୍ରଭାଗାଠାରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଏହି ଉତ୍ସବରେ ଆମ ଦେଶର ବିଭିନ୍ନ ରାଜ୍ୟ ଏବଂ ବିଦେଶର ୧୪୩ ଜଣ ବାଲୁକା ଶିଳ୍ପୀ ଯୋଗଦେଇଛନ୍ତି। ଜାପାନ, ସ୍ପେନ୍, ଋଷିଆ, ନେଦରଲ୍ୟାଣ୍ଡ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କା ଆଦି ଦେଶରୁ ପ୍ରଖ୍ୟାତ ବାଲୁକା ଶିଳ୍ପୀମାନେ ଆସିଛନ୍ତି। ଦେଶ ବିଦେଶରୁ ଏତେ ସଂଖ୍ୟାରେ ବାଲୁକା ଶିଳ୍ପୀ ଯୋଗଦେବା ଏହି ଉତ୍ସବର ଲୋକପ୍ରିୟତା ପ୍ରମାଣିତ କରୁଛି। ଏହି ସ୍ୱତନ୍ତ୍ର ଆୟୋଜନ ପାଇଁ ବାଲୁକା କଳା ମହୋତ୍ସବର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ହେଉଥିବା ସୁଭଦ୍ରା ଶକ୍ତି ମେଳାକୁ ମୁଖ୍ୟମନ୍ତ୍ରୀ

### ଉଦ୍‌ଘାଟିତ ହେଲା ୧୫ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ, ସୁଭଦ୍ରା ଶକ୍ତି ମେଳା

ଉଦ୍‌ଘାଟନ କରିବା ସହିତ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ଅର୍ଗାନିକ ଉତ୍ପାଦ ସହିତ ୨୦୦ରୁ ଅଧିକ ସାମଗ୍ରୀର ପ୍ରଦର୍ଶିତ ହେଉଛି। ପ୍ରାୟ ୨୦୦ରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ମା ମାନେ ୧୫୦ଟି ଷ୍ଟଲରେ ସେମାନଙ୍କର ସାମଗ୍ରି ପ୍ରଦର୍ଶିତ କରୁଛନ୍ତି। ଏହି ମେଳା ଦ୍ୱାରା ମହିଳା ମାନଙ୍କ ଉତ୍ପାଦିତ ଦ୍ରବ୍ୟ ପ୍ରତି ଜାତୀୟ ଓ ଅନ୍ତର୍ଜାତୀୟ ମାର୍କେଟରେ ଆଗ୍ରହ ସୃଷ୍ଟି ହେବ। ଆଗାମୀ ଦିନରେ ସୁଭଦ୍ରା ଶକ୍ତି ମା'ମାନେ ନିଜର କଳା, ପରିଶ୍ରମ ଓ ବ୍ୟବସାୟିକ ସାମର୍ଥ୍ୟ ଯୋଗୁ ସ୍ୱଚ୍ଛଳ ହେବା ସହିତ ଉଦ୍ୟୋଗୀ ଭାବେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ପୁରୀ ବିଧାୟକ ଶ୍ରୀ ସୁନିଲ ମହାନ୍ତି, ପିପିଲି ବିଧାୟକ ଶ୍ରୀ ଆଶିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍‌ପ୍ରକାଶ ମିଶ୍ର, କାକଟପୁର ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଶ୍ରୀ ଚନ୍ଦ୍ରଶେଖର ହୋତା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

## ୫ ବର୍ଷରେ ଆୟୁର୍ବେଦିକ ଚିକିତ୍ସାରେ ୧୦,୪୪୯ ରୋଗୀ ମୃତ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ୨୦୨୧ରେ ବହିର୍ବିଭାଗରେ ୫,୨୯,୦୨୬ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଅନ୍ତଃବିଭାଗରେ ୨୮,୧୩୩ ରୋଗୀ ଚିକିତ୍ସିତ ହୋଇଥିଲେ। ଏହି ବର୍ଷ ଚିକିତ୍ସାଧୀନ ଅବସ୍ଥାରେ ୨,୪୧୯ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି ବୋଲି ବିଧାନସଭାରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଦର୍ଶାଇଛନ୍ତି, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ୨୦୨୨ରେ ବହିଃର୍ବିଭାଗରେ ୮,୭୦,୬୫୮ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ୨୦୨୩ରେ ୯,୬୭,୭୪୬ ଜଣ, ୨୦୨୪ରେ ୧୦,୦୩,୧୯୬ ଜଣ, ୨୦୨୫ ଅକ୍ଟୋବର ସୁଦ୍ଧା ୯,୪୦,୦୬୬ ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ସେହିଭଳି ଅନ୍ତଃବିଭାଗରେ ଚିକିତ୍ସିତ ହୋଇଥିବା ରୋଗୀଙ୍କ ସଂଖ୍ୟା ହେଉଛି କ୍ରମାନ୍ୱୟରେ ୩୩,୮୨୯ ଜଣ, ୩୮,୨୬୫ ଜଣ, ୪୦,୭୧୪ ଓ ୩୬,୦୬୦ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଏହାଛଡା ଚିକିତ୍ସାଧିନ ଅବସ୍ଥାରେ ୨୦୨୨ରେ ୨୦୯୦ ଜଣ ରୋଗୀ ମୃତ୍ୟୁବରଣ କରିଥିବା ବେଳେ ୨୦୨୩ରେ ୨୧୨୦ ଜଣ, ୨୦୨୪ରେ ୨୦୩୭ ଜଣ ଓ ୨୦୨୫ ଅକ୍ଟୋବର ସୁଦ୍ଧା ୧୭୮୩ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ବିଗତ ୫ ବର୍ଷରେ ମୋଟ୍ ୧୦,୪୪୯ ଜଣ ରୋଗୀ ମତ୍ୟୁବରଣ କରିଛନ୍ତି।

## ରାଜ୍ୟରେ ୩୦୦୦ ପୋଲିସ ପଦବୀ ଖାଲି

## ୪୬ ଆଇଏଏସ୍, ୬୭ ଆଇପିଏସ୍ ପୂରଣ ହୋଇନି

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୨୪୮ ଓ ୧୯୫ ରହିଛି। ତେବେ ସେଥିମଧ୍ୟରୁ ୪୬ଟି ଆଇଏଏସ୍ ପଦବୀ ସଂଖ୍ୟା ଖାଲି ରହିଥିବା ବେଳେ ୬୭ଟି ଆଇପିଏସ୍ ପଦବୀ ଏବେ ବି ପୂରଣ ହୋଇନି। ଆଇଏଏସ୍ ଓ ଆପିଏସ୍ ଅଧିକାରୀଙ୍କ ପଦବୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂରଣ କରାଯାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୃହକୁ ଜଣାଇଛନ୍ତି।

ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହା ଦର୍ଶାଇଛନ୍ତି। ଅନ୍ୟ ଏକ ପ୍ରଶ୍ନକର୍ତ୍ତା ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରାଜ୍ୟରେ କେତୋଟି ଥାନା ରହିଛି ଓ କେତେ ପଦବୀ ଖାଲି ଅଛି ଏବଂ କେବେ ସୁଦ୍ଧା ପୂରଣ କରାଯିବ ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଦର୍ଶାଇଛନ୍ତି ରାଜ୍ୟର ମୋଟ୍ ୭୦୬ଟି ଥାନା ସରକାରଙ୍କ ଦ୍ୱାରା ମଞ୍ଜୁର କରାଯାଇଛି। ସେହି ସବୁ ଥାନା ଗୁଡିକରେ ସମୁଦାୟ ୩୦୦୦ ପଦବୀ ଖାଲି ରହିଛି। ଖାଲି ଥିବା ପଦବୀ ଗୁଡିକୁ ନୂତନ ଚୟନ, ବଦଳି ଓ ପଦୋନ୍ନତୀ ଭିତିରେ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ୬ଟି ନୂତନ ଥାନା ଓ ୪ଟି ଫାଣ୍ଡିକୁ ଉନ୍ନୀତ କରି ଥାନାରେ ପରିଣତ କରିବା ଲାଗି ବିଧିବଦ୍ଧ ପ୍ରସ୍ତାବକୁ ତର୍ଜମା କରାଯାଇଛି। ଦେବଗଡ଼ ଜିଲ୍ଲାର ଖାଇରାପାଲ୍ଲୀ ଫାଣ୍ଡିକୁ ଉନ୍ନୀତ କରି ଥାନାରେ ପରିଣତ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ହସ୍ତଗସ୍ତ ହୋଇଥିବା ପ୍ରସ୍ତାବଟି ବର୍ତ୍ତମାନ ରାଜ୍ୟ ପୋଲିସ୍ ମୁଖ୍ୟାଳୟରେ ତର୍ଜମା କରାଯାଉଛି।

### କିସ୍ତି ଖିଲାପ ଯୋଗୁଁ ଝିଅ ମାଡ ଖାଇ ଲହୁଲୁହାଣ ପ୍ରସଙ୍ଗ

## ଘଟଣାରେ କମିଟି କରି ତଦନ୍ତ ଲାଗି ଦାବି

ଭୁବନେଶ୍ୱର(ସବ୍ୟୁ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଗଣିଜଙ୍ଗା ପଞ୍ଚାୟତର ଅରଞ୍ଜି ଗ୍ରାମର ଏସଏଚଜି ମହିଳା ମନୋରମା ମହାପାତ୍ର ଗ୍ରୁପରୁ ୭୦ ହଜାର ଟଙ୍କାର ଆଭ୍ୟନ୍ତରୀଣ ଋଣ ନେଇଥିଲେ । ସେ ଋଣ ଅର୍ଥରୁ ୧୮ ହଜାର ଟଙ୍କା ଫେରସ୍ତ କରିଥିଲେ । ମାତ୍ର ପରେ ମନୋରମାଙ୍କ ମୃତ୍ୟୁ ହେବାରୁ ତାଙ୍କ ଝିଅ ମୋନାଲିସା ସେହି ସ୍ୱୟଂ ସହାୟିକା ଗୋଷ୍ଠୀରେ ସଦସ୍ୟା ହୋଇଥିଲେ । ଋଣ ନେଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ପରେ ବୀମା ଥିଲେ ଆଉ ଋଣ ଶୁଝିବାକୁ ପଡ଼େନି । ତେଣୁ ମୋନାଲିସା ୩ ମାସ ଋଣ ଶୁଝିବା ପରେ ଆଉ ଋଣ ଶୁଝିବାକୁ ମନା କରିବାରୁ ତାଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ମାଡ଼ ମାରିଥିଲେ । ପିନ୍ଧିଥିବା ଡ୍ରେସ୍‌କୁ ଛିଣ୍ଡାଇ ଦେଇଥିଲେ । ଏହା ସଭ୍ୟ ସମାଜ ପାଇଁ ଗ୍ରହଣୀୟ ନୁହେଁ । ତେଣୁ ଏହି ଘଟଣାରେ ଏକ କମିଟି ଗଠନ କରି ତଦନ୍ତ କରାଯାଉ ବିରୋଧୀ ଦାବି କରିଛନ୍ତି ।

ସୋମବାର "ଭଦ୍ରକରେ ମା' ନେଇଥିଲା ଏସଏଚଜି ଋଣ, କିସ୍ତି ଖିଲାପ ଯୋଗୁଁ ଝିଅ ମାଡ ଖାଇ ଲହୁଲୁହାଣ । ମହିଳା ସଶକ୍ତିକରଣରେ ଏକଦା ସଫଳ ଓଡ଼ିଶାର ଏବେକାର ଏକ ଉଦାହରଣ, ଶୀର୍ଷକ ମୁଲତବୀ ପ୍ରସ୍ତାବ ବିଜେଡ଼ି ପକ୍ଷରୁ ଅଣାଯାଇଥିଲା । ବିଜେଡି ସଭ୍ୟ ଗୌତମବୁଦ୍ଧ ଦାସ କହିଥିଲେ, ଏହି ଘଟଣା ଅମାନବୀୟ । ଏଭଳି ଘଟଣା ମାଧ୍ୟମରେ ମିଶନ ଶକ୍ତିକୁ ବାଟବଣା କରାଯାଉଛି ବୋଲି କହିଥିଲେ । ବିଜେଡି ସଭ୍ୟା ସୁବାସିନୀ ଜେନା ଏହି ଘଟଣା ସମସ୍ତ ସୀମା ଲଂଘିଥିବା କହି ଉଦବେଗ ପ୍ରକାଶ କରିଥିଲେ । ବିଜେଡି ସଭ୍ୟ ସଞ୍ଜୀବ ମଲ୍ଲିକ ଉଦବେଗ ପ୍ରକାଶ କରିବା ସହିତ ଏହି ଘଟଣାରେ ଏକ କମିଟି ଗଠନ କରି ତଦନ୍ତ କରାଯାଉ ଦାବି କରିଥିଲେ । କଂଗ୍ରେସ ସଭ୍ୟ ଅଶୋକ କୁମାର ଦାସ ଆଇନ ହାତକୁ ନେବାକୁ କିଏ ଅନୁମତି ଦେଲେ ବୋଲି ପ୍ରଶ୍ନ କରିବା ସହ ଘଟଣାର ତଦନ୍ତ କରିବାକୁ ଦାବି କରିଥିଲେ । କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା ରାଜ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏ ନେଇ ଠୋସ ପଦକ୍ଷେପ ଉଠାଇବାକୁ ଦାବି କରିଥିଲେ ।

ବିଜେପି ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ, ଏହି ଅଭିଯୋଗ ଭ୍ରମାତ୍ମକ ଓ ବିଭ୍ରାନ୍ତିକର । ତେବେ ଭଣ୍ଡାରିପୋଖରୀ ବିଧାୟକ ବିଭ୍ରାନ୍ତ କରୁଛନ୍ତି ଅଭିଯୋଗ କରିବା ସହ ସେ ଘଟଣାସ୍ଥଳକୁ ଯାଇଛନ୍ତି କି ବୋଲି ପ୍ରଶ୍ନ କରିଥିଲେ । ସମସ୍ତେ ମହାପାତ୍ର ହୋଇଥିବାରୁ ଏହା ପାରିବାରିକ ବୋଲି ଯୁକ୍ତି ଦର୍ଶାଇଥିଲେ । ବିଜେପି ବିଧାୟକ ଜଲେନ ନାଏକ ଅନ୍ୟ ରାଜ୍ୟରେ ସ୍ୱୟଂ ସହାୟିକା ମହିଳାମାନେ ବହୁ ଆଗକୁ ଯାଇଥିବା ବେଳେ ଆମ ରାଜ୍ୟରେ ଗତ ୨୪ ବର୍ଷର ସରକାର ପାଇଁ ପଛରେ ପଡ଼ିଥିବା କହିଥିଲେ । ବିଜେପି ବିଧାୟିକା ସୀମାରାଣୀ ନାୟକ ପୂର୍ବରୁ ମଧ୍ୟ ବହୁ ଏସଏଚଜି ବିବାଦ ହୋଇଛି । ପ୍ରାୟ ଗାଁରେ ଏମିତି ଘଟଣା ହେଉଥିଲା । ତେବେ ଏହି ଘଟଣାରେ ଏସଏଚଜି ଷ୍ଟାଣ୍ଡିଂ କମିଟି ଘଟଣାସ୍ଥଳକୁ ଗସ୍ତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ ।

ମୁଲତବୀ ଆଲାଚନାର ଉତ୍ତର ରଖି

- ମିଶନ ଶକ୍ତିକୁ ବାଟବଣା କରାଯାଉଛି : ବିଜେଡି
- ଏସ୍‌ଏଚ୍‌ଜିକୁ ସାହୁକାର କରୁଥିଲେ ପୂର୍ବ ସରକାର : ବିଜେପି
- ଆମ ସରକାର ମହିଳାଙ୍କୁ ସଶକ୍ତ କରୁଛନ୍ତି : ମନ୍ତ୍ରୀ

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ, ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ପଦକ୍ଷେପ ନେଉଛନ୍ତି । ତେବେ ଭଦ୍ରକର ଏହି ଘଟଣା ଏସଏଚଜିର ଆଭ୍ୟନ୍ତରୀଣ ଋଣ ଓ ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର । ଏହା ସରକାରଙ୍କ ପରିଧିକୁ ଆସୁନାହିଁ । କିନ୍ତୁ ଘଟଣାଟି ସରକାରଙ୍କ ଦୃଷ୍ଟିକୁ ଆସିଛି । ଥାନାରେ ଅଭିଯୋଗ ହେବା ସହ ତଦନ୍ତ ଚାଲିଛି । ମନୋରମା ପ ଝିଅ ମୋନାଲିସା ଉଭୟ ସୁଭଦ୍ରା ଯୋଜନାରେ ସାମିଲ ହୋଇ କିସ୍ତି ପାଇଛନ୍ତି । ସେହିପରି ରାଜ୍ୟରେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନ ସୁଦ୍ଧା ମିଶନ ଶକ୍ତି ବିଭାଗ ୧୬.୪୧ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିପାରିଛନ୍ତି । ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ, ଅର୍ବାନ ପା=ିକୁ ଏସଏଚଜି ପିଛା ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ଗୋଷ୍ଠୀ ବିନିଯୋଗ ପା=ିକୁ ପଞ୍ଚାୟତସ୍ତରୀୟ ସଂଘ ପିଛା ୩୫ ଲକ୍ଷରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଜିଲ୍ଲା ଓ ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆୟୋଜନ କରି ମହିଳାମାନଙ୍କୁ ଅଧିକ ରୋଜଗାର ଦେବା ପାଇଁ ଆନ୍ତରିକ ଭାବେ ଚେଷ୍ଟା କରୁଛନ୍ତି । ବ୍ଲକସ୍ତରୀୟ ମହାସଂଘମାନଙ୍କ ନିମନ୍ତେ ୫୦ ଲକ୍ଷ ଟଙ୍କାରେ ୩୨୨ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ଜିଲ୍ଲାସ୍ତରୀୟ ମହାସଂଘମାନଙ୍କ ନିମନ୍ତେ ୧ କୋଟି ଟଙ୍କା ବ୍ୟୟରେ ୧୩ ଜିଲ୍ଲା ସୁଭଦ୍ରା ଶକ୍ତି କେନ୍ଦ୍ର ନିର୍ମାଣ ହେଉଛି । ଏସଏଚଜିମାନଙ୍କ ବ୍ୟାଙ୍କ ଋଣ ସୁଧ ଫେରସ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ଆର୍ଥିକ ବର୍ଷରେ ସେଇ ୧.୪୫ ଲକ୍ଷ ଗୋଷ୍ଠୀଙ୍କ ପାଇଁ ୨୨୮ କୋଟି ଟଙ୍କାର ବ୍ୟାଙ୍କ ଋଣ ସୁଧ ଫେରସ୍ତ କରିଛନ୍ତି । ଗତ ୨ ବର୍ଷ ଭିତରେ ୫୪୧୧ କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୩୬ ଲକ୍ଷ ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୪୬ଲକ୍ଷ ମହିଳା ଏସଏଚଜି ସଦସ୍ୟାଙ୍କୁ ବୀମା ସେବା ଯାଗାଇ ଦିଆଯାଇଛି । ଆମ ସରକାର ଆସିବା ପରେ ୬୮,୪୯୧ ଏସଏଚଜିଙ୍କୁ ୧୧୯୧୧ ଲକ୍ଷ ଟଙ୍କାର ଅର୍ବାନ ପା=, ୫୫,୭୫୩ ଗୋଷ୍ଠୀଙ୍କୁ ଗାଷ୍ଠୀ ବିନିଯାଗ ପା= ବାବଦରେ ୫୯୫୦୧ ଲକ୍ଷ ଟଙ୍କା, ୩୧୯୮ ଏସଏଚଜିକୁ ୬୭୬୯୬ ଲକ୍ଷ ଟଙ୍କା ପ ୫୬୦୪ ସିଏଲଏଫକୁ ୬୬୨୮ ଲକ୍ଷ ଟଙ୍କା ଯାଗାଇ ଦିଆଯାଇଅଛି ବାଲି ଉପମୁଖ୍ୟମନ୍ତ୍ରୀ କହିଥିଲେ ।

## ଭୁବନେଶ୍ୱରରେ ୫୦୦ ଏକର ଜମି ଜବରଦଖଲ

ଭୁବନେଶ୍ୱର, (ସବ୍ୟୁ): ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧିନରେ ରାଜଧାନୀ ଭୁବନେଶ୍ୱରରେ ମୋଟ୍ ୨୪, ୯୯୦ ଏକର ସରକାରୀ ଜମି ରହିଛି। ସେଥିରୁ ବର୍ତ୍ତମାନ ସୁଦ୍ଧା ୫୦୦ ଏ କର ୧୫୬ ଡିସିମିଲ ସରକାରୀ ଜମି ଜବରଦଖଲ ଚିହ୍ନଟ ହୋଇଛି। ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଉଛି।

ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦର୍ଶାଇଛନ୍ତି ଯେ, ଜବରଦଖଲ ହୋଇଥିବା ଜମିର ମୂଲ୍ୟ କୋଟି କୋଟି ଟଙ୍କା ହେବା ଜବରଦଖଲ ମୁକ୍ତ କରିବା ପାଇଁ ଏହି ବିଭାଗ ଦ୍ୱାରା ସର୍ଜମୀନ ତଦନ୍ତ କରାଯାଇ ମକଦ୍ଦମା ରୁଜୁ କରାଯାଇଥାଏ। ମକଦ୍ଦମା ଫୈଶଲା ହେବା ପରେ ଜବରଦଖଲ ଉଚ୍ଛେଦ କରାଯାଏ। ମିଳିତ ଉଚ୍ଛେଦ ଅଭିଯାନ ଲାଗି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏକ କେନ୍ଦ୍ରୀୟ ପ୍ରବର୍ତ୍ତନ ଉପଦେଷ୍ଟା କମିଟି ଭୁବନେଶ୍ୱର ମହାନଗର ନିଗମ (ବିଏମସି), ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ କମିଶନରେଟ୍ ପୋଲିସ ମାନଙ୍କୁ ନେଇ ଗଠନ କରାଯାଇଛି। ଏଥିସହିତ ଭୁବନେଶ୍ୱର ମହାନଗର ନିଗମର ୩ଟି ଜୋନାଲ ଅଫିସରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇ ଦୈନିକ ଭିତିରେ ଉଚ୍ଛେଦ କରାଯାଇଛି। ଏହାସହ ବ୍ଲୁ ଈକସ୍ ପୋର୍ଟାଲମାଧ୍ୟମରେ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରୀ ଜମିକୁ ଅବରୋଧମୁକ୍ତ କରିବା ପାଇଁ ବିଡିଏ ମାଧ୍ୟମରେ ଥିବା ସରକାରୀ ଜାଗାକୁ ପାଚେରୀ ନିର୍ମାଣ କରାଯାଇ ଉକ୍ତ ଜମିରେ ନିର୍ଦ୍ଧାରିତ ନାମ ଫଳକ ଲଗାଯିବା ସହ ସୁରକ୍ଷା ଦିଆଯାଉଛି। ଚଳିତ ବର୍ଷ ସିଇଏମସି ମାଧ୍ୟମରେ ପାଖାପାଖି ୭୦ ଏକର ୯୨୪ ଡିସିମିଲ ସରକାରୀ ଜମି ଅବରୋଧ ମୁକ୍ତ କରାଯାଇଛି।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

ଫୁଲନଖରା,(ସବ୍ୟୁ) : ବେଣ୍ଟକାର ସରସ୍ୱତୀ ଶିଶୁ ମନ୍ଦିରର ୨୫ତମ କ୍ରୀଡା ସମାରୋହ ବେଂଟକାର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ସନାତନି ସେନାର ରାଜ୍ୟସଭାପତି ସମୀର ରଂଜନ ପଣ୍ଡା,ଉଦଯାପକ ଭାବେ ଯୋଗ ଗୁରୁ ଆଦିତ୍ୟ କୁମାର ଜେନା,ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀନାରାୟଣ ଭୋଳ,ସମ୍ମାନୀତ ଅତିଥି ଭାବେ ଆନ୍ତର୍ଜାତିକ ସ୍ୱର୍ଣ୍ଣ ପଦକ ବିଜେତା ମଧୁସ୍ମିତା ସେନାପତି ଯୋଗ ଦେଇ ପିଲାମାନଙ୍କୁ ଶିକ୍ଷା ସହିତ ଯୋଗ ଏବଂ କ୍ରୀଡାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଭାରେ ବବୁଲ ଗୁରୁଜୀ ଅତିଥି ପରିଚୟ ଦେଇଥିବା ବେଳେ ମନୋରଂଜନ ଶତପଥି ସଭା ପରିଚାଳନା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ପରେ କ୍ରୀଡା ପତାକା ଅବତରଣ କରାଯାଇଥିଲା। କ୍ରୀଡା ପ୍ରମୁଖ ରମେଶ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ : ୫ଟି ସହରରେ ମିନି ମାରାଥନ୍

ଭୁବନେଶ୍ୱର, (ସବ୍ୟୁ): 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଏହା ଅନୁଷ୍ଠିତ ହୋଇଛି ହୋଇଛି । ସୋମବାର ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ । ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଥିଲା । ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ୱଳ କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ




ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ଆୟୋଜିତ ଏଭଳି ନିଆରା ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ,ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ତଥା ଆଇପିଏଲର ପୂର୍ବତନ ଅଧକ୍ଷ ରଞ୍ଜିବ ବିଶ୍ୱାଳ 'ସକାଳ'ର ପ୍ରୟାସକୁ ପ୍ରଶଂସା କରିଥିଲେ। ଚା' ପରି ଅନେକଙ୍କ ପାଇଁ ସମ୍ବାଦପତ୍ର ଅନେକଙ୍କ ପାଇଁ ଏକ ନିଶା ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଅନୁରୂପ ଭାବରେ ଓଲିଉଡ଼ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ, ମିସେସ୍ ୱାଲର୍ଡ ୱାଇଡ୍(ଦୁବାଇ) ସଙ୍ଗୀତା ନାୟକ, ହିରୋ ମୋଟୋ କର୍ପର ଏରିଆ ମ୍ୟାନେଜର ଉଜ୍ୱଳ କୋହଲି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ମିନି ମାରାଥନରେ ପୁରୁଷ ବିଭାଗରେ ପ୍ରଥମ ସ୍ଥାନରେ ଶଶିକାନ୍ତ ଓରାମ୍, ଦ୍ୱିତୀୟ ସ୍ଥାନରେ ଏସ୍. ଲୋକନାଥ ଏବଂ ତୃତୀୟ ସ୍ଥାନରେ ପରମେଶ୍ୱର ମାଝୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ମାମିନା ମୁର୍ମୁ, ଦ୍ୱିତୀୟ ପ୍ରଜ୍ଞାଶ୍ରୀ ସୁନ୍ଦର ରାୟ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଜଲି ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

'ହିରୋ ମୋଟୋ କର୍ପ' ଓ 'ଫାଲକନ୍' ସହଯୋଗରେ ଅନୁଷ୍ଠିତ ଏହି ମିନି ମାରାଥନ ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ 'ସକାଳ' ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ନନ୍ଦିଘୋଷ ଟିଭିର ସିଓଓ ଜବରସିଂ ପନୱର, ସମ୍ପାଦକ ଶିଶିର ଭଟ୍ଟମିଶ୍ରଙ୍କ ସହ ସକାଳ ଓ ନନ୍ଦିଘୋଷ ଟିଭିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅବସରରେ ପ୍ରାୟୋଜକ ଓ ସହପ୍ରାୟୋଜକ ସଂସ୍ଥା ହିରୋ, ଅଜନ୍ତା, ଓମଫେଡ୍, ମଣିପାଲ ହସ୍ପିଟାଲ, ମେଫେୟାର ଗ୍ରୁପ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ମଞ୍ଜରୀ ଦେବୀ ନର୍ସିଂ ଏକାଡେମୀର ଉପସଭାପତି ଶରତ ବିଶ୍ୱାଳ, ନବଜ୍ୟୋତି କଲେଜ ଅଧକ୍ଷ ଭାସ୍କର ଚନ୍ଦ୍ର ପ୍ରଧାନ, ବିନାୟକ କନସେପ୍ଟ ସ୍କୁଲ ପ୍ରତିଷ୍ଠାତା ସଞ୍ଜୟ ରାଜ, ଡିଓସି ବାଇକର ଗ୍ରୁପ୍, ସିଭି ରମଣ କଲେଜ ଆଦି ସଂସ୍ଥାକୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଜୀବ ଓ ସୋନାଲୀ ସଂଯୋଜନା କରିଥିଲେ।

### ଗାଡ଼ି ଭଡାରେ ଲାଗିବା ପାଇଁ ଟେଣ୍ଡର ମାମଲା

## ମିଥ୍ୟା ଅଭିଯୋଗକାରିଣୀଙ୍କ ଉପରେ ୨୫ ହଜାର ଜରିମାନା କଲେ ହାଇକୋର୍ଟ

କଟକ, ( ସବ୍ୟୁ): ବାଲେଶ୍ୱର ଜିଲ୍ଲା ସୋର ତହସିଲରେ ଗାଡ଼ି ଭଡ଼ା ଲାଗିବା ପାଇଁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ଆଗତ ରିଟ୍ ପିଟିସନ୍‌କୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଆବେଦନକାରିଣୀଙ୍କ ଅଭିଯୋଗ ମିଥ୍ୟା ଜଣାପଡ଼ିବା ପରେ ତାଙ୍କ ଉପରେ ଅଦାଲତ ୨୫ ହଜାର ଟଙ୍କାର ଜରିମାନା କରିଛନ୍ତି । ଆବେଦନକାରିଣୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରିଣୀ ସୋର ତହସିଲ କାର୍ଯ୍ୟାଳୟରେ ଗାଡ଼ି ଭଡ଼ାରେ ଲାଗିବା ପାଇଁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲେ। ଏହି ଟେଣ୍ଡର ଗତ ସେପ୍ଟେମ୍ବର ୯ ରେ ଖୋଲିବାର ଥିଲା । କିନ୍ତୁ କୌଣସି ସୂଚନା ନଦେଇ ସେପ୍ଟେମ୍ବର ୧୧ ତାରିଖ ସକାଳ ୧୧ଟାରେ ଟେଣ୍ଡର ବାକ୍ସକୁ ଖୋଲାଯାଇଥିଲା। ବାକ୍ସ ଖୋଲାଯିବା ପରେ ସେଥିରେ ଟେଣ୍ଡରର ଏକ ପ୍ୟାକେଟ୍‌କୁ କେହି ଖୋଲିଥିବା ଦେଖାଯାଇଥିଲା। ତେଣୁ ପୁରା ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ହୋଇଥିବା ଆବେଦନକାରିଣୀ ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ନିୟମ ଅନୁସାରେ ହୋଇଥିଲା। ତାରିଖ ପରିବର୍ତ୍ତନ ଟେଣ୍ଡର କମିଟିଙ୍କ ସମ୍ମତିରେ ହୋଇଥିଲା। ସମସ୍ତ ପ୍ରକ୍ରିୟାର ଭିଡିଓ ରେକର୍ଡିଂ ମଧ୍ୟ ହୋଇଛି। ଆବେଦନକାରିଣୀ ପୂର୍ବରୁ ମଧ ଏହି ଟେଣ୍ଡରରେ ବହୁବାର ଭାଗ ନେଇଥିବାରୁ ପ୍ରକ୍ରିୟା ସମ୍ପର୍କରେ ଅବଗତ ଥିଲେ । ରାଜ୍ୟ ସରକାରଙ୍କ ଜବାବ ପରେ ଆବେଦନକାରିଣୀ ମିଥ୍ୟା ମାମଲା କରିଥିବା ଜଣାପଡ଼ିଥିଲା। ଫଳରେ ଅଦାଲତ ଏହି ମାମଲାକୁ ଖାରଜ କରିବା ସହ ଆବେଦନକାରିଣୀଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ଖାରବେଳ ଭବନରେ ଶିଶୁବାଟିକା କଳିକା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଖାରବେଳ ଭବନରେ ଏକ ଶିଶୁବାଟିକା "କଳିକା" ଉଦ୍‌ଘାଟନ



କରିଛନ୍ତି । ଫଳରେ ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ଏହି ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ-ଜୀବନ ସନ୍ତୁଳନକୁ ମଜବୁତ କରିବ। ରଙ୍ଗୀନ କାର୍ଯ୍ୟକଳାପ ସ୍ଥାନ, ତାଲିମପ୍ରାପ୍ତ ଯତ୍ନକାରୀ ଏବଂ ଶିକ୍ଷା, ଖେଳ ଏବଂ କଲ୍ୟାଣ ପାଇଁ ଡିଜାଇନ୍ ହୋଇଥିବା ପରିବେଶ ସହିତ, ପିତାମାତା-ବିଶେଷକରି ମା '-ବିନା ଚାପରେ କାମ ଉପରେ ଧ୍ୟାନ ଦେଇପାରିବେ ବୋଲି ନିଶ୍ଚିତ କରିବା ସହିତ ପିଲାମାନଙ୍କ ବିକାଶ ଦିଗରେ ସାହାଯ୍ୟ କରିବାକୁ କଳିକା ଲକ୍ଷ୍ୟ ରଖିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ୍ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି କହିଲେ, ମାତୃତ୍ୱ ଏବଂ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା "କଳିକା" ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଉଦ୍ ଘାଟନୀ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। କଳିକା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ ସଂସ୍ଥାର କର୍ମକର୍ତ୍ତା ମାନେ ମଧ୍ୟ ଉପସ୍ଥିତ ଥିଲେ । କଳିକ ଓଡ଼ିଶାର ଆଧୁନିକ କର୍ମକ୍ଷେତ୍ରର ଦୃଷ୍ଟିକୋଣରେ ଏକ ମାଇଲଖୁଣ୍ଟ ଭାବରେ ଛିଡା ହୋଇଛି- ଉତ୍ପାଦକତା ପାଇଁ ଅନୁକୂଳ, ଦୟା ଉପରେ ଆଧାରିତ ଏବଂ ପ୍ରତ୍ୟେକ ଶିଶୁଙ୍କ ମାଧ୍ୟମରେ ଭବିଷ୍ୟତର ଯତ୍ନ ନେବା ।

## ଜେଜକୁ ହାଣିଲା ନାତି : ମାରଣାସ୍ତ୍ର ସହ ଥାନାରେ ଆତ୍ମ ସମର୍ପଣ

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣା ଥାନା ଅନ୍ତର୍ଗତ ବଡଘୁମୁରୀ ଗ୍ରାମରେ ସୋମବାର ସକାଳୁ ଏକ ଅଭାବନୀୟ ଘଟିଯାଇଛି । ଏହି ଗ୍ରାମରେ ଜଣେ ନାତି ତା ଜେଜକୁ କତାରେ ହାଣି ଲହୁ ଲୁହାଣ କରିଛି। ଏହି କାଣ୍ଡ ଭିଆଇବା ପରେ ସଂପୃକ୍ତ ରକ୍ତମୁଖା ନାତି ଭୟରେ କତା ସହିତ ବଡଚଣା ଥାନାରେ ପହଞ୍ଚି ଆତ୍ମ ସମର୍ପଣ କରିଥିବା ଦେଖାଯାଉଛି! ପ୍ରକାଶ ଯେ, ବଡ଼ଚଣା ଥାନା ବଡଘୁମୁରୀ ଗ୍ରାମର ବୃଦ୍ଧ ଜେଜେବାପା ଶ୍ୟାମସୁନ୍ଦର ବିଶ୍ୱାଳଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କର ସମ୍ପର୍କୀୟ ନାତି ତ୍ରିଲୋଚନ ବିଶ୍ୱାଳ ଏକ ଧାରୁଆ କତାରେ ହାଣି ପକାଇଥିଲା! ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତ ଶ୍ୟାମସୁନ୍ଦରକୁ ପରିବାର ଲୋକେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରିଥିଲେ । ତେବେ ଅଭିଯୁକ୍ତ ତ୍ରିଲୋଚନ ଘଟଣା ପରେ ପରେ ଭୟଭୀତ ହୋଇ ରକ୍ତ ଲାଗିଥିବା କତାକୁ ଧରି ବଡ଼ଚଣା ଥାନାରେ ପହଞ୍ଚି ଆତ୍ମ ସମର୍ପଣ କରିଥିଲା ! ଶ୍ୟାମସୁନ୍ଦରଙ୍କ ଦୁଇ ପୁଅ କିଛି ଦିନ ପୂର୍ବେ ତ୍ରିଲୋଚନର ବାପାଙ୍କୁ ମାଡ଼ ମାରି ଆହତ କରିଥିଲେ! ଏଥିରେ କ୍ରୋଧାନ୍ୱିତ ହୋଇ ତ୍ରିଲୋଚନ ଏପରି କାଣ୍ଡ କରିଥିବା ସ୍ଥାନୀୟ ଲୋକେ କହୁଛନ୍ତି ! ଆତ୍ମ ସମର୍ପଣ କରିଥିବା ତ୍ରିଲୋଚନକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଜାରିବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

## ଅଭିପ୍ସା ସ୍କୁଲରେ ମୀନାବଜାର

ଫୁଲନଖରା,(ସବ୍ୟୁ): ସ୍ଥାନୀୟ ନେତାଜୀ ନଗର ସ୍ଥିତ ଅଭିପ୍ସା ଇଂଟରନ୍ୟାସନାଲ ସ୍କୁଲ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଶିକ୍ଷାବିତ ଡଃ ପ୍ରଦୀପ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ସ୍କୁଲର ଚେୟାରମ୍ୟାନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମୀନାବଜାରରେ ସମାଜସେବୀ ଅଭିମନ୍ୟୁ ଦାସ,ସ୍କୁଲର ପ୍ରିନ୍ସିପାଲ ଅମିତା ପତି,ଆକଫିଭ ଇନଚାର୍ଜ ଇସିତା ସାହୁ ପ୍ରମୁଖ ଯୋଗ ଦେଇ ୩୦ଟି ଷ୍ଟଲରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଅଭିଭାବିକା ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ରକମର ଖାଦ୍ୟ ବିକ୍ରୀକୁ ଦେଖିବା ସହିତ ଏହାର ପ୍ରଶଂସା କରିଥିଲେ। ଏହି ଷ୍ଟଲ ଗୁଡ଼ିକରେ ଦହିବରା,ଗୁପଚୁପ,ବିରିୟାନୀ,ସିଝା ଅଣ୍ଡା,ପକୋଡା ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ବିକ୍ରୀ କରାଯାଇଥିଲା। କଳା ଏବଂ ହସ୍ତକଳା ସହିତ ବହି ଷ୍ଟଲରେ ଅଧିକ ଭିଡ ଜମୁଥିବା ଦେଖିବାକୁ ମିଳିଥିଲା।

### ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ ମାମଲା

## ସଂକଳ୍ପପତ୍ର, ବରାଦିପତ୍ର ଏବଂ ୧୫ଦିନିଆ ନୋଟିସ୍ ବାଧ୍ୟତାମୂଳକ

କଟକ,(ସବ୍ୟୁ): ଜଣେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପୂର୍ବରୁ ଉଭୟ ସଂକଳ୍ପପତ୍ର(ରିଜୋଲୁସନ୍), ବରାଦି ପତ୍ର(ରିକ୍ୟୁଜେସନ୍) ଏବଂ ନୋଟିସ୍‌ର ଆବଶ୍ୟକତା ଅଛି କି' ନାହିଁ ? ଏହାକୁ ନେଇ ପୂର୍ବରୁ ହାଇକୋର୍ଟରେ ଦୁଇଟି ପୃଥକ ପୃଥକ ରାୟ ଥିଲାବେଳେ ଦୁଇଜଣିଆ ଖଣ୍ଡପୀଠ ଏହା ଉପରେ ଏକ ଚୂଡ଼ାନ୍ତ ରାୟ ପାଇଁ ବୃହତ୍ତର ଖଣ୍ଡପୀଠକୁ ପଠାଇ ଦେଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର, ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଏହି ବୃହତ୍ତ ଖଣ୍ଡପୀଠ ଗଠନ ହୋଇଥିଲା। ଏହି ଖଣ୍ଡପୀଠ ମାମଲାର ଶୁଣାଣି କରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପୂର୍ବରୁ ସଂକଳ୍ପପତ୍ର, ବରାଦିପତ୍ର ଏବଂ ୧୫ଦିନିଆ ନୋଟିସ୍‌ର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱପୂର୍ଣ୍ଣ ମତ ଦେବାସହ ମୂଳ ମାମଲାକୁ ବିଚାର ପାଇଁ ଖଣ୍ଡପୀଠକୁ ପଠାଇ ଦେଇଛନ୍ତି ।

### ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

## ମାନବସମାଜ ପାଇଁ ଭିନ୍ନକ୍ଷମଙ୍କର ଅନେକ ଅବଦାନ ରହିଛି : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଏକ ସୁସ୍ଥ ଓ ସନ୍ତୁଳିତ ସମାଜ ଗଠନ କରିବାକୁ ହେଲେ ସମାଜର ପ୍ରତ୍ୟେକ ବର୍ଗର, ପ୍ରତ୍ୟେକ ବ୍ୟକ୍ତିର ପ୍ରଗତି ଓ ସୁରକ୍ଷା ଆବଶ୍ୟକ । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରେ ମଧ ପ୍ରତିଭା ରହିଛି, ସାମର୍ଥ୍ୟ ରହିଛି । ଏଣୁ ସେମାନଙ୍କର ସାମାଜିକ, ଅର୍ଥନୈତିକ, ବୌଦ୍ଧିକ ବିକାଶ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିଲେ ସେମାନେ ମଧ ରାଜ୍ୟର ପ୍ରଗତିରେ ନିଜର ଯୋଗଦାନ ଦେଇପାରିବେ । ଭିନ୍ନକ୍ଷମମାନେ କେବଳ ସମର୍ଥନର ହିତାଧିକାରୀ ନୁହଁନ୍ତି ବରଂ ମାନବସମାଜ ପାଇଁ ସେମାନଙ୍କର ଅନେକ ଅବଦାନ ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି । ଆଜି ସୋଆ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିକରଣ ହେଉଛି ସ୍ଥାୟୀ ବିକାଶର ମୂଳ ଭିତ୍ତିଭୂମି । ଭିନ୍ନକ୍ଷମ ବ୍ୟକ୍ତିମାନେ ସବୁ




କ୍ଷେତ୍ରରେ ସମାନ ଭାବେ ଅଂଶଗ୍ରହଣ କରିପାରିଲେ, ପ୍ରକୃତ ପ୍ରଗତି ସମ୍ଭବ ହୋଇପାରିବ । ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମ୍ମାନ ଏବଂ ସଶକ୍ତିକରଣ ପ୍ରଦାନ କରିବା କ୍ଷେତ୍ରରେ ଏକ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଅଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଶିକ୍ଷା, ଜୀବିକା, ସାମାଜିକ ଅଂଶଗ୍ରହଣ, ନେତୃତ୍ୱ ଏବଂ ସେବା ପ୍ରଦାନ ପରି ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ, ସୁରକ୍ଷା ଏବଂ ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ ନିମନ୍ତେ ପ୍ରୟାସ ଜାରି ରଖିଛି । ଏବେ ରାଜ୍ୟ ସରକାର ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମତା ଥିବା ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ସହାୟତା ଦେଉଛନ୍ତି । ଏହା ସେମାନଙ୍କ ଜୀବନନିର୍ବାହରେ ନିଶ୍ଚିତ ରୂପେ ପରିବର୍ତ୍ତନ ଆଣିବ । ସାଇନ୍ ଲାଙ୍ଗୁଏଜ୍‌ର ପ୍ରସାର ପାଇଁ ଦକ୍ଷ ଶିକ୍ଷକ ସୃଷ୍ଟି କରାଯିବା ସହ ୬୦ ଜଣ ଦୃଷ୍ଟିହୀନଙ୍କୁ ଭାରତୀୟ ବିଦ୍ୟା ଭବନରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି । ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ ତାଙ୍କ ବକ୍ତବ୍ୟରେ ଭିନ୍ନକ୍ଷମ ଶିଶୁମାନେ ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେ ଦିଗରେ ସମାଜର ପ୍ରତ୍ୟେକ ସ୍ତରରୁ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ।

ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ପାତ୍ର ମଧ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ବିକାଶରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଯୋଗଦାନକୁ ପ୍ରଶଂସା କରିଥିଲେ । ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ 'ବାଣୀଶ୍ରୀ' ପୋର୍ଟାଲକୁ ଉନ୍ମୋଚନ କରି ଏହି ପୋର୍ଟାଲରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ବାଣୀଶ୍ରୀ ବୃତ୍ତି ପାଇଁ ଆବେଦନ କରିବା ସହଜ ହେବ ବୋଲି ଆଶାପ୍ରକାଶ କରିଥିଲେ । ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ୧୩ ଜଣ ଭିନ୍ନକ୍ଷମଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ପାରୁଲ ପଟୱାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭାରତୀୟ ଭିନ୍ନକ୍ଷମ ମହିଳା କ୍ରିକେଟ୍ ଦଳକୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ୪ ଜଣ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭୂତଳ ଜଳସ୍ତର ହ୍ରାସ ସମସ୍ୟାର ସମାଧାନ ନେଇ ପଦକ୍ଷେପ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ରାଜ୍ୟ ସଭାରେ ଓଡ଼ିଶାରେ ପାନୀୟ ଜଳ ସଂକଟ ଏବଂ ଭୂତଳ ଜଳ ସମସ୍ୟାକୁ ନେଇ ଲିଖିତ ଉତ୍ତର ରଖିଛନ୍ତି । କେନ୍ଦ୍ର ମନ୍ତ୍ରୀଙ୍କ ସୂଚନା ମୁତାବକ, ଅଗଷ୍ଟ ୨୦୧୯ ଠାରୁ, ଭାରତ ସରକାର ଦେଶର ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରକୁ ନଳ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଓଡ଼ିଶା ସମେତ ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ସହଭାଗିତାରେ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରାଯାଉଛି । "ପାନୀୟ ଜଳ' ଏକ ରାଜ୍ୟ ବିଷୟ, ତେଣୁ ମିଶନ ଅଧୀନରେ ପାନୀୟ ଜଳ ଯୋଗାଣ ଯୋଜନା ସମେତ ପାନୀୟ ଜଳ ଯୋଗାଣ ଯୋଜନାଗୁଡ଼ିକର ଯୋଜନା, ଅନୁମୋଦନ, କାର୍ଯ୍ୟାନ୍ୱୟନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଉପରେ ନ୍ୟସ୍ତ ହୋଇଛି । କ୍ଷେତ୍ର ମୂଲ୍ୟାୟନ ଏବଂ ରେକର୍ଡ ଆଧାରରେ, ଓଡ଼ିଶାର କିଛି ବ୍ଲକ ଦୀର୍ଘକାଳୀନ ପାନୀୟ ଜଳ ଅଭାବର ସମ୍ମୁଖୀନ ହେଉଥିବା ଚିହ୍ନଟ କରାଯାଇଛି । ଏସବୁ ବ୍ଲକରେ ଭୂତଳ ଜଳ ହ୍ରାସ ସହିତ ଲୌହ, ଫ୍ଲୋରାଇଡ୍, ଲୁଣିଆ ଏବଂ ଜୀବାଣୁ ସମ୍ବନ୍ଧୀୟ ଅଶୁଦ୍ଧତା ସମେତ ଦୂଷିତ ଜଳ ଉତ୍ସ ଭଳି ସମସ୍ୟା ରହିଛି । ଏସବୁ ସମସ୍ୟାର ମୁକାବିଲା କରିବା ଏବଂ ସମସ୍ତ ପ୍ରଭାବିତ ଜନବସତିକୁ ନିରାପଦ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଭୂପୃଷ୍ଠ ଜଳ ଆଧାରିତ ମେଗା ପାଇପ୍ ଜଳ ଯୋଗାଣ ଯୋଜନା, ଏକକ ଗ୍ରାମ ଏବଂ ବହୁ-ଗ୍ରାମ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ସୌରଶକ୍ତି ଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସୌର ଡୁଆଲ୍ ପମ୍ପ ସ୍ଥାପନ, ଲୁହା ଅପସାରଣ ପ୍ଲାଣ୍ଟ ଏବଂ ଡି-ଫ୍ଲୋରାଇଡେସନ୍ ପ୍ଲାଣ୍ଟ ଭଳି ପଦକ୍ଷେପ ନେଇଛି । ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ଜମି ଅଧିଗ୍ରହଣ ସମସ୍ୟା, ଠିକାଦାରଙ୍କ ଅବହେଳା, ଏନଏଚ, ଏନଏଚଏଆଇ, ଆରଏଣ୍ଡବି, ଆରଡି, ଜଙ୍ଗଲ, ରେଳବାଇ ଭଳି ବିଭିନ୍ନ ବିଭାଗରୁ ଆରଓଡବ୍ଲୁ ମଞ୍ଜୁରିରେ ବିଳମ୍ବ ଭଳି ଅନେକ କାରଣ ଯୋଗୁଁ ଓଡ଼ିଶାରେ ମୋଟ ୭୦୫ଟି ବହୁ-ଗ୍ରାମ ପାଇପ୍ ଜଳ ଯୋଗାଣ ଯୋଜନା ବିଳମ୍ବିତ ହୋଇଛି । ରାଜ୍ୟ ସରକାର ଏସବୁ ସମସ୍ୟାର ସମାଧାନ ଲାଗି ଅନେକ ପଦକ୍ଷେପ ନେଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ କମିଶନର ତଥା ସଚିବଙ୍କ ନେତୃତ୍ୱରେ ଅନ୍ୟ ଏକ କମିଟି ଗଠାଯାଇଛି ଯେଉଁଥିରେ ସମସ୍ତ ଭିତ୍ତିଭୂମି ବିଭାଗର ମୁଖ୍ୟଯନ୍ତ୍ରୀ ସଦସ୍ୟ ରହିଛନ୍ତି । ଏହା ବ୍ୟତୀତ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାସିକ ଭିତ୍ତିରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହେଉଛି ଯାହା ଦ୍ୱାରା ବିଳମ୍ବିତ ମଞ୍ଜୁରି ଏବଂ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରାଯାଇପାରିବ । ଓଡ଼ିଶା ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ନୂଆପଡା, ବରଗଡ଼, ମୟୂରଭଞ୍ଜ ଏବଂ ଗଜପତିର କିଛି ଅଂଶ ସମେତ ଜିଲ୍ଲାର କିଛି ଜନବସତିରେ ଫ୍ଲୋରାଇଡ୍, ଲୌହଅଂଶ, ଲବଣତା ଏବଂ ଜୀବାଣୁଜନିତ ପ୍ରଦୂଷଣ ସହ ଜଡିତ ପାନୀୟ ଜଳର ଗୁଣବତ୍ତା ସମସ୍ୟା ପରିଲକ୍ଷିତ ହୋଇଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାର ଅନେକ ପ୍ରତିକାରମୂଳକ ଏବଂ ପ୍ରତିରୋଧକ ପଦକ୍ଷେପ ନେଇଛନ୍ତି ।

## ଓଏଏସ୍ ପଦୋନ୍ନତି, ବରିଷ୍ଠତା ତାଲିକା ବାଧକ

ଭୁବନେଶ୍ୱର,(ତଥ୍ୟ) ମାମଲା ଛିଣ୍ଡୁନଥିବାରୁ ଓଡ଼ିଶା ପ୍ରଶାସନିକ ସେବା କ୍ୟାଡରରେ ବରିଷ୍ଠତା ତାଲିକା ଚୂଡ଼ାନ୍ତ ହୋଇପାରୁ ନାହିଁ। ଏଥିଯୋଗୁ ଓଏଏସ୍ ସିନିଅର ବ୍ରାଞ୍ଚର ବିଭିନ୍ନ ପାହ୍ୟାକୁ ପଦୋନ୍ନତି ଦେବାରେ ବିଳମ୍ବ ଘଟୁଛି। ବିଶେଷକରି ଡେପୁଟି ସେକ୍ରେଟାରୀଠାରୁ ସ୍ପେଶାଲ ସେକ୍ରେଟାରୀ ପର୍ଯ୍ୟନ୍ତ ଓଡ଼ିଶା ପ୍ରଶାସନିକ ସେବାର ଅନେକ ପଦବୀ ପୂରଣ ହେବାରେ ଏଥିଯୋଗୁ ସମସ୍ୟା ଉପୁଜୁଛି ଏବଂ ଅନେକ ଅଧିକାରୀ ପଦୋନ୍ନତି ନପାଇ ମଧ ଅବସର ଗ୍ରହଣ କରୁଛନ୍ତି। ଏଥିଘେନି ସାଧାରଣ ପ୍ରଶାସନ ଏବଂ ରାଜସ୍ୱ ବିଭାଗ ଚିନ୍ତାବ୍ୟକ୍ତ କରୁଥିଲେ ମଧ ଓଏଏସ୍ ଜୁନିଅର ବ୍ରାଞ୍ଚରୁ ସିନିଅର ବ୍ରାଞ୍ଚକୁ ପଦୋନ୍ନତି ଦେଇପାରୁ ନାହାନ୍ତି।

ଓଏଏସ୍ ଜୁନିଅର ବ୍ରାଞ୍ଚରେ ପଦବୀଗୁଡ଼ିକ ପ୍ରତ୍ୟକ୍ଷ ନିଯୁକ୍ତି, ପଦୋନ୍ନତି ଓ ଅନ୍ୟ କ୍ୟାଡର୍‌ର ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ପୂରଣ ହୋଇଥାଏ। ପ୍ରତିବର୍ଷ ଓଏଏସ୍ ନିଯୁକ୍ତି ଲାଗି ଆଇନ୍‌ରେ ସ୍ପଷ୍ଟ ବ୍ୟବସ୍ଥା ଥିବାବେଳେ ସବୁ ବର୍ଷ କିନ୍ତୁ ଏହି ତିନୋଟି ସୂତ୍ରରୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଓଏଏସ୍ ନିଯୁକ୍ତି କରାଯାଉ ନାହିଁ। ଏଥିଯୋଗୁ ଅତୀତରେ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କ ଭିତରେ ବରିଷ୍ଠତା ଘେନି ବିବାଦ ରହିଥିଲା। ପ୍ରଶାସନିକ ସ୍ତରରେ ବିବାଦର ସମାଧାନ ହୋଇନପାରିବାରୁ ନ୍ୟାୟ ପାଇଁ କେତେକ ଅଧିକାରୀ ଆଇନ୍ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ସମସ୍ୟା ସଂପର୍କରେ ଅବହିତ ଅଛନ୍ତି। ବରିଷ୍ଠତା ତାଲିକା ପ୍ରକାଶ କରିବା ପାଇଁ ଅଦାଲତରୁ ସ୍ପଷ୍ଟ ଅନୁମତି ମିଳିବା ପରେ ପରେ ଆଇନ୍ ଅନୁଯାୟୀ ସିନିଅର ବ୍ରାଞ୍ଚକୁ ପଦୋନ୍ନତି ଲାଗି ଡିପିସି ତୁରନ୍ତ ବସାଯାଇପାରିବ। କିନ୍ତୁ ଅଦାଲତି ବିବାଦ ଯୋଗୁ ବରିଷ୍ଠତା ତାଲିକା ଚୂଡ଼ାନ୍ତ ହୋଇପାରୁନଥିବାରୁ ସମସ୍ୟା ଲାଗି ରହିଛି।

ଫଳରେ ଓଏଏସ୍ ସିନିଅର ବ୍ରାଞ୍ଚର ତଳ ପାହ୍ୟାରେ ଖାଲି ଥିବା ଶତାଧିକ ପଦବୀ ପୂରଣ ହୋଇପାରୁ ନାହିଁ। ଏହି ପଦବୀ ସବୁ ପୂରଣ ହେଲେ ତାହାର ଉପର ପାହ୍ୟାରେ ଖାଲି ପଡିଥିବା ଅନେକ ଓଏଏସ୍ ପଦବୀ ସହଜରେ ପୂରଣ କରାଯାଇପାରିବ। ଏ ପ୍ରସଂଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ବର୍ଷେ ହେବ ଆଇନ୍‌ଗତ ପରାମର୍ଶ ଲୋଡ଼ାଯାଇଛି। ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ବି ଚିଠି ଲେଖୁଛନ୍ତି। ତେବେ ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାରୁ ଏ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ଆଇନ୍‌ଗତ ପରାମର୍ଶ ମିଳିପାରୁ ନାହିଁ। ସମସ୍ତଙ୍କ ଅପେକ୍ଷା ରହିଛି ଅଦାଲତଙ୍କ ଚୂଡ଼ାନ୍ତ ରାୟ ଉପରେ। ଏଠାରେ ଉଲ୍ଲେଖନୀୟ ଯେ ଏବେ କିଛିବର୍ଷ ହେବ ରାଜ୍ୟ ସରକାର ଓଏଏସ୍ ପ୍ରତ୍ୟକ୍ଷ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ଏହା ସହ ପ୍ରତିବର୍ଷ କିନ୍ତୁ ପଦୋନ୍ନତି ଭିତ୍ତିରେ ଓଏଏସ୍ ଜୁନିଅର ବ୍ରାଞ୍ଚର ସମସ୍ତ ଉଦ୍ଦିଷ୍ଟ ପଦବୀ ପୂରଣ ହେଉନାହିଁ। ଏ ପରିପ୍ରେକ୍ଷୀରେ ନିର୍ଦ୍ଦିଷ୍ଟ ବ୍ୟାଚ ବା ବର୍ଷ ପାଇଁ ଯେଉଁମାନେ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ଭିନ୍ନଭିନ୍ନ ସମୟରେ ପାଉଛନ୍ତି ସେମାନଙ୍କ ଭିତରୁ କେଉଁ ଗୋଷ୍ଠୀ ବରିଷ୍ଠତା ତାଲିକାରେ ଉପରେ ରହିବେ ଓ ଆଉ କିଏ ତଳେ ରହିବ ସେହି ପ୍ରସଂଗରେ କ୍ୟାଡର୍ ଭିତରେ ଘମାଘୋଟ ଆଇନ୍‌ଗତ ଲଢ଼େଇ ଚାଲିଛି।

# ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ବାରିପଦା, (ସବ୍ୟୁ) : ସୂଚନା ଅନୁସାରେ ଜିଲ୍ଲାରେ ୭୦ହଜାରରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଥିଲାବେଳେ ଜିଲ୍ଲା ପ୍ରଶାସନର ଖାମଖିଆଲି ନୀତି ଯୋଗୁଁ ଦିବ୍ୟାଙ୍ଗ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ବିଷୟରେ ଆଲୋଚନା କରି ବିଫଳ ହେବାରୁ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଯାଇଥିଲା। ମୁଖ୍ୟତଃ ଦିବ୍ୟାଙ୍ଗ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବାରେ ବିଫଳ, ଏମିତିକି ଦୁଇବର୍ଷ ତଳେ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଦିବ୍ୟାଙ୍ଗ ମାନଙ୍କୁ ସାର୍ଟିଫିକେଟ ମିଳିପାରିନାହିଁ । ପୁଣି ଥରେ ଦୁଇ ବର୍ଷ ପରେ ବ୍ଲକ ସ୍ତରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି କିନ୍ତୁ ଡାକ୍ତର ମାନେ ଆବଶ୍ୟକ ଉପକରଣ ସାଙ୍ଗରେ ନେଉନଥିବାରୁ ପୁଣି ଥରେ ଦିବ୍ୟାଙ୍ଗ ମାନଙ୍କୁ ଜିଲ୍ଲା ମୁଖ୍ୟ ଶିବିରକୁ ହଇରାଣ ହୋଇ ଆସିବାକୁ ପଡୁଛି । ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଜି ସଙ୍ଘ ତରଫରୁ ଦାବିପତ୍ର ପ୍ରଦାନ କରିଥିଲେ ଦାବି ମଧ୍ୟରୁ ପ୍ରଥମତଃ ଦାବି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପାଇଁ ବାରିପଦା ରେଫର କରାନଯାଇ ଶିବିରରେ



ପରୀକ୍ଷା କରାଇ ସାର୍ଟିଫିକେଟ ପ୍ରଦାନ କରାଇବା, ଭତ୍ତା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଇବା, ୩୫୦୦ ଭତ୍ତାରାଶି ପ୍ରଦାନ କରାଯାଇଥିବା ଦିବ୍ୟାଙ୍ଗ ଠାରୁ ଟଙ୍କା ଫେରସ୍ତ ନନେଇ ସମସ୍ୟାର ସମାଧାନ କରାଇବା, ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗଙ୍କୁ ନେଇ ଖେଳ ପ୍ରତି ଯୋଗିତା ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲକୁ ନେଇ କରାନଯାଇ ଜିଲ୍ଲାରେ ଥିବା ଦିବ୍ୟାଙ୍ଗଙ୍କୁ ନେଇ ଖେଳ ପ୍ରତିଯୋଗିତା କରାଇବା, ବିଶ୍ୱ ଭିନ୍ନକ୍ଷମ ଦିବସ ନିର୍ଦ୍ଦିଷ୍ଟ ଏକ ସ୍କୁଲ ପିଲାଙ୍କୁ ନେଇ କରାଯାଉଥିବାରୁ ତାକୁ ବନ୍ଦ କରାଯାଇ ଜିଲାରେ ଥିବା ଦିବ୍ୟାଙ୍ଗଙ୍କୁ ନେଇ ପାଳନ କରାଯାଉ, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଚାକିରୀ ଦେବା ନାମରେ ଯେଉଁ ସଂସ୍ଥା ବିଜ୍ଞାପନ କରୁଅଛି ତାର ନିର୍ଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ନଥାଇ ଦିବ୍ୟାଙ୍ଗ ଅର୍ଥକୁ ଲୁଟ କରିବା ପାଇଁ ପ୍ରୟାସ କରୁଛି ତାର ତଦନ୍ତ କରି ତାକୁ ଉକ୍ତ ଶିବିରରେ ବିଜ୍ଞାପନ କରିବା ବନ୍ଦ କରାଯାଉ, ଦିବ୍ୟାଙ୍ଗଙ୍କ ପାଇଁ ଥିବା ଜିଲ୍ଲା କାର୍ଯ୍ୟାଳୟକୁ ବଡ଼ ଧରଣର ଏକ କୋଠା ଘରକୁ ସ୍ଥାନାନ୍ତରିତ କରାଯାଉ, ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ପ୍ରିଣ୍ଟର ଓ ସିଲେଇ ମେସିନ ପାଇଁ ଆବେଦନ କରିଥିବା ଦିବ୍ୟାଙ୍ଗଙ୍କୁ ତୁରନ୍ତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ, ଏପରି ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଅବଗତ କରାଇବା ପରେ ଧାରଣାରେ ବସିଥିବା ଦିବ୍ୟାଙ୍ଗ ମାନଙ୍କ ପାଖକୁ ଉପ-ଜିଲ୍ଲାପାଳ, ସାମାଜିକ ସୁରକ୍ଷା ଅଧିକାରୀ,ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଟାଉନ ଥାନା ଅଧିକାରୀ ଓ ଅନ୍ୟ ଅଧିକାରୀ ଆସି ଆଲୋଚନା କରିବା ସହ କିଛି ସମସ୍ୟା ତୁରନ୍ତ ସମାଧାନ କରିବା ପରେ ଅନ୍ୟ ସମସ୍ୟା ସମ୍ପର୍କରେ ଦୁଇଦିନ ମଧ୍ୟରେ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏପଟେ ସଙ୍ଘ ତରଫରୁ ତିନିଦିନ ମଧ୍ୟରେ ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମାଧାନ କରାନଗଲେ ସଂଘ ପକ୍ଷରୁ ହଜାର ହଜାର ସଂଖ୍ୟାରେ ଦିବ୍ୟାଙ୍ଗ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରାସ୍ତା ଅବରୋଧ କରି ଧାରଣା ଦେବା ସହିତ ଭିନ୍ନକ୍ଷମ ଦିବସ ପାଳନ କରାଯିବ ବୋଲି ସଭାପତି ଅରୁଣ କୁମାର ବେହେରା ସହିତ ବ୍ଲକସ୍ତରରୁ ଆସିଥିବା ବ୍ଲକ ସଭାପତି ମାନେ ନିଜର ମତ ରଖିଛନ୍ତି କୁନୁ ବିନ୍ଧାଣି, ସାବିତ୍ରୀ ସିଂ, ରଞ୍ଜିତ ସିଂହ, ଛବି ସିଂ, ଲକ୍ଷ୍ମଣ ଦାସ, କଟିବାବୁ ଜେନା, ସତ୍ୟକୀଙ୍କର ବେହେରା, ସଞ୍ଜୁ ମହାନ୍ତ, ନରେନ୍ଦ୍ର ସିଂ ଓ ଶବର ସିଂ ସହିତ ଶତାଧିକ ଦିବ୍ୟାଙ୍ଗ ଉପସ୍ଥିତ ଥିଲେ।

# ବୁଲା ଗାଈଗୋରୁ ମୁକ୍ତ ହେବ ଏନଏସି ରାସ୍ତାଘାଟ

## ଅସ୍ଥାୟୀ କେନ୍ଦ୍ରକୁ ନେଲା ଏନଏସି ପ୍ରଶାସନ

ଭଞ୍ଜନଗର, (ସବ୍ୟୁ): ରାସ୍ତାରୁ ବୁଲା ଗାଈଗୋରୁଙ୍କୁ ଉଠାଇଲା ଏନଏସି । ବାରମ୍ବାର ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କଲା ପରେ ମଧ୍ୟ ଅମାନିଆ ଗାଈ ମାଲିକ ମାନେ ନିଜର ଗୃହ ପାଳିତ ଗୋରୁଗାଈଙ୍କୁ ରାସ୍ତା ଉପରକୁ ଛାଡି ଦେଉଥିବା କାରଣରୁ ସହରରେ ଟ୍ରାଫିକ ସମସ୍ୟା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏସବୁ ଦୃଷ୍ଟିରେ ରଖି ପୂର୍ବରୁ ଏନଏସି କର୍ତ୍ତୃପକ୍ଷ ଗାଈଗୋରୁଙ୍କୁ ଉଠାଇ ବାହାରେ ନେଇ ଛାଡିଥିଲେ । ତେବେ ସେତେବେଳେ ଏହାକୁ ଗୋସେବକ ମାନେ ବିରୋଧ କରିଥିଲେ । ଆଉ ଦୀର୍ଘ ଦିନ ବ୍ୟବଧାନ ପରେ ଏବେ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସହରର ମୁଖ୍ୟ ରାସ୍ତାରେ ବନ ବିହାର ସାମ୍ନାରେ ଥିବା ଏନଏସିର ପର୍ଯ୍ୟଟକ ଆତିଥେୟ କେନ୍ଦ୍ରକୁ ସାମୟିକ ଭାବେ ଅସ୍ଥାୟୀ ଗୋଶାଳା କରି ସେଠାରେ ସହରର ବୁଲା ଗାଈଗୋରୁ ମାନଙ୍କୁ ରଖିବା ବ୍ୟବସ୍ଥା କରାଯାଇଛି । ସେଠାରେ ଗୋମାତାଙ୍କ ସେବା ସହ ଖାଦ୍ୟ ଆଦିର ବ୍ୟବସ୍ଥା ସହ ଚିକିତ୍ସା



ସେବା ମଧ୍ୟ ଉପଲବ୍ଧ କରାଯାଇଛି । ଯଦି ଗାଈଗୋରୁ ମାଲିକମାନେ ନିଜର ଗାଈଗୋରୁଙ୍କୁ ସେଠାରୁ ଜୋରିମାନା ଭରି ନଆଣନ୍ତି ତେବେ ପରେ ଏସବୁ ଗାଈଗୋରୁଙ୍କୁ ନିଲାମ କରି ଅନ୍ୟଙ୍କୁ ବିକ୍ରି କରି ଦିଆଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି । ସୋମବାର ଏନଏସି ପକ୍ଷରୁ ପ୍ରଥମ ଦିନ ରେ ସହରର ମୁଖ୍ୟ ରାସ୍ତା ସମେତ ଜେଲ ରୋଡ ଇଲାକାରୁ ୧୧ ଟି ଗାଈଗୋରୁ ଉଠାଇ ନିଆଯାଇଛି । ସହରର ସମସ୍ତ ରାସ୍ତାଘାଟ ଗାଈଗୋରୁ ମୁକ୍ତ ହେବା ଯାଏଁ ନିୟମିତ ଭାବେ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି । ଅପରପକ୍ଷରେ ଏନଏସିର ଏଭଳି କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି ।

# ଝିପିଝିପି ବର୍ଷାରେ କଟା ଧାନ ହେଲା ଓଦା, ବଢିଲା ଚାଷୀଙ୍କ ଚିନ୍ତା

ବୁଗୁଡ଼ା, (ସବ୍ୟୁ) : ପୂର୍ବରୁ ପ୍ରକାଶିତ ପାଣିପାଗ ବିଭାଗର ସୂଚନା ମୁତାବକ ବୁଗୁଡ଼ା ଅଞ୍ଚଳରେ ସୋମବାର ସକାଳୁ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି । ରବିବାର ଦିନଠାରୁ ପାଗ ମେଘୁଆ ରହିଥିବା ବେଳେ ସୋମବାର ଦିନ ଝିଟିପିଟି ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଦିନ ସାରା ଲଗାଣ ଝିପିଝିପି ବର୍ଷା ଫଳରେ ଅନେକ ଚାଷ ଜମିରେ କଟା ଧାନ ସବୁ ଓଦା ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି । ଚଳିତ ବର୍ଷ ବର୍ଷାର ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା । ତଥାପି ବାଘୁଆ ଜଳଭଣ୍ଡାରରୁ ଜଳ ଯୋଗାଣ ସାଙ୍ଗକୁ ଆବଶ୍ୟକ ବେଳେ ବର୍ଷା ହୋଇଥିବାରୁ ଚଳିତବର୍ଷ ଭଲ ଫସଲ ହୋଇଥିଲା । ଏବେ କେତେକ ଚାଷୀ ଧାନ ଫସଲ କାଟି ଖଳାରେ ଜମାକରି ରଖିଛନ୍ତି ଏବଂ ଅନେକ ଚାଷୀ ଧାନକୁ କାଟି ଜମିରେ ରଖିଥିବା ବେଳେ ଏଇ ଝିପିଝିପି ବର୍ଷା ଯୋଗୁଁ ତାହା ଓଦା ହୋଇଯାଇଛି । ଏହି ବର୍ଷାର ପ୍ରଭାବରେ ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ହଜାର ହଜାର ହେକଟର ଜମିରେ ହୋଇଥିବା ଧାନ ଓ ପରିବା ଫସଲ ନଷ୍ଟ ହେବାର ଆଶଙ୍କା ଯୋଗୁଁ ଚାଷୀ ଚିନ୍ତାରେ ପଡିଥିବା ଜଣାଯାଇଛି । ଅନ୍ୟପକ୍ଷରେ ଦିନସାରା ମେଘୁଆ ପାଗ ସହ ଝିପିଝିପି ବର୍ଷା ହେତୁ ସାଧାରଣ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି ।

# ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ଉନ୍ନତ ସାମଗ୍ରୀ ଉପରେ ସେମିନାର

ଗୋଲାନ୍ଥରା, (ସବ୍ୟୁ): ଗୋଲନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଆୟୋଜିତ ଉନ୍ନତ ସାମଗ୍ରୀ ଉପରେ ଏକ ସେମିନାର ସଫଳତାର ସହିତ ଆୟୋଜନ ହୋଇଯାଇଛି । ଏହି ଅବସରରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ବାୟୋଟେକ୍ନୋଲୋଜିର ଛାତ୍ରମାନେ ଏଫଆରପି ଉପରେ ଶକ୍ତି ଅନୁସନ୍ଧାନ ଏବଂ ଶକ୍ତି ପ୍ରୟୋଗ ପାଇଁ ସାମଗ୍ରୀ ବିଷୟରେ ଜାଣିବାକୁ ପାଇଛନ୍ତି । ଏଥିରେ ଜିଏମ୍ ବିଶ୍ୱବିଦ୍ୟାଳୟ ସମ୍ବଲପୁର ପଦାର୍ଥ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର ପଦାର୍ଥ ବିଜ୍ଞାନ ବିଭାଗ ର ସହକାରୀ ପ୍ରଫେସର ଡ. ରାକେଶ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ଏଫଆରପି କମ୍ପୋଜିଟ୍ ଉପରେ ବିକିରଣ ପ୍ରଭାବ ବିଷୟରେ ବିସ୍ତୃତ ଭାବରେ ଛାତ୍ରଛାତ୍ରୀ



ମାନଙ୍କୁ ଅବଗତ କରିଥିଲେ । ଡ. ରାକେଶ କୁମାର ସାହୁ ଶକ୍ତି ସଂରକ୍ଷଣ ଏବଂ ପରିବେଶଗତ ପ୍ରୟୋଗ ପାଇଁ ନାନୋମାଟେରିଆଲ୍ସ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡ଼. ବିଶ୍ୱଜିତ ପଣ୍ଡା, ଡ଼. ଦୀପକ କୁମାର ସ୍ୱାଇଁ, ଡ଼. ଅଶ୍ୱିନୀ କୁମାର ବେହେରା, ଡ଼. ଜଗନ୍ନାଥ ପଣ୍ଡା, ଡ଼. ରତିକାନ୍ତ ନାୟକ, ଡ଼. ଦୀପକ କୁମାର ସ୍ୱାଇଁ, ଏବଂ ଏମ୍ଏସପି ପଦାର୍ଥ ବିଜ୍ଞାନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ । ଶେଷରେ ଡ଼. ଆଶିଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଷ ଖାଇ ଯୁବତୀଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଚଢେୟାପଲ୍ଲୀ ଗାଁର ଜନୈକା ଯୁବତୀ ବିଷ ଖାଇ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତା ଯୁବତୀ ଜଣକ ହେଲେ କାଳିଆ ପ୍ରଧାନଙ୍କ ଝିଅ ମାମି ପ୍ରଧାନ (୨୬) । ଏନେଇ କେସ୍ ନଂ ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ପାରିବାରିକ ଅଶାନ୍ତି କାରଣରୁ ଗତ ରବିବାର ରାତିରେ ମାମି ଚାଉଳ ପୋକ ମାରିବା ପାଇଁ ବ୍ୟବହୃତ ବିଷ ଖାଇ ଦେଇଥିଲେ । ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି ।

# ବିଶ୍ୱ ଏଡସ ଦିବସ ପାଳିତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ମୁନିଷିପେଣ୍ଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ଼ା ସ୍ୱାଧୀନ ରଥଙ୍କ ପୌରହିତ୍ୟରେ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବଣ୍ଟନ ସହ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି । ବିଘଟଣରୁ ବାହାରକୁ ବାହାରି ଏଡସ ରୋଗକୁ ତୁରନ୍ତ ସେବା ସହଯୋଗ ଯୋଗେଇ ଦେବା ର ଲକ୍ଷ୍ୟକୁ ଅନୁସରଣ କରି ଆଜି ଉକ୍ତ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଏହି ସୁନ୍ଦର କାର୍ଯ୍ୟକ୍ରମରେ ୫୦ ଗୋଟି ପୋଷଣ ଯୁକ୍ତ ଖାଦ୍ୟ ଟିବି ରୋଗୀଙ୍କୁ ବଣ୍ଟନ କରାଗଲା ।

# କଳାସଂସ୍କୃତିର ମହାକୁମ୍ଭ ୮ ମ ମୟୂରଭଞ୍ଜ ମହୋତ୍ସବ ଉଦ୍‌ଘାଟିତ

## ଶିତୁଆ ସନ୍ଧ୍ୟାରେ ଦିପ୍ତିରେଖାଙ୍କ ସଙ୍ଗୀତରେ ବିଭୋର ଦର୍ଶକ

ବାରିପଦା, (ସବ୍ୟୁ) : ବାରିପଦା ଛଉପଡିଆ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାସଂସ୍କୃତିର ମହାକୁମ୍ଭ ଅଷ୍ଟମ ମୟୂରଭଞ୍ଜ ମହୋତ୍ସବ ଉଦଘାଟିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଉଦଘାଟନ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଓ ଆରସିସିଏଫ୍ ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୟ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପରିବେଷ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବ୍ୟବହାର ନକରିବାକୁ ପରାମର୍ଶ ଦେଇଥିଲେ। ମହୋତ୍ସବ ଉଦଘାଟନ ପୂର୍ବରୁ ମୟୂରଭଞ୍ଜ ମହୋତ୍ସବ କମିଟିର ପ୍ରଥମ ଅଧ୍ୟକ୍ଷ ନାୟକ ସ୍ୱର୍ଗତଃ



ଉତ୍ତମ ମହାନ୍ତି ଓ କପ୍ତିପଦା ଉପଖଣ୍ଡ ସଭାପତି ନିରଞ୍ଜନ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଉତ୍ସବରେ ଅତିଥି ମାନେ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ମହୋତ୍ସବର ସମସ୍ତ ସଦସ୍ୟଙ୍କର ମିଳିତ ପ୍ରୟାସରେ ମୟୂରଭଞ୍ଜ ମହୋତ୍ସବ ଦେଶ ତଥା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମତ ରଖିବା ସହ ଶିମିଳିପାଳ ସୁରକ୍ଷା ଓ ପରିବେଷ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିପାରିଥିବାରୁ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ମାନଙ୍କୁ ଅତିଥି ମାନେ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ଅଧ୍ୟକ୍ଷ ଅସିତ୍ ପତି, ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ସଂଯୋଜନାରେ ଉଦଘାଟନ ଉତ୍ସବରେ ସଂଜୀବ ଦ୍ୱିବେଦୀ, ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁଜିତ୍ ମହାନ୍ତି, ଅମର ସେଠୀ, ଶୁଭେନ୍ଦୁ ସାହୁ, ସତ୍ୟଜିତ୍ ସୋମ୍, ସଂଜୀବ୍ ରାଉତ, କାଶିନାଥ ରଣା, ଅମିତାଭ ସାହୁ, ତରୁଣ ମହାନ୍ତି ଓ ସତ୍ୟସ୍ୱରୂପ ଦାଶ ପ୍ରମୁଖ ମଞ୍ଚରେ ଉପସ୍ଥିତ ହେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବରେ ଉପସ୍ଥାପକ ଡାଃ ରଂଜିତ୍ କୁମାର ସାହୁ ଓ ଉପସ୍ଥାପିକା ସ୍ନେହାଶ୍ରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବାବେଳେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲେ ସୁନାମଧନ୍ୟ ଓଡିଆ କଣ୍ଠଶିଳ୍ପୀ ଦିପ୍ତିରେଖା ଓ ସୌରଭ ଭରଦ୍ୱାଜ୍। ଶିତୁଆ ସନ୍ଧ୍ୟାରେ ଦିପ୍ତିରେଖାଙ୍କର ଗୀତର ତାଳେ ତାଳେ ମତୁଆଲା ହୋଇଯାଇଥିଲେ ଦର୍ଶକ। ଏହି ମହୋତ୍ସବ ୧୦ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିଦିନ ସନ୍ଧ୍ୟାରେ ବିଶିଷ୍ଟ ଅତିଥି ମାନଙ୍କ ସହ ବଲିଉଡ୍ ଓ ଓଲିଉଡ୍‌ର ପ୍ରସିଦ୍ଧ କଳାକାର ଓ କଣ୍ଠଶିଳ୍ପୀ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ

ବାରିପଦା, (ସବ୍ୟୁ) : ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଜିଲ୍ଲାପ୍ରଶାସନ ତତ୍ତ୍ୱାବଧାନରେ ଆଜି ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଯୁବୋତ୍ସବ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ସମ୍ମାନିତ ଅତିଥି ଭାବେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ବିକାଶରେ ସେମାନେ ବାସ୍ତବରେ ପ୍ରଗତିର ସାରଥି, ଆମ ଯୁବଶକ୍ତି ବୋଲି ଅଭିହିତ କରିଥିଲେ । ସେହିପରି ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦାଃ କହିଥିଲେ ଯେ, ବିଶ୍ୱ ଇତିହାସରୁ ଏହା ସୁସ୍ପଷ୍ଟ, ଯେତେବେଳେ କିଛି ପରିବର୍ତ୍ତନ ହୋଇଛି ବା କ୍ରାନ୍ତି ଆସିଛି ସେଇ ପରିବର୍ତ୍ତନର ସ୍ୱର ଯୁବ ଶକ୍ତି ଦ୍ୱାରା ହିଁ ଉଥାପନା ହୋଇଛି । ତେଣୁ ଯୁବ ଶକ୍ତି ହିଁ ପରିବର୍ତ୍ତନ ଓ ପ୍ରଗତିର ମୁଖ୍ୟ ଉତ୍ସ ବୋଲି ସେ କହିଥିଲେ । ସେହିପରି ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନେ ମଧ୍ୟ ଦେଶର ପ୍ରଗତି ପାଇଁ ଯୁବଶକ୍ତିର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ । ବର୍ତ୍ତମାନର ଯୁବପିଢ଼ିଙ୍କୁ ପରାମର୍ଶ ଦେଇ କହିଥିଲେ, କୌଣସି କ୍ଷେତ୍ରରେ ଅସଫଳ ହେଲେ ହତାଶ ନହୋଇ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରି ଦୃଢ଼ ମନବଳ ସହିତ ଉନ୍ନତି ଦିଗରେ ନିଜର ଶକ୍ତିକୁ ସଠିକ ଉପଯୋଗ କରିବା ଉଚିତ୍ । ଯେକୌଣସି ପରିସ୍ଥିତିରେ ସମସ୍ୟାକୁ ସାମ୍ନା କରିବା ପାଇଁ ନିଜ ଭିତରେ ଶକ୍ତି ସଂଚୟ କରିବା ନିମନ୍ତେ ଆହ୍ୱାନ ଜଣାଇ ଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିବିଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଲୋକନୃତ୍ୟ (ଗୋଷ୍ଠୀ), ଲୋକଗୀତ (ଗୋଷ୍ଠୀ), କାହାଣୀଲେଖା, ଚିତ୍ରକଳା, କବିତା ଲେଖା, ବକ୍ତୃତା ସହ ଅଭିନବ ପଥ (ବିଜ୍ଞାନ ମେଳାର ପ୍ରଦର୍ଶନୀ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ବିଜେତାମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଉକ୍ତ ଉଦଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ଶିକ୍ଷକ ସୋମନାଥ ସିଂ ସଂଚାଳନ କରିଥିଲେ ।

# ୧୯୪ ଅଭିଯୋଗର ଶୁଣାଣି, ଏଣିକି ହ୍ୱାର୍ଟସ୍ଆପ୍‌ରେ କରିହେବ ଅଭିଯୋଗ : ଜିଲ୍ଲାପାଳ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଂଚଳର ଜନ ସାଧାରଣ ମାନେ ଏହି ଶୁଣାଣୀରେ ଯୋଗ ଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଜିଲ୍ଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ଅବଗତ କରାଇଛନ୍ତି । ମୁଖ୍ୟତଃ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା, ସୁଭଦ୍ରା ଯୋଜନା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ଭଳି ବିଭିନ୍ନ ଅଭିଯୋଗ ଗୁଡିକ ଦେଖିବାକୁ ମିଳିଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉପସ୍ଥିତ ରହି ଆଜି ୧୯୪ ଟି ଅଭିଯୋଗର ଶୁଣାଣୀ କରିଥିଲେ । ସେଥି ମଧ୍ୟରୁ ୧୮୩ ଟି ବ୍ୟକ୍ତିଗତ ଏବଂ ୧୧ ସାମୁହିକ ଅଭିଯୋଗ ରହିଛି । କେତେକ ଅଭିଯୋଗ ଗୁଡିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହା ସହିତ ୧୪ଜଣ ଙ୍କୁ ରେଡକ୍ରସ ପାଣ୍ଠିରୁ ୯୫ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ୩ ଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ମଧ୍ୟ ଜିଲ୍ଲାପାଳ ଓ ଏସପି ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣୀ ଏଣିକି ହ୍ୱାର୍ଟଆପ୍ ମାଧ୍ୟମରେ ଘରେ ରହି ଲୋକେ ମାନେ ଅଭିଯୋଗ କରି ପାରିବେ । ତାହା ଆଗାମୀ ଦିନ ରେ ଜିଲ୍ଲାରେ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେବା ସହିତ ଅଭିଯୋଗ କାର୍ଯ୍ୟକ୍ରମ ଗ୍ରାମ ପଂଚାୟତ ସ୍ତରରେ ଚାଲୁ ରହିଛି ।ଏହା ସହ ଇ- ନିବେଦନ କାର୍ଯ୍ୟକ୍ରମ ଚାଲିଛି ବୋଲି ମଧ୍ୟ ଜିଲ୍ଲାପାଳ କହିଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଜିଲ୍ଲାପରିଷଦର ପ୍ରାର ପ୍ରାପ୍ତ ସିଡିଓ ବିଜୟ କୁମାର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସରେ ବିଶ୍ୱ ଏଡସ୍ ଦିବସ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଡିନ୍ ଡ. ପ୍ରଥିମା ପ୍ରକାଶମ୍ , ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀ ଆଭାସୀ ମାଧ୍ୟମରେ ବିଶ୍ୱ ଏଡ୍‌ସ ଦିବସ ପାଳନର ତାପର୍ଯ୍ୟ ଉପରେ ସୂଚନା ଦେବା ସହ ଏଦିଗରେ ଜନ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଥିବା ଉଲ୍ଲେଖ କରିଥିଲେ । ଏହି ଉପଲକ୍ଷେ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଭଟିମୁଣ୍ଡା ସରକାରୀ ଜନ ଆରୋଗ୍ୟ କେନ୍ଦ୍ର ପରିସରରୁ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଜନ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଅମୀୟ କୁମାର ଦାସ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି




ଭାବରେ ଯୋଗଦେଇ ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀ ନାଟକ ପ୍ରଦର୍ଶନ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାଶଙ୍କ ପୋରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ପ୍ରାଧ୍ୟାପିକା ମାଧୁରୀ ମେଶରମ୍ , ଅଧ୍ୟାପିକା ଏ୍ୟଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ସାମଲ, ଅଧ୍ୟାପିକା ଅମ୍ରିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍‌ପିଟାଲରେ ମଧ୍ୟ ପାଳିତ ହୋଇଥିଲା ।

# ବାରିପଦା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ବାରିପଦା, (ସବ୍ୟୁ) : ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପ୍ରାଥମିକ ସ୍ତରରୁ ୩୫ଟି, ଉଚ୍ଚ ବିଦ୍ୟାଳୟ ସ୍ତରରୁ ୧୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଭବିଷ୍ୟରେ ଦେଶର ପ୍ରଗତିରେ କୁନି ବୈଜ୍ଞାନିକ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଃ ଡଃ ସରୋଜ କୁମାର ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀକାନ୍ତ ଚୌଧୁରୀ ଓ ସୁଦର୍ଶନ ପଣ୍ଡା କୁନି ବୈଜ୍ଞାନିକ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ମହାନ୍ତ ଉପସ୍ଥିତ ଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ବିବେକ କୁମାର ସାଓ, ଏମ୍‌ପିକେ ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ଦାସ, ଏମଟିକେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାମୁନି ମୁର୍ମୁ, କେସିପୁର ଉଚ୍ଚ ବିଦ୍ୟାଳୟର ଜୟଶ୍ରୀ ମହାନ୍ତ, ପିଏମ ଶ୍ରୀ ଏମ୍‌କେସି ଉଚ୍ଚ ବିଦ୍ୟାଳୟର ରୀତିଶା ନାଏକ, କମଳା ନେହେରୁ ଉଚ୍ଚ ବିଦ୍ୟାଳୟର ନିଶିସ୍ୱପ୍ନା ଦାସ ଓ ଭଂଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ମୌସୁମୀ ପାତ୍ରଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। ତତ୍‌ସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ଗୁଡିକ ମଧ୍ୟ ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଜଗନ୍ନାଥ ସାହୁ, ଦିଲ୍ଲୀପ ମିଶ୍ର, ରବୀନ୍ଦ୍ର ସେଠି ଓ ସୁବୋଧ କୁମାର ସାହୁ ଯୋଗଦେଇ ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ଚୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପୁରସ୍କାର ବିତରଣ କରିବା ସହ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ସେଠି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଦାଶ ଓ ଶ୍ରୀ ମୁର୍ମୁ ଉପସ୍ଥିତ ରହି କୃତୀ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସଞ୍ଜୟ କୁମାର କଳିଆ ଓ ବିଶେଶ୍ୱର ଦ୍ୱିବେଦୀ, ମନୋଜ ପରିଡା, ଶିକ୍ଷକ ଗୌତମ ଦାସ, ନାରାୟଣ କିଙ୍କର ଦତ୍ତ, ରନି ବାନାର୍ଜୀ, ସମସ୍ତ ସିଆରସିସି, ଶିକ୍ଷକ ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଡିଜିଜ ରିଭର୍ସାଲ ହିଲିଙ୍ଗ ସିଟି ସେଣ୍ଟର ଉଦ୍‌ଘାଟିତ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ମା' ରାମାୟଣୀ ଆତ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପ ପରିସରରେ ସଫଳତାର ସହ ସବିତା ଆରୋଗ୍ୟ କୁଟୀର ଓ ମା' ରାମାୟଣୀ ଆତ୍ମା ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଦି ଡିଜିଜ ରିଭର୍ସାଲ ହିଲିଙ୍ଗ ସିଟି ସେଣ୍ଟର (ନେଚୁରପାଥି କ୍ଲିନିକ୍) ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିଦାନନ୍ଦ ଦିବ୍ୟଧାମ, ଅଗସ୍ତିନୁଆଁ ଗାଁରେ ଅସ୍ଥାପିତ ଦି ଡିଜିଜ ରିଭର୍ସାଲ ହିଲିଙ୍ଗ ସେଣ୍ଟର ମୁଖ୍ୟ ତଥା ଭୁବନେଶ୍ୱର ସମ ହସ୍ପିଟାଲର କମ୍ୟୁନିଟି ମେଡ଼ିସିନ ବିଭାଗର ପ୍ରଫେସର ଡ଼ାକ୍ତର ଗୁରୁମୂର୍ତ୍ତି ମହାପାତ୍ର, ସମ୍ମାନିତ ଅତିଥି ଭାବେ ସବିତା ଆରୋଗ୍ୟ କୁଟୀର, ଛତ୍ରପୁର ର ଡ଼ାକ୍ତର ସୁଧୀର କୁମାର ସାହୁ, ଯୋଗ ଗୁରୁ ଲୀପକ, ମା' ରାମଚଣ୍ଡୀ ଶକ୍ତିପୀଠର ସଂଯୋଜକ କମଳ ପଣ୍ଡା, ବ୍ରହ୍ମପୁର ସହରର ବିଶିଷ୍ଟ ସମାଜସେବୀ ଶିବ ଶଙ୍କର ଦାଶ, ମା'ରାମାୟଣୀ ଆତ୍ମା ମନ୍ଦିର କମିଟିର ସମ୍ପାଦକ ବି. ଶ୍ରୀନିବାସ, ମା' ରାମଚଣ୍ଡୀ ଶକ୍ତିପୀଠ ପୂଜା କମିଟି ସଭାପତି ସି.ଏଚ୍. ଦୟାନନ୍ଦ ରେଡ୍ଡୀ, ଏବଂ ମୁଖ୍ୟ ବକ୍ତା ଭାବେ ଭାଗତ ଭାସ୍କର ଜଗନ୍ନାଥ ପଣ୍ଡା ଉପସ୍ଥିତିରେ ସଭା କାର୍ଯ୍ୟ ସଂପାଦିତ ହୋଇଥିଲା । ଡ଼ାକ୍ତର ଗୁରୁ ମୂର୍ତ୍ତି ଓ ସୁଧୀର ବିନା ଔଷଧରେ ମଧୁମେହ କିପରି ଆରୋଗ୍ୟ ହୋଇ ପାରିବ ସେ ସମ୍ବନ୍ଧୀୟ କର୍ମଶାଳା ଲୋକମାନଙ୍କ ଆଗରେ ରଖିଥିଲେ । ଯୋଗ ଗୁରୁ ଲିପକ ଯୋଗ ମାଧ୍ୟମରେ ଶରୀର ଆରୋଗ୍ୟ କୌଶଳ ଲୋକଙ୍କୁ ବୁଝାଇଥିଲେ । ଏହି ସେଣ୍ଟର ମା' ରାମାୟଣୀ ଆତ୍ମା ସୌଭାଗ୍ୟ କଲ୍ୟାଣ ମ.,ପ ପରିସରରେ ପ୍ରତ୍ୟେକ ରବିବାର ଅପରାହ୍ନ ୪ରୁ ୫ଘଟିକା ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମକୁ ଯୁବ ଜ୍ୟୋତିଷୀ ତଥା ସବିତା ଆରୋଗ୍ୟ କୁଟୀର ମୁଖ୍ୟ ଦୀପକ କୁମାର ଦାଶ ସଂଯୋଜନା କରିଥିଲେ ଏବଂ ବି. ଶ୍ରିନୀବାସ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁବୟୁଟୁବର ଲିପୁନ୍ ବାବୁଙ୍କୁ ସମ୍ମାନିତ କରାଯାଇଥିଲା ।

# ଧର୍ମଶାଳା ଥାନା ଅଞ୍ଚଳରୁ ଚୋରି ଘଟଣା : ୭ ଅଟକ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଅଂଚଳରୁ ବାରମ୍ବାର ଚୋରି ଘଟଣାରେ ପୁଲିସ ପକ୍ଷରୁ କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପରେ ଥାନା ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯିବା ପରେ ଥାନା ଅଧିକାରୀ ଦାୟିତ୍ୱରେଥିବା ଇନିସପେକ୍ଟର ରମାକାନ୍ତ ନାୟକ ତପିର ହୋଇଉଠିଛନ୍ତି। ଗତ ତିନିଦିନ ତଳେ ମନ୍ଦିର ଚୋରି ଘଟଣାରେ ୪ ଜଣ ଅଭିଯୁକ୍ତ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏବେ ପୁଲିସ ଘର ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ଲାଗିପଡିଛନ୍ତି। ଅଜି ସନ୍ଧ୍ୟା ପର୍ଯ୍ୟନ୍ତ ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଏହି ସଂଖ୍ୟା ଅଧିକ ହେବାର ଆଶଙ୍କା ରହିଛି। ଏହି ସମସ୍ତ ଚୋରୀ ଘଟଣରେ ସମ୍ପୃକ୍ତ ଚୋର ଓ ସେମାନଙ୍କୁ ସୂଚନା ପ୍ରଦାନ କରୁଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା, ଶାନ୍ତିବଜାର, କୁମାରୀ , ଜାମୁବଣିଆଁ, ଗାନ୍ଧିଛକ ଆଦି ଅଂଚଳରୁ ଚୋରି ଘଟଣାରେ ପୁଲିସ ଆଜି ସୁଦ୍ଧା ୭ ଜଣ ଚୋରଙ୍କୁ ଧରି ଥାନାରେ ଅଟକ ରଖିଥିବା ଜଣାପଡିଛି। ତେବେ ଏହି ଚୋରିରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଥିବାରୁ ସେମାନଙ୍କୁ ଧରିବା ପାଇଁ ଧର୍ମଶାଳା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରିରହିଛି। ତେବେ ଧରାପଡିଥିବା ଚୋରମାନଙ୍କ ମଧ୍ୟରୁ କିଛି ସ୍ଥନୀୟ ଅଂଚଳର ହୋଇଥିବା ବେଳେ କେତେକ ବାହାର ଜିଲ୍ଲାର ବୋଲି ଜଣାପଡିଛି। ତଦନ୍ତ ଓ ଗିରଫଦାରିରେ ବାଧା ଉପୁଯିବା ଆଶଙ୍କାରେ ପୁଲିସ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି। ସମସ୍ତ ଅଭିଯୁକ୍ତ ଧରାପଡିବା ପରେ ପୁଲିସ ମଙ୍ଗଳବାର କିମ୍ବା ବୁଧବାର ଦିନ ସାମ୍ବାଦିକ ସମ୍ମିଳନୀ ଡକାଇ ଘଟଣାର ପର୍ଦ୍ଦାଫାସ କରିବ ବୋଲି ଜଣାଯାଇଛି। ତେବେ ଥାନାରେ ଅଟକ ରହିଥିବା ଚୋରମାନଙ୍କୁ ସ୍ଥାନୀୟ ଅଂଚଳର କେଉଁମାନେ ବିଭିନ୍ନ ଘର ସମ୍ପର୍କରେ ତଥ୍ୟ ଯୋଗାଉଥିଲେ ଏବଂ ସେମାନଙ୍କ ଠରୁ ଚୋରି ହୋଇଥିବା କେଉଁ କେଉଁ ସାମଗ୍ରୀ ଜବତ ହୋଇଛି ତାହାକୁ ପୁଲିସ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିବ ବୋଲି ସୂଚନା ଦିଆଯାଇଛି।

# ମଧ୍ୟାହ୍ନ ଭୋଜନ ଚାଉଳ ହଡପ ଯୋଜନା : ଚାଉଳ ଜବତ କଲେ ବିଇଓ

ଚଡେଇଧରା/ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଶିକ୍ଷା ମଣ୍ଡଳ ଅଧିନ ପଞ୍ଚାୟତ ହାଇସ୍କୁଲ କାଳିଆଘୋଡାରେ ଛାତ୍ରଛାତ୍ରୀ ମାନଙ୍କୁ ଠିକଭାବେ ମଧ୍ୟାହ୍ନ ଭୋଜନ ଦିଆନଯାଇ ବିଭିନ୍ନ ପ୍ରକାର କାରସାଦି ମାଧ୍ୟମରେ ଚାଉଳ ହଡପ କରାଯାଉଥିବା କେତେକ ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିଛନ୍ତି। ସ୍କୁଲକୁ କମପିଲା ଆସୁଥିଲେ ମଧ ରିପୋର୍ଟରେ ଅଧିକ ପିଲା ଉପସ୍ଥିତ ଥିବା ଦର୍ଶାଇ ଚାଉଳ ହଡପ କରାଯାଉଥିବା ଜଣାପଡିଛି। ପିଲାମାନଙ୍କ ପାଇଁ ଉଦିଷ୍ଟ ମଧ୍ୟାହ୍ନ ଭୋଜ ଚାଉଳକୁ ଗଛିତ ରଖାଯାଇ ବାହାରକୁ ବିକ୍ରି ପାଇଁ ଉଦ୍ୟମ ହେଉଥିବା ଖବର ମିଳିବା ପରେ ବ୍ଲକ ଶିକ୍ଷା ଅଧିକାରୀ ଅଚାନକ ସ୍କୁଲରେ ପହଞ୍ଚି ତନଖି କରିବାରୁ ସ୍କୁଲ ଭିତରେ ବସ୍ତା ବସ୍ତା ଚାଉଳ ଲୁଚାଇ ରଖାଯାଇଥିବା ଦେଖାଯାଇଥିଲା। ହିସାବ ବର୍ହିଭୁତ ଏହିସବୁ ଚାଉଳ ବସ୍ତାକୁ ବିଇଓ ଜବତ କରି ତଦନ୍ତ କରୁଥିବା ଜଣାପଡିଛି। ଦୀର୍ଘ ଦିନହେବ ଏହି ପ୍ରକ୍ରିୟାରେ ଉକ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ଚାଉଳ ହଡପ ହୋଇଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି! ତେବେ ପ୍ରାୟ ୧୨ବସ୍ତା ଚାଉଳ ଜବତ ହୋଇଥିବା ଜଣାପଡିଛି! ତେବେ ସ୍କୁଲରେ ଅଧିକ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବାରୁ ୩କ୍ୟୁଣ୍ଟାଲ ଚାଉଳ ସଟେଜ ଥିବା ରିପୋର୍ଟରେ ଦର୍ଶାଯାଇ ଏହା ଭରଣା ପାଇଁ କର୍ତ୍ତୃପକ୍ଷ୍ୟଙ୍କୁ ସ୍କୁଲର ପ୍ରଧାନ ଶିକ୍ଷକ ଜଣାଇଥିଲା ବେଳେ ସ୍କୁଲ ଭିତରେ ଏତେ ପରିମାଣର ମଧ୍ୟାହ୍ନ ଭୋଜନ ଚାଉଳ ମହଯୁଦ ରହିଲା କିପରି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ସାହାଣୀଡିହ ପଞ୍ଚାୟତର ରାମଚନ୍ଦ୍ରପୁର ଠାରେ ଥିବା ଏହି ସ୍କୁଲରେ ଏପରି ଚଞ୍ଚକତାଭାବେ ମଧ୍ୟାହ୍ନ ଭୋଜନ ହଡପ କରାଯାଉଥିବା ନେଇ ରାମଚନ୍ଦ୍ରପୁର ଗ୍ରାମର ପ୍ରଫୁଲକୁମାର ଜେନା,ବିଜୟକୁମାର ସିଂହ, ଆନନ୍ଦଚନ୍ଦ୍ର ପାତ୍ରଙ୍କ ସହ ବହୁଲୋକ ଅଭିଯୋଗ କରିବା ପରେ ଗତ ନଭେମ୍ବର ୨୭ ତାରିଖ ଦିନ ଅଚାନକ ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ ଅଜୟକୁମାର ବେହେରା ସ୍କୁଲରେ ପହଞ୍ଚି ଖୋଳତାଡ କରିଥିଲେ!ତେବେ ଗତ ୫ଦିନ ତଳୁ ଏହି ମଧ୍ୟାହ୍ନ ଭୋଜନ ଚାଉଳ ଜବତ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି! ଯଥାଶୀଘ୍ର ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେଲେ ବିଇଓଙ୍କ କାର୍ଯ୍ୟାଳୟରେ ଲୋକେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି!ଏହି ଚାଉଳ ହଡପ ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକ ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି।



# ମନ୍ତ୍ରୀଙ୍କ ପାଇଲଟ ଗାଡ଼ି ଧକ୍କାରେ ବୃଦ୍ଧା ଗୁରୁତର

ରଘୁନାଥପୁର,(ସବ୍ୟୁ) : ଶିଳ୍ପ ମନ୍ତ୍ରୀ ସଂପଦ ସ୍ୱାଇଁଙ୍କ ପାଇଲଟ ଗାଡ଼ି କଟକ -ପାରାଦୀପ ରାଜରାସ୍ତାର ତାରାପୁର ନିକଟରେ ଜନୈକ ବୃଦ୍ଧାଙ୍କୁ ଧକ୍କା ଦେବା ଫଳରେ ବୃଦ୍ଧା ଜଣକ ଗୁରୁତର ଅବସ୍ଥାରେ ବର୍ତ୍ତମାନ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ, ଶିଳ୍ପ ମନ୍ତ୍ରୀ ସଂପଦ କୁମାର ସ୍ୱାଇଁ ଆଜି ପୂର୍ବାହ୍ନରେ ପାରାଦୀପରୁ ଭୁବନେଶ୍ୱର ଯାଉଥିବା ସମୟରେ ତାରପୁର ପଞ୍ଚାୟତ ଅଫିସ ସମ୍ମୁଖରେ ତାଙ୍କ ଆଗରେ ଆସୁଥିବା ପାଇଲଟ ଗାଡ଼ିଟି ଜନୈକା ବୃଦ୍ଧା କମଳା ମଲ୍ଲିକ(୭୫)ଙ୍କୁ ଧକ୍କା ଦେଇଥିଲା। ଉକ୍ତ ମହିଳା ରାସ୍ତା ପାର ହେଉଥିବା ସମୟରେ ଏହି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ନିକଟରୁ ପ୍ରକାଶ। ଏହି ଘଟଣାରେ ବୃଦ୍ଧାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲର ଜରୁରୀକାଳୀନ ବିଭାଗକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଛି।

# ନାଉଗାଁରେ ରାମକୃଷ୍ଣ ମିଶନର ଶୀତକାଳୀନ କମ୍ବଳ ବିତରଣ

ନାଉଗାଁ, (ସବ୍ୟୁ): ରାମକୃଷ୍ଣ ମିସନ ଭୁବନେଶ୍ୱର ଆନୁକୂଲ୍ୟରେ ଅସହାୟ ଓ ଦାରିଦ୍ର ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ପାଇଁ ନାଉଗାଁ ବ୍ଲକ ସ୍ଥିତ ନାଉଗାଁ ପଞ୍ଚାୟତର କାନୁନଗୋସାହି ଗ୍ରାମରେ ଶୀତକାଳୀନ କମ୍ବଳ ବିତରଣ କରାଯାଇଛି। ରାମକୃଷ୍ଣ ମିସନ ରିଲିଫ୍ ବିଭାଗର ମୁଖ୍ୟ ସ୍ୱାମୀ ଅଦୈତ୍ୟାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଅଧାମିକ ମାର୍ଗରେ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ସ୍ୱାମୀଜୀ ମତବ୍ୟକ୍ତ କରିଥିଲେ। ଆୟୋଜିତ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମକୁ ମିସନର ମାଧବାନନ୍ଦ ନାଥଶର୍ମା, ଶାରଦା ମହାନ୍ତି, ଶିକ୍ଷକ ହିମାଂଶୁ କୁମାର ମହାନ୍ତି, ସାମ୍ବାଦିକ ମନୋଜ କୁମାର ନାୟକ, ଆଶିଷ କୁମାର ବିଶ୍ୱାଳ, ଦୀପକ ଦାସ, ଲୀପା ଦାସ, ଓମପ୍ରକାଶ ବିଶ୍ୱାଳ, ବିନୋଦ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଶିଳ୍ପ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଶିଳ୍ପ ଅଭିଯୋଗ ଶୁଣାଣି ଶିବିର ଜିଲା୍ଲପାଳଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାରେ ଥିବା ଶିଳ୍ପ ଅନୁଷ୍ଠାନ ଗୁଡିକର ଅଭିଯୋଗ ଗୁଡିକର ଶୁଣାଣି କରି ସମାଧାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମାର୍ଶାଘାଇ ପୁରୁଷୋତମପୁର ରେ ଥିବା ଶିଳ୍ପ କେନ୍ଦ୍ରକୁ ଯିବାପାଇଁ ରାସ୍ତା ନ ଥିବାରୁ କମ୍ପାନୀକୁ ଯାତାୟତ କରିବା ପାଇଁ ଶ୍ରମିକ ଓ କର୍ମଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ସେଠାରେ ରାସ୍ତା ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିପା ବିଭାଗର ସମସ୍ତ ସଦସ୍ୟଙ୍କ ସମେତ ସୌଭାଗ୍ୟ ରନ ମଲିକ, ବଳରାମ ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀ ଜଗନ୍ନାଥ କଲେଜରେ ଏଡ୍ସ ସଚେତନତା ପଦଯାତ୍ରା

ପାରାଦୀପ,ନାଉଗାଁ ( ଜିପ୍ର / ସବ୍ୟୁ ): ବିଶ୍ୱ ଏଡ୍ସ ଦିବସ ଅବସରରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପକ୍ଷରୁ ଏକ ବ୍ୟାପକ ସଚେତନତା ପଦଯାତ୍ରା ଓ ସଭା ଆୟୋଜିତ ହେଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ପାଳିତ ହୋଇଥିଲା। ଯୁବ ରେଡ଼କ୍ରସ, ୨ ଓ ୩ ଏନଏସଏସ ଇଉନିଟ୍ର ସ୍ୱେଚ୍ଛାସେବୀମାନଙ୍କ ସଂଯୁକ୍ତ ପରିଚାଳନାରେ ଯୁବ ରେଡ଼କ୍ରସ କାଉଁସିଲର ଚୈତନ୍ୟ ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ପଦଯାତ୍ରାଟି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଚାନ୍ଦଖାପାଟଣା, ହରିନବାଇ, ବ୍ଲକଛକ, ନାଉଗାଁହାଟ, ଅବଦଲପୁର ଓ ଚନ୍ଦ୍ରପୁର ଦେଇ କ୍ୟାମ୍ପସକୁ ପହଞ୍ଚିଲା।



ପଦଯାତ୍ରାକାଳୀନ ସମୟରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଏଡ୍ସ ସଚେତନତାର ସ୍ଲୋଗାନ ଧ୍ୱନି କରିଥିଲେ ଏବଂ ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ ସମାଜକୁ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ସହ ଜ୍ୟୋତି ପ୍ରକାଶ ଲେଙ୍କା, ବିଭୁତି ଭୂଷଣ ସ୍ୱାଇଁ, ୩ ଏନଏସଏସ ପ୍ରୋଗ୍ରାମ ଅଫିସର ବିଜୟିନୀ ପଢିହାରୀ, ୨ ପ୍ରୋଗ୍ରାମ ଅଫିସର ଏକତା ପଣ୍ଡା, ହୃଦାନନ୍ଦସ୍ୱାଇଁ, ଅମ୍ବିକା ଚାନ୍ଦ, ବିକ୍ରମ ବେହେରା ଆଦି ଉପସ୍ଥିତ ଥିଲେ। ପଦଯାତ୍ରା ପରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହେଲା। ସଭାରେ ନାଉଗାଁ ମେଡିକାଲ ଅଫିସର ଡ଼. ସଂଗ୍ରାମ କେଶରୀ ମହାନ୍ତି ମୁଖ୍ୟବକ୍ତା ଭାବେ ଏଡ୍ସ ରୋଗର ଆଶଙ୍କା, ଲକ୍ଷଣ ଓ ପ୍ରତିରୋଧ ବିଷୟରେ ବିସ୍ତୃତ ଆଲୋକପାତ କଲେ। ଶେଷରେ ଅଧ୍ୟାପକ ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଜଣାଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଦୁଇଶହରୁ ଅଧିକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ମନ୍ଦିର ଉନ୍ନୟନ କାର୍ଯ୍ୟକ୍ରମ ଓ ସଫେଇ, ବୃକ୍ଷରୋପଣ

କୁଆଖିଆ ,(ସବ୍ୟୁ) : ମୁଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ୍ ଦ୍ୱାରା ନିକଟସ୍ଥ ମୁଗପାଳ ଗ୍ରାମର ମା କଲ୍ୟାଣୀ ଶକ୍ତି ପୀଠ ଠାରେ ଏକ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଜଙ୍ଗଲ ବିଭାଗର ଏପରି ଏକ କାର୍ଯ୍ୟକ୍ରମରେ ଇକୋ କ୍ଲବ୍ ତରଫରୁ ମନ୍ଦିର ପ୍ରାଙ୍ଗଣରେ ଶୁଷ୍କ ଓ ଆଦ୍ର ଦୁଇଟି ଆବର୍ଜନା କୁଣ୍ଡ ସ୍ଥାପନ କରାଗଲା। ମନ୍ଦିର ପରିସରକୁ ଇକୋ କ୍ଲବ୍ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଫେଇ କରାଯାଇ ଆବର୍ଜନା କୁଣ୍ଡରେ ପକାଗଲା। ପ୍ରାଙ୍ଗଣରେ ଥିବା ଗଛ ଗୁଡ଼ିକରେ ରଙ୍ଗ ଦିଆଗଲା। ଏଥିସହ ମନ୍ଦିର ପ୍ରାଙ୍ଗଣରେ ୧୫ଟି ନଡିଆ ଗଛ ସହ ଅଶୋକ, ଅଁଳା, ଓଉ, ଚମ୍ପା, ବଉଳ, କରମଙ୍ଗା, ରକ୍ତ ଚନ୍ଦନ ଏପରି ମୋଟ ୨୫ ଟି ଗଛ ଲଗାଯାଇ ଚାରିପାଖରେ ସବୁଜ ବାଡ ଦିଆଗଲା। ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ସ୍ନେହମୟୀ ଜେନାଙ୍କ ସୁପରିଚାଳନା ରେ ଏବଂ ଇକୋ କ୍ଲବ୍ ତତ୍ତ୍ୱାବଧାରକ ବିଷ୍ଣୁ ଚରଣ ସାହୁଙ୍କ ଉଦ୍ୟମ ଓ ମନ୍ଦିର ପରିଚାଳନା କମିଟି ମୁଖ୍ୟ ଭରତ ଚନ୍ଦ୍ର ସ୍ୱାଇଁ ଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯକ୍ରମ ଟି ସଂଗଠିତ ହୋଇଯାଇଅଛି। ଗ୍ରାମବାସୀ ତଥା ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ କୁମାର ଦାଶ ସମେତ ଅନେକ ଗ୍ରାମବସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅବିନାଶ ଆଇଚ, ରମେଶ ଚନ୍ଦ୍ର ଗୁରୁ, ପ୍ରକାଶ ଚନ୍ଦ୍ର ପାତ୍ର, ମାନସ ଦାସଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗୃହ ସଂପର୍କ ଅଭିଯାନ

ଜଗତସିଂହପୁର,(ସବ୍ୟୁ) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବର୍ଷ ପୂର୍ତ୍ତୀ ଉପଲକ୍ଷେ ବର୍ଷବ୍ୟାପୀ ପାଳନ ହେଉଥିବା ସପ୍ତ ସୁତ୍ରୀ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ "ବ୍ୟାପକ ଗୃହ ସଂପର୍କ ଅଭିଯାନର ଶୁଭ ଉଦଘାଟନ ଆଜି ଜଗତସିଂହପୁର ଜୟବଢ଼ସ୍ଥ ଶ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଷ୍ଟ୍ରବାଦୀ ବିଚାର ଓ ଆଦର୍ଶକୁ ଭାରତର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ତଥା ସଂପୂର୍ଣ୍ଣ ରାଷ୍ଟ୍ରକୁ ଏକ ସୁତ୍ରରେ ବାନ୍ଧିବାର ମହତ ଉଦ୍ଦେଶ୍ୟ ନେଇ ସାରା ଭାରତ ବ୍ୟାପୀ ଏକ ସଙ୍ଗେ ଅନୁଷ୍ଠିତ ହେଉଥିବା ଏହି ବିଶାଳ କାର୍ଯ୍ୟକ୍ରମର ଜଗତସିଂହପୁରରେ ସଫଳ କ୍ରିୟାନ୍ୱୟନ ପାଇଁ ଶତାଧିକ ସ୍ୱୟଂ ସେବକ ଶ୍ରୀଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହିତ ମା ଭାରତୀଙ୍କ କୃପାଭିକ୍ଷା କରି ଚଳିତ ଡିସେମ୍ବର ତା ୧ ରିଖ ଠାରୁ ତା ୩୧ ରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରା ଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ଜଗତସିଂହପୁରର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବା ପାଇଁ ସ୍ୱୟଂସେବକ ମାନେ ସଙ୍କଳ୍ପବଦ୍ଧ ହୋଇଥିଲେ।

# ଶୋଚନୀୟ ଗ୍ରାମ୍ୟ ଢ଼ଳେଇ ରାସ୍ତା : ମରାମତି ହେବ କେବେ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତରେ ଥିବା ଗ୍ରାମ ଗୁଡ଼ିକର ଢ଼ଳେଇ ରାସ୍ତା ଏବଂ ମୁଖ୍ୟ ରାସ୍ତାଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡିଛି । ସେଥିପ୍ରତି ନା ପ୍ରଶାସନର ଦୃଷ୍ଟି ପଡୁଛି ନା ସ୍ଥାନୀୟ ଜନପ୍ରତିନିଧି ଜନତାଙ୍କ ସମସ୍ୟା ବୁଝୁଛନ୍ତି । ବର୍ଷା ହେଲେ ରାସ୍ତା ମଝିରେ ଥିବା ଖାଲଖମାରେ ପାଣି ଜମି ରହୁଛି । ଏଠାରେ ସୂଚନା ଯୋଗ୍ୟ ଯେ ବିଗତ ସରକାର ଅମଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମ୍ୟରାସ୍ତା ଗୁଡିକର ଢ଼ଳେଇ କରାଯାଇଥିଲା । ନିମ୍ନମାନର ଢ଼ଳେଇ କାର୍ଯ୍ୟଯୋଗୁ ରାସ୍ତା ନିର୍ମାଣର ମାସକ ମଧ୍ୟରେ ରାସ୍ତା ଫାଟି ଆଁ କରିଥିଲା । ଏହିସବୁ ଢ଼ଳେଇ ରାସ୍ତା ବର୍ତ୍ତମାନ ବଡ ବଡ ଖାଲଖମାରେ ପରିଣତ ହୋଇଗଲାଣି । ଏପରିକି ୮ ନମ୍ବର କେନାଲବନ୍ଧ ଆର୍‌ଡି ରାସ୍ତାର ଅବସ୍ଥା ନକହିଲେ ଭଲ । ନୂତନ ସରକାର ଆସିବା ପରେ ଗ୍ରାମ୍ୟ ରାସ୍ତାଗୁଡିକର ପୁନଃ ନିର୍ମାଣ କରାଯାଉନାହିଁ । ଏପରିକି ପଂଚାୟତର ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟାକୁ ଦେଖୁଥିଲେ ମଧ ନିରବତା ଅବଲମ୍ବନ କରୁଛନ୍ତି । ଯାହା ଫଳରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନେ ଯାତାୟତରେ ସମସ୍ୟା ଭୋଗୁଛନ୍ତି । ଅପରପକ୍ଷରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟଯୋଗୁ ଠିକାଦାର ମନଇଚ୍ଛା ରାସ୍ତାଖୋଳି ଚାଲିଛି । ଢ଼ଳେଇରାସ୍ତାଗୁଡିକୁ ତାଡିଦେଉଥିଲେ ମଧ ସେଗୁଡିକ ମରାମତି କରାଯାଉନାହିଁ । ପାନୀୟଜଳ ପ୍ରକଳ୍ପ ନାମରେ ଢ଼ଳେଇରାସ୍ତା ଖୋଳିବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି । ରାଜ୍ୟସରକାର ତୁରନ୍ତ ଗ୍ରାମାଂଚଳର ଢ଼ଳେଇ ରାସ୍ତା ଓ ମୁଖ୍ୟ ରାସ୍ତାଗୁଡିକର ପୁନଃ ନିର୍ମାଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ବିଧାୟିକାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଘଟଣା

# ଥାନା ଘେରିଲା ମହିଳା ବିଜେଡି

ବିଞ୍ଝାରପୁର, (ସବ୍ୟୁ): ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟକୁ ପ୍ରତିବାଦ କରି ସୋମବାର ପୂର୍ବାହ୍ନରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା ସଭାନେତ୍ରୀ ଅହଲ୍ୟା ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ମହିଳା ସମର୍ଥକ ବିଞ୍ଝାରପୁର ଥାନା ଘେରାଉ କରିବା ସହିତ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଦାବୀ କରାଯାଇଛି । ଗତ ଶୁକ୍ରବାର ଦିନ ସାମାଜିକ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଯୋଗାଣ ବିଭାଗ ପକ୍ଷରୁ ୨୦୨୨ ମସିହାରେ ବିଞ୍ଝାରପୁର ବ୍ଲକରେ ପି.ଡି.ଏସ ଗହମ ବଣ୍ଟନ ଅନିୟମିତତା ସମ୍ପର୍କିତ ଏକ ଖବର ପ୍ରସାରଣ କରିଥିଲା । ପରେ ଖବରଦାତାଜଣକ ଏହି ଖବରକୁ ନିଜ ଫେସବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ । ଏହି ପୋଷ୍ଟରେ ବିଶ୍ୱଜିତ ପ୍ରଧାନ ନାମକ ଜଣେ ବ୍ୟକ୍ତି ନିଜର ମତ ରଖିବାକୁ ଯାଇ ବିଞ୍ଝାରପୁର ବିଧାୟିକା ତଥା ବିଧାନସଭାର ବିରୋଧୀ ଦଳର ସଚେତକ ପ୍ରମିଳା ମଲ୍ଲିକଙ୍କୁ ସିଧାସଳଖ ଭାବରେ ତାଙ୍କ ପ୍ରତି ଅସଭ୍ୟ ଭାଷା ପ୍ରୟୋଗ କରି କଟୁ ମନ୍ତବ୍ୟ ଦେଇଥିଲେ । ଯାହାକୁ ନେଇ ଯୁବ ବିଜେଡି ସଭାପତି ଦିଲ୍ଲିପ କୁମାର ରାଉଳ ଶତାଧିକ ଯୁବ ବିଜେଡି ସମର୍ଥକଙ୍କ ସହ ଗତ ଶନିବାର ପୂର୍ବାହ୍ନରେ ବିଞ୍ଝାରପୁର ଥାନାରେ ବିଧାୟିକାଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ବିଶ୍ୱଜିତ ପ୍ରଧାନଙ୍କ ବିରୋଧରେ ଆଣିବା ସହିତ ଆଇନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଥିଲେ । ଅନ୍ୟ ପକ୍ଷରେ ଏହି ଅଭିଯୋଗକୁ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସୂଚନା ପ୍ରସାରଣ ଆଇନୁଯାୟୀ କେଶ ନଂ୫୬୭/୨୫ରେ ମାମଲା ରୁଜ କରିବା ସହ ଅଭିଯୁକ୍ତ ନିକଟରେ ଖୁବ ଶିଘ୍ର ପୋଲିସ ପହଞ୍ଚିବ ବୋଲି ଥାନାଧିକାରୀ ଶ୍ରୀ ମଲ୍ଲିକ କହିଛନ୍ତି ।

# ବିଶ୍ୱ ଏଡ୍ସ ଦିବସରେ ସଚେତନତା କାର୍ଯ୍ୟକ୍ରମ

ବ୍ୟାସନଗର ,(ସବ୍ୟୁ) : ବିଶ୍ୱ ଏଡ୍ସ ଦିବସରେବ୍ୟାସନଗରର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ସହିଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ବଷଟାଣ୍ଡ, ରେଲୱେ ଷ୍ଟେସନ, ଚୂନଭାଟି, ମେଡ଼ିକାଲରେ, ଗଣେସ ବଜାର, ଡାବସାହି ଏବଂ ବିଭିନ୍ନ ସ୍ଥାନରେ ବୁଲି ବୁଲି ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ହେମନ୍ତ କୁମାର ଧୀର, ନାରାୟଣ ଚନ୍ଦ୍ର ନାୟକ, ଅକ୍ଷୟ ନାୟକ, ରମେଶ ବିଶ୍ୱାଳ, ଅସିତ ଦାସ, ବିଜୟ ନନ୍ଦୀ, ମହେଶ୍ୱର ନାୟକ, ଆଶିଷ ମଲ୍ଲିକ, ତପନ ସିଂ, କୁନା ଟୁଡୁ, ସାହିଲ ବୋଇତାଇ, ସୁନୀଲ ରାଉତ, ହେମନ୍ତ ନାୟକ, ସମେତ ସଂଘର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।



# ଏସଏସବି କଲେଜରେ ଆଲୋଚନାଚକ୍ର

ମହାକାଳପଡ଼ା ,(ସବ୍ୟୁ) : ମହାକାଳପଡ଼ାସ୍ଥିତ ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟ ପରିସର ରେ ସୋମବାର ନୂତନ ଶିକ୍ଷାନୀତି -୨୦୨୦ ସୁଯୋଗ ଓ ଆହ୍ୱାନ ଉପରେ ପିଏମଉଷା ଅଧୀନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରକୁ ଆମନ୍ତ୍ରିତ ଅତିଥି ଓ ମହାବିଦ୍ୟାଳୟ ର ଅଧ୍ୟକ୍ଷା ସୁଲୋଚନା ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଆମନ୍ତ୍ରିତ ଅତିଥି ବୃନ୍ଦଙ୍କୁ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଆଲୋଚନା ଚକ୍ର ଜାରି ରହିଥିବା ବେଳେ ଇଂରାଜୀ ଅଧ୍ୟାପିକା ଜୁହି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରଫେସର ବିମଲ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଆଲୋଚନା ଚକ୍ର ରେ ଯୋଗ ଦେଇ ନୂତନ ଶିକ୍ଷାନୀତିରେ ଛାତ୍ର /ଛାତ୍ରୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସୁଯୋଗ ଉପରେ ଆଲୋଚନା କରିଥିଲେ। ପ୍ରଫେସର ସୁରେଖା ସୁନ୍ଦରି ସ୍ୱାଇଁ ଓ ଦେବେନ୍ଦ୍ର କୁମାର ସେଠି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଶିକ୍ଷା ନୀତି ସୃଷ୍ଟି ଏବଂ ତାର ସୁଯୋଗ ଓଆହ୍ୱାନ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ପ୍ରଫେସର ସୁଶୀଲ ସାହୁ, ରଂଜିତ କୁମାର ରାଉତ, ଲିଜାତା ପାଲ, ରାଜେନ୍ଦ୍ର ମହାପାତ୍ର, ନରେନ୍ଦ୍ର କୁମାର ଦାସ, ରାଜେଶ କୁମାର ସେଠି, ଜ୍ୟୋତି ପ୍ରକାଶ ଜେନା, ଅମୀୟ ବାରିକ ଓ ଭୀଷ୍ମ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟ ରେ ସହଯୋଗ କରିଥିଲେ। ଆଲୋଚନଚକ୍ରରେ ମହାବିଦ୍ୟାଳୟ ର ଛାତ୍ର / ଛାତ୍ରୀ ମାନେ ବହୁ ସଂଖ୍ୟା ରେ ଯୋଗ ଦେଇ ଆଲୋଚନା ଚକ୍ର କୁ ସାଫଲ୍ୟ ମଣ୍ଡିତ କରିଥିବାର ଜଣାପଡିଛି ।

# ସେତୁ ନିର୍ମାଣରେ ପ୍ରଶାସନର ଟାଳଟୁଳ ନୀତି, କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ଗଣଧାରଣା ନିଷ୍ପତ୍ତି

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଲୁଣାନଦୀ ଉପରେ ନିର୍ମାଣ ହେବାକୁ ଥିବା ୨ଟି ସେତୁ ନିର୍ମାଣ କାର୍ଯ୍ୟରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ଅଭିଯୋଗ ହୋଇଛି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଦାବି ନେଇ ମଙ୍ଗଳବାର ଦିନ ସକାଳେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ତରଫରୁ ଅସୁରେଶ୍ୱର ଗ୍ରାମପଂଚାୟତ କୁଳଗାଁଇଶାଳୋ ଠାରେ ଗଣ ଧାରଣା ଦିଆଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପ୍ରାକ୍ତନ ବିଧାୟକ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ଦେଇ ପ୍ରବାହିତ ଲୁଣାନଦୀ ଉପରେ ୨ଟି ସେତୁ ନିର୍ମାଣ କରାଯିବା ନିମନ୍ତେ ଗତ ୨୦୨୩ ମସିହାରେ ଶିଳାନ୍ୟାସ କରାଯାଇଥିଲା । ଲୁଣାନଦୀର ଅସୁରେଶ୍ୱର-କୁଳଗାଁଇଶାଳୋ ସେତୁ ନିର୍ମାଣ ନିମନ୍ତେ ତତ୍କାଳୀନ ନବୀନ ସରକାର ୪୪କୋଟିରୁ ଉର୍ଦ୍ଧଟଙ୍କା ମଞ୍ଜୁର କରିଥିଲେ । ସେହିପରି ଭାବେ ଏହି ନଦୀର ବନ୍ଧକାଟିଆ ଗ୍ରାମପଂଚାୟତ ସହଦେବପୁର-ବାଲିଆପଦା ସେତୁ ନିର୍ମାଣ କରାଯିବା ନିମନ୍ତେ ନିଷ୍ପତି କରାଯାଇଥିଲା । ତେବେ ଅସୁରେଶ୍ୱର କୁଳଗାଁଇଶାଳୋ ସେତୁ ଶିଳାନ୍ୟାସ ପରେ ଦୃତଗତିରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ସରକାର ପରିବର୍ତ୍ତନ ହୋଇଯିବା ପରେ ରାଜନୈତିକ ଚାପରେ ଓ ହୀନ ରାଜନୈତିକ ଉଦେଶ୍ୟ ନେଇ ଏହି କାର୍ଯ୍ୟକୁ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ତରଫରୁ ବିଭିନ୍ନ ଆଳ ଦେଖାଇ ବନ୍ଦ କରି ଦିଆଯାଇଥିଲା । ତେବେ ଏହି ବନ୍ଦ ପଛରେ ସ୍ଥାନୀୟ ଜଣେ ବହୁ ଚର୍ଚ୍ଚିତ ରାଜନେତାଙ୍କ ପ୍ରଚ୍ଛନ୍ନ ହାତ ଥିବାର ସାଧାରଣରେ କୁହାଯାଉଛି । ଏହି ସେତୁ ବନ୍ଦ ଘଟଣାକୁ ନେଇ ସାଧାରଣରେ ପୁଞ୍ଜିଭୂତ ଅସନ୍ତୋଷ ଗଣ ଆନ୍ଦୋଳନର ରୂପ ନେବାକୁ ବସିଥିଲା । ଏଥିରେ ଭୟଭୀତ ହୋଇ ପ୍ରଶାସନ ତରଫରୁ ଏହି ସେତୁ ନିର୍ମାଣ ନିମନ୍ତେ ପୁନର୍ବାର ୬୬କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ସେହିପରି ଭାବେ ସହଦେବପୁର ବାଲିଆପଦା ସେତୁ ନିର୍ମାଣ କାର୍ଯ୍ୟକୁ ମଧ ବନ୍ଦ କରିଦିଆଯାଇଥିଲା । ଇତି ମଧ୍ୟରେ ନୂତନ ସରକାର କ୍ଷମତାକୁ ଆସିବାର ୨ବର୍ଷିବିତିବାକୁ ଅଳ୍ପ କେତେମାସ ବାକି ଥିଲା ବେଳେ ଏପର୍ଯ୍ୟନ୍ତ ସେତୁ ନିର୍ମାଣ କାର୍ଯ୍ୟ କରାଯାଇପାରିନାହିଁ । ସରକାରଙ୍କର କୋଟି କୋଟି ଟଙ୍କାର ନିର୍ମାଣ ସାମଗ୍ରୀ ଖତ ଖାଉଛି । ତେବେ ଏହି ସେତୁ ୨ଟିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଦିଗରେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଓ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଆନ୍ତରିକତା ଓ ତପିରତା ବୃଦ୍ଧି ପାଉନଥିବା ପ୍ରତିବାଦରେ ଆସନ୍ତାକାଲି ସକାଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଆହ୍ୱାନକ୍ରମେ କୁଳଗାଁଇଶାଳୋ ଠାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ଏକ ଗଣ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଦଳ ତରଫରୁ କୁହାଯାଇଛି ।

# ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ରାଜ୍ୟବ୍ୟାପୀ ଉଦଯାପନୀ ଉତ୍ସବ ଆରମ୍ଭ

ବାଲିଚନ୍ଦ୍ରପୁର, (ସବ୍ୟୁ) : ମା' ରମାଦେବୀ ହେଉଛନ୍ତି ମହିଳା ସଶକ୍ତିକରଣର ଆଲୋକବର୍ତ୍ତିକା। ଯେତେବେଳେ ଓଡ଼ିଶାର ନାରୀଟିଏ ପଦାକୁ ଗୋଡ କାଢିବାରେ ପରିବାର ଓ ସମାଜର କଠୋର ପ୍ରତିବନ୍ଧକ ରହିଥିଲା। ସେହି ସମୟରେ ମା' ରମାଦେବୀ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ ପାଇଁ ଗାନ୍ଧୀଜୀଙ୍କ ନେତୃତ୍ୱରେ ଜାତୀୟ ସ୍ରୋତରେ ସାମିଲ ହୋଇଥିଲେ। ଭାରତବର୍ଷରେ ନାରୀ ପ୍ରଗତି କ୍ଷେତ୍ରରେ ସେ ଚିରକାଳ ପ୍ରେରଣା ହୋଇରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ପରେ ରାଜ୍ୟବ୍ୟାପୀ ତିନିଦିନିଆ ରାଜ୍ୟସ୍ତରୀୟ ଉଦଯାପନୀ ଉତ୍ସବର ଶୁଭାରମ୍ଭ ସୋମବାର ହୋଇଛି। ଯାଜପୁର ଜିଲ୍ଲା ବଡଚଣା ଅନ୍ତର୍ଗତ ସଂଗ୍ରାମୀ ଗ୍ରାମ ବାଲିପଡିଆସ୍ଥିତ ଠକର ବାପା ଆଶ୍ରମରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ଓ ବିଶିଷ୍ଟ ଗାନ୍ଧୀବାଦୀ, ଶିକ୍ଷାବି, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଏବଂ ଯୁବକମାନେ ସମ୍ମିଳିତ ହୋଇ ତିନିଦିନିଆ ଉତ୍ସବର ଶୁଭାରମ୍ଭ କରିଛନ୍ତି। ଆଶ୍ରମ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ସହିତ ବଡଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଫଳକରେ ପୁଷ୍ପମାଲ୍ୟ ଅର୍ପଣ ସହ ରାମଧୂନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଠକର ବାପା ଆଶ୍ରମର ପରିଚାଳକ ବିଜୟ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଗାନ୍ଧୀବାଦୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି ମୁଖ୍ୟ ଅତିଥି , ବିଶିଷ୍ଟ ଅତିଥି ଭାବରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ତଥା ବିଶିଷ୍ଟ ଗାନ୍ଧୀବାଦୀ ଡାକ୍ତର ବିଶ୍ୱଜିତ ଯୋଗଦେଇଥିଲେ। ଆସନ୍ତା ଦୁଇଦିନ ଧରି ଭୁବନେଶ୍ୱର ଏବଂ କଟକ ସତ୍ୟଭାମାପୁରରେ ହେବାକୁ ଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସଂଗ୍ରାମୀଙ୍କ ସ୍ମୃତିରେ ରକ୍ତଦାନ ଆୟୋଜନ କରିଥିବା ସଂଗ୍ରାମୀ ଏକାଡେମୀ ଓ ଜଗନ୍ନାଥ ମାନ୍ଧାତା ସ୍ମୃତି ପରିଷଦର ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ଯାଜପୁର ଜିଲ୍ଲା ସଭାପତି ଶ୍ରୀକାନ୍ତ କୁମାର ସାମଲ ସଂଯୋଜନା କରିଥିବା ବେଳେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରାପଡା ଗାନ୍ଧୀ ସ୍ମୃତି ପରିଷଦର ସମ୍ପାଦକ ରାଜେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ବିମଳ ପତି, ଅବିନେଶ୍ୱର ଶତପଥୀ, ସଞ୍ଜୀବ କୁମାର ସାମଲ, ପ୍ରଭାସ କୁମାର ଦାସ, ହେମନ୍ତ କୁମାର ଦାସ,କିଶୋର କୁମାର ରାଉତ ପ୍ରମୁଖଙ୍କ ସହ ସଂଗ୍ରାମୀଙ୍କ ଦାୟାଦ ଅନ୍ତର୍ଯ୍ୟାମୀ ଜେନା, ପ୍ରବୋଧ କୁମାର ସାମଲ, ଧନଞ୍ଜୟ ତ୍ରିପାଠୀ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ



ବାଙ୍କୀ ,(ସବ୍ୟୁ): ସୋମବାର ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜଣେ ବିଧବା ମହିଳା ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାଯାଇଛି। କଟକ ଜିଲ୍ଲା ବାଙ୍କୀ ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ବ୍ଲକର ଜନସାଧାରଣ ଯୋଗଦେଇ ନିଜ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, କୃଷି,ରାଜସ, ଫୌଜଦାରୀ, ସ୍ୱାସ୍ଥ୍ୟ, ଶିକ୍ଷା,ପ୍ରଭୃତି ବିଭିନ୍ନ ସମସ୍ୟା ସମ୍ପକିତ ମୋଟ ୧୪୬ ଟି ଅଭିଯୋଗର ଶୁଣାଣୀ କରି ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ବନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପ୍ପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରଶାନ୍ତ କୁମାର ହୋତା,ଉପଜିଲ୍ଲାପାଳ ବାଙ୍କୀ ପ୍ରଣବ କୁମାର ବେହେରା,ଉପଖଣ୍ଡ ଆର ଜିଲ୍ଲା ଓ ଉପଖଣ୍ଡର ସମସ୍ତ ଅଧିକାରୀଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିରରେ ସହଯୋଗ କରିଥିଲେ। ହେଲେ ଶିବିରରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବୈଦେଶ୍ୱର୍ ଅଞ୍ଚଳର ସସ୍ମିତା ମାଝୀ ନାମକ ଜଣେ ବିଧବା ମହିଳା ନିଜର ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ସହାୟତା ପାଇବା ପାଇଁ ବାରମ୍ବାର ବ୍ଲକ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୀର୍ଘ ବର୍ଷେ ଧରି ଦୌଡି ଦୌଡି ନୟାନ୍ତ ହେବାରୁ ଶେଷରେ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଜୀବନ ହାରିବାକୁ ଉଦ୍ୟମ କରିବା ବେଳେ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ପେଟ୍ରୋଲ ବୋତଲକୁ ଛଡାଇ ନେଇଥିଲେ। ମହିଳାଙ୍କ ସ୍ୱାମୀ ଦୁଇ ବର୍ଷ ତଳେ ମୃତ୍ୟୁ ବରଣ କରିଥିବା ବେଳେ ସରକାରଙ୍କ ସହାୟତା ପାଇଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଜାଣିଶୁଣି ବାରମ୍ବାର ନିରାଶ କରୁଥିଲେ। ଶେଷରେ ନିରାଶ ହୋଇ ଆତ୍ମହୂତି ଦେବା ପାଇଁ ଖୋଦ ଜିଲ୍ଲାପାଳଙ୍କ ସମ୍ମୁଖରେ ନଜ ଦେହରେ ଢ଼ାଳିଥିଲେ ପେଟ୍ରୋଲ । ସମସ୍ତ ଘଟଣା ଜଣିଲା ପରେ ସସ୍ମିତା ମାଝୀ ଙ୍କୁ ଖୁବ ଶୀଘ୍ର ସହାୟତା ଯୋଗାଇ ଦେବା ପାଇଁ ବାଙ୍କୀ ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା କଟକ ଜିଲ୍ଲାପାଳ ଦତ୍ତା ତ୍ରୟ ଭାଉ ସାହେବ ସିନ୍ଦେ ସୂଚନା ଦେଇଛନ୍ତି। ଏଣେ ବିଧବା ମହିଳା ଜଣଙ୍କ ଯଦି ତାଙ୍କୁ ସହାୟତା ନ ମିଳେ ତେବେ ସେ ଆତ୍ମହତ୍ୟା କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ଓଏଭି ଶିକ୍ଷକ ଶିକ୍ଷୟିତ୍ରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ

ବୋଲଗଡ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ପିଟୁକୁଳି ଆଦର୍ଶ ବିଦ୍ୟାଳୟର(ଓଏଭି) ଶିକ୍ଷକ ଶିକ୍ଷୟତ୍ରୀମାନେ ୧୧ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପନରେ ସରକାର ଏନେଇ କୌଣସି ପଦକ୍ଷେପ ନେଇନାହାନ୍ତି । ତେଣୁ ଗତ ମାସ ୨୨ତାରିଖ ଠାରୁ ଏପରି ପ୍ରତିବାଦ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ କଳାବ୍ୟାଚ ପିନ୍ଧି ପ୍ରତିବାଦ ଜଣାଇଛନ୍ତି । ରାଜ୍ୟ ସଙ୍ଘ ଆହ୍ୱାନ କ୍ରମେ ଆସନ୍ତା ଡିସେମ୍ବର ୮ତାରିଖରେ ବିଧାନସଭା ସମ୍ମୁଖରେ ସରକାରୀ ମାନ୍ୟତା ସମସ୍ତ ସୁବିଧା ପ୍ରଦାନ କରିବା ଓ କ୍ୟାଡର ଲାଗୁ କରିବା ଦାବୀ ରହିଛି। ଜିଲ୍ଲା ସଭାପତି ତାପସ ଦ୍ୱିବେଦୀ ସୂଚନା ଦେଇଛନ୍ତି ।

# ହରିହର ମୃତ୍ୟୁ ଘଟଣା : ୪ ଗିରଫ

ଦଶପଲ୍ଲା ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟି ଥିବା ହରିହର ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେବାପରେ ଘଟଣାରେ ସମ୍ପୃକ୍ତ ଲଣ୍ଡା ଭୋଇ ରବିବାର ଦିନ ଦଶପଲ୍ଲା ଥାନା ରେ ଆତ୍ମ ସମର୍ପଣ କରିଥିବା ବେଳେ ସୋମବାର ସଂକୀର୍ତ୍ତନ ଥାନାରେ ଆତ୍ମ ସମର୍ପଣ କରିଛି । ଅନ୍ୟ ପାର୍ଶ୍ୱରେ ଏହି ଘଟଣାରେ ପୋଲିସ ହରିହର ପ୍ରେମିକାର ଦାଦା ପ୍ରମୋଦ ସହ କରଡ଼ାବଣୀର ମହେନ୍ଦ୍ରକୁ ଥାନାକୁ ଆଣି ପଚରା ଉଚରା କରିଛି । ମାତ୍ର ବାର୍ହା ଶିକାର ପାଇଁ ତାର ବିଛାଇଥିବା ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛି । ଅନ୍ୟପର୍ଶ୍ୱରେ ଏହି ଘଟଣାରେ ପୋଲିସ ହରିହରର ପ୍ରେମିକା ରଶ୍ମିତା ,ତାର ବାପା ରମା ଭୋଇ , ମା ମଥିଳା ଭୋଇ ୁ ଥାନା କୁ ଆଣି ପଚରା ଉଚରା କରିବା ପରେ ରଶ୍ମିତାକୁ ଦଶପଲ୍ଲା ଜେ ଏମ ଏଫ ସି ଙ୍କ ନିକଟରେ ହାଜର କରିଥିବା ବେଳେ ରଶ୍ମିତାର ବୟାନ ରେକର୍ଡ କରାଯାଇଛି । ରଶ୍ମିତାର ବୟାନକୁ ଭିତ୍ତିକରି ପୋଲିସ ଲଣ୍ଡା,ସଂକୀର୍ତ୍ତନ ଓ ମହେନ୍ଦ୍ରକୁ ଖୋଜୁଥିବା ବେଳେ ଏବେ ସମସ୍ତେ ପୋଲିସ କବଜାରେ । ମାତ୍ର ଏବେ ପୋଲିସ ରଶ୍ମିତା ତାର ବାପା ଓ ମାଆକୁ ଛାଡି ଦେଇଛି । ସୂଚନା ଯୋଗ୍ୟ ଯେ,ଅଗ୍ନିବୀର ପାଇଁ ବ୍ରହ୍ମପୁର ରେ ତାଲିମ ନେଉଥିବା ସ୍ଥାନୀୟ ଚିନାପଂହରା ଗ୍ରାମର ହରୀହର ଥାଟୋଇ ଗତ ୨୬ ତାରିଖ ରାତିରେ ନିଜ ଘରକୁ ଫେରୁଥିବା ବେଳେ ତାର ପ୍ରେମିକା ସହ କଥା ହୋଇଥିଲା । ପରେ ରାତିରେ ତାର ପ୍ରେମିକା ପାଖକୁ ହରିହର ଯିବା ବେଳେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ତାର ଲାଗି ତାର ମୃତ୍ୟୁ ହୋଇଥିଲା । ୨୭ ତାରିଖ ଦିନ ତାର ମୃତ ଶରୀର ପଙ୍କୁଆ କଳସାଖମଣ ରାସ୍ତାର ଉଦୁଡା ନିକଟରେ ରାସ୍ତା କଡରେ ପଡିଥିବା ଦେଖିବାକୁ ମିଳିଥିଲା । ଏହା ସହ ହରିହର ର ବାଇକ, ଏୟାର ବ୍ୟାଗ, ହେଲମେଟ ପଡିଥିଲା । ଏହି ଘଟଣାରେ ହରିହରଙ୍କ ପରିବାର ପକ୍ଷରୁ ହରିହରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଟକ ୪ଜଣଙ୍କୁ ଗିରଫ କରି ଘଟଣା ସ୍ଥଳକୁ ନେଇ ଥବବା ଜଣାଯାଇଛି ।

# ଅଧ୍ୟାପକଙ୍କୁ ଉପରେ ଆକ୍ରମଣ : ରାହାଜାନୀ ଅଭିଯୋଗ



ବୋଲଗଡ଼,(ସବ୍ୟୁ): ରାଜସୁନାଖଳା ଭକ୍ତଚରଣ ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ କାର୍ଯ୍ୟରତ ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ରାଜନଗର ଗ୍ରାମର ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁ(୪୦) ରବିବାର ମଧ୍ୟାହ୍ନରେ ନିଜ ପୁତୁରା ଚିରଞ୍ଜିବଙ୍କ ସହ ବନ୍ଧୁଙ୍କର ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ବେଗୁନିଆ ଅଭିମୁଖେ ଯାଉଥିଲେ। ବୋଲଗଡ ବ୍ଲକ ଟିକାତାଳ ଜାତୀୟ ରାଜପଥ ୫୭ ଟୋଲଗେଟ ନିକଟରେ ୪ଜଣ ଦୃବୃତ ଅସଭ୍ୟ ଭାଷା ବ୍ୟବହାର କରି ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ଜୀବନରୁ ମାରିଦେବାକୁ ଧମକ ଦେଇ ତାଙ୍କ ନିକଟରୁ ଏକ ସୁନାଚେନ, ସୁନାମୁଦି ଓ ୪୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ସେମାନଙ୍କ ଆକ୍ରମଣରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଏନେଇ ପ୍ରଶାନ୍ତ ସମସ୍ତ ଦୃର୍ବୃତମାନଙ୍କ ଘର ନିଜ ଗାଁ ବୋଲଗଡ ଥାନା ପାନନାଗର ଅଞ୍ଚଳ ବୋଲି ଚିହ୍ନି ଥିବା ସ୍ୱଟ କରିବା ପରେ ବେଗୁନିଆ ଥାନାରେ ପ୍ରଶାନ୍ତଙ୍କ ବଡ଼ଭାଇ ଚିତ୍ତ ରଞ୍ଜନ ସ୍ୱାଇଁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାନ୍ତ ପ୍ରାଥମିକ ଚିକିତ୍ସା ନିମନ୍ତେ ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ପରେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏହି ଘଟଣା ଲୁଟ ଉଦ୍ଧେଶ୍ୟ କିମ୍ବା ପୂର୍ବ ଶତ୍ରୁତା କାରଣରୁ ସଂଗଠିତ ହୋଇଥିବା ସ୍ପଷ୍ଟ ହୋଇନାହିଁ। ଏନେଇ ବେଗୁନିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ଏକେଏସଏସ ଜୟନ୍ତୀ ପାଳିତ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକରେ ୧୯୭୭ ମସିହାରେ ଆଞ୍ଚଳିକ କୁଞ୍ଜେଶରୀ ସାଂସ୍କୃତିକ ସଂସଦ ଆରମ୍ଭ ହୋଇଥିଲା । ଆଜିକୁ ୪୮ ବର୍ଷାରେ ପଦାର୍ପଣ କରିଛି ।ଏହି ଜନ୍ମ ଜୟନ୍ତୀ ଉତ୍ସବ ମଦର ଇଣ୍ଡିଆ ପବ୍ଲିକ ସ୍କୁଲରେ କୁନି କୁନି ଛାତ୍ର ଛାତ୍ରୀଙ୍କ ଗ୍ରହଣରେ ପାଳନ କରାଯାଇଥିଲା । ଏହି ଉତ୍ସବରେ ଏକେଏସଏସ ପ୍ରତିଷ୍ଠାତା ସୁବର୍ଣ୍ଣ କେଶରୀ ବଳିଆରସିଂହ କହିଛନ୍ତି ଦୀର୍ଘ ୪୮ବର୍ଷ ଧରି ସମାଜସେବା କ୍ଷେତ୍ରରେ ଆମ୍ଭେ କାର୍ଯ୍ୟ କରିଆସୁଛୁ ।ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ହେଲା ଗରିବ, ଅସହାୟ,ନିଷ୍ପେସିତ, ଦଳିତ ଓ ସବୁ ବର୍ଗର ଲୋକଙ୍କ ବିପଦ ଅପଦ ସମୟରେ ପହଞ୍ଚି ସେବା ଯୋଗାଇ ଦେବା ।୧୯୯୯ ବାତ୍ୟା ଠାରୁ ଆରମ୍ଭ କରି ଫନି ବାତ୍ୟା ,କୋଭିଡ ମହାମାରୀ ପର୍ଯ୍ୟନ୍ତ ଲୋକଙ୍କ ଦୁର୍ଦ୍ଦିନ ସମୟରେ ଏକେଏସଏସର କର୍ମକର୍ତ୍ତା ପହଞ୍ଚି ସାହାଯ୍ୟର ହାତ ବଢ଼ାଇଥାନ୍ତି । ସେଥିପାଇଁ ରାଜ୍ୟ ରାଜ୍ୟ ବାହାରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

## ଅଟୋ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ : ଜଣେ ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ମଝିକେରା ଗ୍ରାମର ଅଟୋ ଚାଳକ ପ୍ରସନ୍ନ କୁମାର ସେଠୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଅଟୋ ଭାଙ୍ଗି ଦେବା ଅଭିଯୋଗରେମଝିକେରା ଗ୍ରାମର ବିରଞ୍ଚିନାରାୟଣ ବରାଳଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ପୁରୀ କୋର୍ଟ ଚାଲାଣ କରିଥିଲାବେଳେ ।ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜେଲ କୁ ପଠାଇ ଦିଆଯାଇଛି ।ପୂର୍ବ ଯୋଜନା ମୁତାବକ ବିରଞ୍ଚି ନାରାୟଣ ବରାଳ ଅଟୋ ଚାଳକ ପ୍ରସନ୍ନ କୁମାର ସେଠୀଙ୍କ ଅଟୋ ଭଡ଼ା ନେଇଥିଲେ । ଅଟୋରେ ଯିବା ସମୟରେ ନିକଟବର୍ତ୍ତୀ ଭୀମଦାସପୁର ଗାଁ ନିକଟରେ ହଠାତ ଅଟୋ ଅଟକାଇ ଅଟୋ ଚାଳକ ଶ୍ରୀ ସେଠିଙ୍କୁ ଶ୍ରୀବରାଳ ନିସ୍ଥୁକ ମାଡ଼ ମାରି ଅଚେତ କରି ଛାଡ଼ି ପଳାଇଥିଲେ। ପାଖ ପଡୋଶୀ ଲୋକେ ଅଟୋ ଚାଳକ ଶ୍ରୀସେଠୀଙ୍କୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇ ଥିଲେ। ପରିବାର ଲୋକେ ତାଙ୍କୁ ସାକ୍ଷୀଗୋପାଳ,ଡାକ୍ତରଖାନାର ଭର୍ତ୍ତି କରିଥିଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୀ ସ୍ଥାନାନ୍ତର କରା ଯାଇଥିଲା। ମାତ୍ର ପୁରୀରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ,ଭୁବନେଶ୍ୱର ସ୍ଥାନାନ୍ତର କରା ଯାଇଅଛି । ସେ ଏମ୍ସ, ଭୁବନେଶ୍ୱର ରେ ଚିକିତ୍ସିତ ହେଉଛନ୍ତି। ପ୍ରସନ୍ନ ଙ୍କ ସାନଭାଇ ପ୍ରଦିପ୍ତ କୁମାର ସେଠୀ ଙ୍କ ଅଭିଯୋଗ ଆଧାରରେ ସତ୍ୟବାଦୀ ପୋଲିସ ସତ୍ୟବାଦୀ ଥାନା କେସ ନଂ – ୪୨୧/୨୫ ରେ ଏକ ମାମଲା ରୁଜୁ କରିଥିବା ବେଳେ ସବ ଇନ୍ସପେକ୍ଟର ସୁକାନ୍ତି ମୁର୍ମୁ ତଦନ୍ତ କରୁଥିବା ଜଣାପଡ଼ିଛି ।

# ଓଡ଼ଗାଁ ବ୍ଲକରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ନୟାଗଡ଼ (ସବ୍ୟୁ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷର ଓଡଗାଁ ବ୍ଲକ ସ୍ତରୀୟ ୩୦ତମ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମଶାବାରୀ କ୍ଲଷ୍ଟର୍ ଅନ୍ତର୍ଗତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ଦେଓଗାଁ–ଭାଲିଆଡିହି ଠାରେ ଅନୁଷ୍ଠିତ ହୋଇଯାଇଛି।ଗୋଷ୍ଠୀ ଶିକ୍ଷାଧିକାରୀ ପିଣ୍ଟୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ସଭାରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ଉଦଘାଟନ କରିଥିଲେ। ମଞ୍ଚାସୀନ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମିତିସଭ୍ୟା ବିରଜାଲକ୍ଷ୍ମୀ ସାହୁ,ଝିଲ୍ଲୀ ପ୍ରଧାନ,ସରପଞ୍ଚ ଗାୟତ୍ରୀ ରାଉତଙ୍କ ସମେତ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ମଧ୍ୟାହ୍ନ ଭୋଜନ ବିରତି ପରେ ଅନୁଷ୍ଠିତ ୨ୟ ପର୍ଯ୍ୟାୟ ସଭାରେ ତହସିଲଦାର ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ଜିନିଷ ଉଦ୍ଭାବନ କରିବାର ମନୋଭାବ ରଖିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ସାହୁ ଏବଂ ରଘୁନାଥ ମଲ୍ଲିକଙ୍କ ସମେତ ଶିକ୍ଷକ ନେତା ଭକ୍ତରଞ୍ଜନ ମିଶ୍ର,ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସର୍ବଶେଷରେ ମଶାବାରୀ କ୍ଲଷ୍ଟର୍ ସିଆରସିସି ଯଶୋବନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ନରେଶ ପାଣିଗ୍ରାହୀ,ସିଆରସିସି ବିଭୁତିଭୂଷଣ ଘଡେଇ,ସିଆରସିସି ଶ୍ରୀଧର ପରିଡ଼ା,ସିଆରସିସି ହଟ୍ଟନାଥ ପ୍ରଧାନ,ସିଆରସିସି ଲଳିତ ମୋହନ ମିଶ୍ର, ସିଆରସିସି ରାଜକିଶୋର ନାୟକ,ଶିକ୍ଷକ ଗୋଦାବରୀ ବସନ୍ତିଆ, ନିରାକାର ସ୍ୱାଇଁ,ପରମାନନ୍ଦ ସୱାଇଁଙ୍କ ସମେତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।ସମୁଦାୟ ୧୩୩ ଟି ପ୍ରକଳ୍ପ ମଧ୍ୟରୁ ସରକାରୀ ନିର୍ଦ୍ଦେଶ ମୁତାବକ ସୂଚିତ ସାତଟି ବିଷୟବସ୍ତୁ ଆଧାରିତ ସାତଟି ପ୍ରକଳ୍ପକୁ ଜିଲ୍ଲା ସ୍ତର ପାଇଁ ଚୟନ କରାଯାଇଥିଲା।ପ୍ରକଳ୍ପ ଗୁଡିକର ବିଚାରକ ଭାବେ ନୟାଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସଜନାପଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ନନ୍ଦ ଓ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ସାହୁ ଯୋଗଦେବା ସହ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆଖୁପଦରର ଗଣିତ ଶିକ୍ଷକ ବଂଶୀଧର ଷଡ଼ଙ୍ଗୀ ଯୋଗ ଦେଇଥିଲେ।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ବାଲିଅନ୍ତା (ସବ୍ୟୁ): ବାଳକାଟୀ ଜାମୁ ତୋଟା ସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ସର୍ବ ମୋଟ ୪୬ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯଇଥିଲା। ଯାହା ପରିବେଶ ସୁରକ୍ଷା, ସୌରଶକ୍ତି ର ବ୍ୟବହାର ଓ ଉତ୍ପାଦନ, ଜଳବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ବିଭିନ୍ନ ଖାଦ୍ୟ ଶସ୍ୟର ଉତ୍ପାଦନ ରେ ବିଜ୍ଞନ ର ଯାନ୍ତ୍ରିକ କୌଶଳ ଆଦି ଅନେକ ପ୍ରକଳ୍ପ ବିଦ୍ୟାର୍ଥୀ ଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍ୟାନକୃଷି ବିଶେଷଜ୍ଞ ଅଜୟକୁମାର ଦାଶ, ବିଶିଷ୍ଟ ସମାଜ ସେବୀ ପ୍ରହ୍ଲାଦ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପକାରିତା ଏବଂ ଆଧୁନିକ ଭାରତରେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଙ୍କୁ ବିଜ୍ଞାନର ପ୍ରଗତି କ୍ଷେତ୍ରରେ ସଚେତନ ହେବା ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ,ସୁବ୍ରତକୁମାର ପଣ୍ଡା, ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀ ମାନଂକର ପ୍ରକଳ୍ପକୁ ମୂଲ୍ୟାଙ୍କନ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏହିମେଳା କୁସୂଚାରରୁରୂପେ ପରିଚାଳନା କରିଥିବା ବେଳେ ସ୍କୁଲର ଅଧକ୍ଷ ଅଭିରାମ ସାହୁ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

ସାକ୍ଷୀଗୋପାଳ (ସବ୍ୟୁ): ସୋମବାର ପୂର୍ବାହ୍ନ ୯ଟା ରେ ସତ୍ୟବାଦୀ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ତଥା ବାଲ ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟ ରୁ ମୁଖ୍ୟତଃ ୭ ବିଭାଗ ରେ ୧୩୫ ଗୋଟି ପ୍ରକଳ୍ପକୁ ବିଦ୍ୟାର୍ଥୀ ମାନେ ପ୍ରଦର୍ଶିତ କରିଥିଲେ । ପ୍ରଦର୍ଶିତ ପ୍ରକଳ୍ପ ଗୁଡିକ ମଧ୍ୟରେ କୃତି ପ୍ରତିଯୋଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସିଦ୍ଧେଶ୍ୱରୀ ପୂଜାରୀ , ଚଉଦବାଟିଆ (ୟୁ ଜି ୟୁ ପି ) ବିଦ୍ୟାଳୟର ଆୟୁଷ ନାରାୟଣ ପରିଡା , ଓଡିଶା ଆଦର୍ଶ ବିଦ୍ୟାଳୟର ସାଇ ଆଦିତ୍ୟ ପ୍ରଧାନ , ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାରକେଣା ର ଅଞ୍ଜଳି ମିଶ୍ର , ବରାଳ( ୟୁ ଜି ୟୁ ପି ) ବିଦ୍ୟାଳୟ ର ଆଦ୍ୟାସ୍ମିତା ମହାପାତ୍ର , ପୁରୁଣା ବୁଢ଼ାକେରା ବିଦ୍ୟାଳୟ ଛାତ୍ରୀ ରୁପାଲୀ ବାରିକ ଙ୍କ ପ୍ରକଳ୍ପ ଗୁଡିକ ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଛି ।ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ ଶିକ୍ଷକ ଶିବରାମ ମିଶ୍ର , ତ୍ରିଲୋଚନ ବେହେରା ଓ ପ୍ରଦୀପ୍ତ କୁମାର ସ୍ୱାଇଁ । ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆୟୋଜିତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା , ମୁଖ୍ୟ ବକ୍ତା କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ଼ଃ ସୂର୍ଯ୍ୟନାରାୟଣ ମିଶ୍ର ଯୋଗ ଦେଇଥିଲେ । ସେହିପରି ଅପରାହ୍ନରେରେ ଅନୁଷ୍ଠିତ ଉଦଯାପନି ଉତ୍ସବ ରେ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ , ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ , ବିଡ଼ିଓ ଦେବାଶିଷ ନାୟକ , ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ କର , ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ର ପ୍ରଧାନ ଶିକ୍ଷୟତ୍ରୀ ଅମିତା ସେନାପତି , ଗୋପୀନାଥ ଦେବ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ , ଜିଲ୍ଲା ନୋଡାଲ ଅଫିସର ଉମାକାନ୍ତ ମିଶ୍ର , ଆଲୁମୁନି ଅଧକ୍ଷା ସବିତା ପଣ୍ଡା , ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ଅର୍ଜ୍ଜୁନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ଗୋପୀନାଥ ମିଶ୍ର ଓ ସୁନିଲ ବେହେରା ଙ୍କ ସମେତ ଅନ୍ୟ ସିଆରସିସି , ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋଦରେଜ୍ ପକ୍ଷରୁ ସହାୟକ ପ୍ରଯୁକ୍ତି ସମ୍ମିଳନୀ

ଭୁବନେଶ୍ୱର(ସବ୍ୟୁ): ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍ ପକ୍ଷରୁ ଉଦ୍ଘାଟନୀ ସହାୟକ ପ୍ରଯୁକ୍ତି ସମ୍ମିଳନୀ –୨୦୨୫ ଆୟୋଜନ କରାଯାଇଛି। ଏଥିରେ ନବସୃଜନକାରୀ, କର୍ପୋରଟ୍, ଗବେଷକ, ଦିବ୍ୟାଙ୍ଗ ଅଧିକାର ଲିଡର ଓ କ୍ରୀଡ଼ାବିତମାନେ ଯୋଗ ଦେଇ କର୍ମକ୍ଷେତ୍ରରେ ପ୍ରଯୁକ୍ତି କିଭଳି ସହାୟକ ହେବା ଓ ଅନ୍ତର୍ଭୁକ୍ତୀକରଣବଢ଼ାଇବାରେ ରୂପାନ୍ତରଣ ଆଣିପାରିବ, ତାହା ଉପରେ ଆଲୋଚନା କରିଥିଲେ।ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଜନ ଦିବସ ପରିପ୍ରେକ୍ଷୀରେ ଆୟୋଜିତ ଏହି ସମ୍ମିଳନୀ ନୂଆ ଚିନ୍ତାଧାରା ଓ ସହଯୋଗିତା ପାଇଁ ଏକମଂଚ ଭାବେ କାର୍ଯ୍ୟ କରିଥିଲା ଯାହା ଏକ ସମାନତାର କାର୍ଯ୍ୟକ୍ଷେତ୍ର ଆଡ଼କୁ ଭାରତର ଯାତ୍ରା ତ୍ୱରାନ୍ୱିତ କରିବା।ଏହି ଅବସରରେ ଗୋଦରେଜ ଡିଇଆଇ ଲ୍ୟାବ୍‌ର ମୁଖ୍ୟ ତଥା କ୍ୱିରସ୍ତାନର ଲେଖକ ପରମେଶ ସାହାଣୀ କହିଛନ୍ତିଯେ, ଏହି ସମ୍ମିଳନୀ ସେହି ସତ୍ୟକୁ ଦୋହରାଉଛି, ଯାହା ହେଉଛି କରୁଣା ସହ ପ୍ରସ୍ତୁତ, ଉଦ୍ଦେଶ୍ୟ ସହ ସହଯୋଗିତାଏବଂ ସମାନତା ପ୍ରତି ପ୍ରତିବଦ୍ଧତା ସହ ନବସୃଜନ କରିବା ତେବେ, ଅମେ ଏଭଳି ଏକ ଦୁନିଆ ଗଠନ କରିବାଯେଉଁଠାରେ ସମସ୍ତେ ସଫଳ ହେବେ। ଏକ ଟୁଲଠାରୁ ଆଗକୁ ବଢ଼ି ସହାୟକ ପ୍ରଯୁକ୍ତି ସମ୍ମାନ ଓ ସୁଯୋଗର ଏକ ପଥରେପରିଣତ ହୋଇଛି। ଆମେ ଆଜି ଯାହା ପ୍ରଦର୍ଶନ କରିଛୁ ତାହା କେବଳ ଏକ ଶୁଭାରମ୍ଭ ମାତ୍ର। ଭାରତରେ କାର୍ଯ୍ୟରେରୂପାନ୍ତରଣ ଭବିଷ୍ୟତ ଖୋଲାପଣ, ଭାବନା ଏବଂ ଆମେ ଧରି ନେଇଥିବା ବ୍ୟବସ୍ଥା ବିଷୟରେ ପୁଣି ଥରେ ଭାବିବାରସାହସ ତାହା ଆକାର ନେବା।ଏହି ସମ୍ମିଳନୀରେ ଅନ୍ତର୍ଭୁକ୍ତୀକରଣ ପ୍ରଯୁକ୍ତିରେ ବିଶେଷତା ହାସଲ କରିଥିବା ୧୨ଟି ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିଥିଲେ।

## ବିଦ୍ୟାଳୟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପରଲୋକ

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ସ୍ଥିତ ନୀଳମାଧ ବିଦ୍ୟାପୀଠ ରେ ୪ର୍ଥ ଶ୍ରେଣୀ କର୍ମଚାରୀ ସତ୍ୟପ୍ରିୟ ରାଉତରାୟ (୫୬)ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ରବିବାର ସକାଳେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ। ତାଙ୍କ ଅକାଳ ବିୟୋଗରେ ବିଦ୍ୟାଳୟ ତଥା ଗ୍ରାମରେ ଶୋକ ପ୍ରକାଶ ପାଇଛି ।

C-1631

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ ବାଲେଶ୍ୱର
OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE.
AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls(@gmaii.com, Phone-9438660004) NO. 6478 / DATE : 28/11/25

1ST CORRIGENDUM : Tender for the work

"Supply, Installation, Testing & Commissioning of DG Sets (CPCB IV + GEN Set with AMF Pannel) with Movable Trolley including shed for Jaleswar Town.
In continuation to this office Bid-Identification No.SEPHBLS-27 of 2025-26 dt. 12,11.2025. The following amendments have been made to **Critical dates.**

| 1. | Item/Clause | Description | Existing Critical Dates | Revised/Amended Critical Dates |
|---|---|---|---|---|
| | Critical Dates in NIT, Section-1 of DTCN | Last date and time of seeking clarification | 17:00 Hr. of dt. 28.11.2025 | 17:00 Hr. of dt. 05.12.2025 |
| | | Last date & time of bidding on-line | 17:00 Hr. of dt. 03.12.2025 | 17:00 Hr of dt. 10.12.2025 |
| | | Date & time of opening Bid | 17:00 Hr. of dt. 04.12.2025 | 17:00 Hr. of dt. 11.12.2025 |

All other terms and conditions Un-Altered.
OIPR : 13053/11/0034/2526
Sd/- Superintending Engineer, P.H. Division,Balasore

# ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି




ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ବିଧାନସଭା ଅନ୍ତର୍ଗତ/ସତ୍ୟବାଦୀ ଥାନା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ ଛକ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୋମବାର ରାତି ୧୧ ଟାରେ ଭାରତୀୟ ଜନତା ପାର୍ଟିର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ପୂର୍ବତନ ସଭାପତି ସ୍ୱର୍ଗତ ପ୍ରଶାନ୍ତ ସେନାପତିଙ୍କ ମର ଶରୀର ଉପରେ ପୁଷ୍ପମାଲ୍ୟା ଅର୍ପଣ କରିଛନ୍ତି ।

ଏଠାରେ ପ୍ରକାଶ ଥାଉ କି, ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝି କୋଣାର୍କ ଉତ୍ସବ କାର୍ଯ୍ୟକ୍ରମ ଶେଷ କରି ଭୁବନେଶ୍ୱର ଫେରୁଥିଲେ । ଏହି ସମୟରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ପୂର୍ବତନ ସଭାପତି ସ୍ୱର୍ଗତ ପ୍ରଶାନ୍ତ ସେନାପତିଙ୍କ ଶବାଧାର ଅନ୍ତିମ ସଂସ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଯାଉଥିଲା । ସତ୍ୟବାଦୀ ବ୍ଲକ ଛକ ନିକଟରେ ମୁଖ୍ୟମନ୍ତ୍ରୀ ଅଟକି ରହି ସ୍ୱର୍ଗତ ସେନାପତିଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିନା ଅନୁମତିରେ ମହାନଦୀରୁ ପାଣି ଶୋଷୁଛନ୍ତି କମ୍ପାନୀ: ଗ୍ରାମବାସୀ କରିବେ ଆନ୍ଦୋଳନ

ଆଠଗଡ ,(ସବ୍ୟୁ):ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ଉଚ୍ଛେଦ ଆଦେଶ ଦେଇଥିଲେ ମଧ୍ୟ ଆଠଗଡ଼ ରେ ନିର୍ମିତ ଆରତୀ ଷ୍ଟିଲ ଏବଂ ବିକେ ଷ୍ଟିଲ କମ୍ପାନୀ ସରକାରୀ ଜମି କୁ ଜବରଦଖଲ କରି ମହାନଦୀ ରେ ଇନଟେକ ୱେଲ କରି ପାଣି ଶୋଷୁଛନ୍ତି। କଟକ ସଦର ତହସିଲ କଖଡି ମୌଜା ଖାତା ନଂ ୫୮୧ ପ୍ଲଟ ନମ୍ବର ୨୦୦୦ ରେ ୪ ଡେସିମିଲି ଜମିକୁ ଜବରଦଖଲ କରି ଥିବା ବେଳେ ଗତ ବର୍ଷ ଡ଼ିସେମ୍ବର ୨୪ ତାରିଖ ରେ ପତ୍ର ନଂ ୧୦୩୯୬ ରେ ଜଣାଇଥିବା ବେଳେ ବିକେ ଷ୍ଟିଲ କମ୍ପାନୀ କଟକ ସଦର ତହସିଲ ମହାଳପଡା ମୌଜା ଖାତା ନଂ ୩୯୪ ପ୍ଲଟ ନଂ ୧୫୯୫ ର ୩ ଡେସିମିଲି ସରକାରୀ ଜମି କୁ ଜବରଦଖଲ କରିଥିବା ଜଣାପଡିଛି। ଏଥି ପାଇଁ କଟକ ସଦର ତହସିଲ ପକ୍ଷରୁ ଉଭୟ କମ୍ପାନୀ କୁ ଜବରଦଖଲ ନୋଟିସ ଦେଇଥିବା ଜଣାପଡିଛି।ଏ ବାବଦରେ କଖଡି ଏବଂ ମହାଳପଡା ଗ୍ରାମ ର ଜନସାଧାରଣ ରାଜସ୍ୱ ମନ୍ତ୍ରୀ ଙ୍କୁ ଅବଗତ କରାଇବା ପରେ ମନ୍ତ୍ରୀ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଜିଲ୍ଲାପାଳ ତାକୁ କାର୍ଯ୍ୟକାରୀ ନ କରି ନୋ ଅବଜେକସନ ସାର୍ଟିଫିକେଟ ଦେଇଥିବା ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

GOVERNMENT OF ODISHA : OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e-Mail-eerw_kuchinda@yahoo.com
O-1664
2nd Corrigendum to Bid identification
No. Tender online 06/RWD/Kuchinda/2025-26

Due to unavoidable circumstances, the following changes have been made in this office Bid identification no- tender online 06/ RWD/ Kuchinda / 2025-26
The following changes have been made :-

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarificaiton | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kuchinda | Tender online-06/RWD/KCD | 08.12.2025 at 11.00 A.M. | 16.12.2025 at 5.00 P.M. | 15.12.2025 at 5.00 A.M. | 17.12.2025 at 11.00 A.M. |

The 02 nos work of Annexture-I has been cancelled i.e.
Sl. No.01- Up gradation [Repair, renovation , construction of Yoga Hall, Colour washing & branding) of GAD building at Bauriguda for the year 2024-25 for amount of Rs.4.20 Lakhs
Sl. No.02- Up gradation (Repair, renovation , construction of Yoga Hall, Colour washing & branding) of GHD building at Kuchinda for the year 2024-25 for amount of Rs.4.20 Lakhs
All other terms and conditions remain unchanged.
* Further details can be seen from the e-procurement portal **www.tendersorissa.gov.in**
OIPR : 25151/11/0041/2526
Superintending Engineer, R.W.. Division,Kuchinda

# ମିଳିତ ଚଢ଼ାଉ : ୧୩୩ ଜଣଙ୍କୁ ୧୦ଲକ୍ଷ ୩୧ହଜାର ଟଙ୍କାର ଚାଲାଣ, ୪୭ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ସୁପାରିଶ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ପୋଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ଲଗାତର ଦୁଇ ଦିନ ଧରି ମିଳିତ ଭାବେ ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଚଳାଚଳ କରୁଥିବା ଯାନବାହାନ ଯାଞ୍ଚ କରିଥିଲେ । ଏଥିରେ ମୋଟ ୧୩୩ ଜଣଙ୍କୁ ୧୦ଲକ୍ଷ ୩୧ ହଜାର ଟଙ୍କାର ଜୋରିମାନା ଚାଲାଣ କଟାଯାଇଥିବା ବେଳେ ୪୭ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ ମାସ ପର୍ଯ୍ୟନ୍ତ ରଦ୍ଦ ନିମନ୍ତେ ସୁପାରିଶ କରାଯାଇଛି ବୋଲି ବାଲୁଗାଁ ଥାନା ଆଇ ଆଇ ସି ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି । ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତ୍ୟୁହାର ସପ୍ତାହ ପାଳନ ଅବସରରେ ଏହି ଯାଞ୍ଚ କାର୍ଯ୍ୟ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ରବିବାର ରାତ୍ରିରେ ମୋଟର ଯାନ ଆଇନ ଉଲ୍ଲଙ୍ଘନ ତଥା ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ବୀମା ଭୁକ୍ତ ନଥିବା, ସିଟ ବେଲ୍ଟ ନ ବାନ୍ଧିବା, ଦୁଇ ଚକିଆ ଯାନରେ ୩ ଜଣ ବସିବା,ମଦ୍ୟପାନ କରି ଗାଡି ଚଲାଇବା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାଗଜାତ ଆଦି ଯାଞ୍ଚ ପରେ ମୋଟ ୬୧ ଜଣଙ୍କ ନାମରେ ଚାଲାଣ କଟାଯିବା ସହ ୪ଲକ୍ଷ ୯୩ହଜାର ୫୦୦ ଟଙ୍କାର ଜୋରିମାନା ରସିଦ ପ୍ରଦାନ କରାଯାଇଛି । ଏଥି ସହ ୧୦ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଛି ।ମୋଟ ୨୦ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ ମାସ ପର୍ଯ୍ୟନ୍ତ ରଦ୍ଦ ନିମନ୍ତେ ପରିବହନ ବିଭାଗୀୟ ଅଧିକାରୀଙ୍କୁ ସୁପାରିଶ କରାଯାଇଛି ଝ ବାଲୁଗାଁ ଥାନା ଆଇ ଆଇ ସି ଜୟ ପ୍ରକାଶ ପରିଡା ଏବଂ ଖୋର୍ଦ୍ଧା ଟ୍ରାଫିକ ସବ ଇନ୍ସପେକ୍ଟର ତୃପ୍ତି ରେଖା ଜେନାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ବାଇପାସ ରୋଡ଼ ଏବଂ ନୂଆଗଡ଼ ଓଭରବ୍ରିଜ ଠାରେ ପୃଥକ ଭାବେ ଯାଞ୍ଚ କାର୍ଯ୍ୟ କରାଯାଇଥିଲା ସେହିପରି ଗତ ଗୁରୁବାର ରାତ୍ରିରେ ଅନୁରୂପ ଭାବେ ଦୁଇଟି ସ୍ଥାନରେ ଯାଞ୍ଚ କରାଯାଇ ୭୨ ଜଣଙ୍କୁ ୫ଲକ୍ଷ ୩୭ ହଜାର ୫୦୦ ଟଙ୍କା ଜୋରିମାନା ଚାଲାଣ କଟାଯିବା ସହ ୩ ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଥିଲା ଏବଂ ୨୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ସୁପାରିଶ କରାଯାଇଥିଲା ।

ପୌର ପରିଷଦ, କୋରାପୁଟ
KORAPUT MUNICIPALITY
Email: korapurmunicipality2014@gmail.com, Mob No : 06852-250629
Letter NO. 5036 Date : 24.11.2025
C-1617
"e" PROCUREMENT NOTICE.
Bid Identificaiton NO. KPTMUN-104/2025

Bid Documents consisting of Work, Estimated Cast, Cost of Tender Paper, EMD time of completion, Class of contractors and the set of terms and conditions of contract and other necessary documents can be seen in Govt, website i.e. **www tendersorissa.gov.in**

1. Name of the Work : Civil Work
2. No. of Works : 2 Nos.
3. Estimated Cost : Rs. 65,36.096/- and Rs. 91,05,395/-
4. Period of Completion : 8 (eight) calendar months
5. bote A time of Bidding : From 11.00 AM of 29/11/2025 to 5.00 P.M 18/12/2025.
6. Last date A time for receipt of Bids in portal : 18/12/2025 at 5.00 P.M
7. Bids received online shafl be opened on : 0300PM. of bt.20/12/2025.
8. Name and address of the Officer inviting; Bid : Executive Officer, Koraput Municipality

Further details con be seen from the procurement portal. : www.tenderorissa.gov.in

Sd/- Executive Officer,
Koraput Municipality
OIPR : 13074/11/0027/2526

(ଶ୍ରୀମଦ୍ଭଗବଦ୍ ଗୀତା ୧/୨୬)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୃନଥ ପିତାମହାନ୍ ।**
**ଆଚାର୍ଯ୍ୟାନ୍ମାତୁଳାନ୍ ଭ୍ରାତୃନ୍ ପୁତ୍ରାନ୍ ପୌତ୍ରାନ୍ ସଖୀଂସ୍ତଥା ।। ୨୬ ।।**

ଅଥ ପାର୍ଥଃ (ଅର୍ଜୁନ) ତତ୍ର ସ୍ଥିତାନ୍ (ସମବେତାନ୍)
ଉଭୟୋରପି ସେନୟୋଃ ପିତୃନ୍, ପିତାମହାନ୍, ଆଚାର୍ଯ୍ୟାନ୍,
ମାତୁଳାନ୍, ଭ୍ରାତୃନ୍, ପୁତ୍ରାନ୍, ପୌତ୍ରାନ୍ ତଥା
ସଖୀନ୍, ଶ୍ୱଶୁରାନ୍ ସୁହୃଦଶ୍ଚ ଏବ ଅପଶ୍ୟତ୍ (ଦୃଷ୍ଟବାନ୍) ।। ୨୬ ।।

# ସଂସଦର ଶୀତକାଳୀନ ଅଧିବେଶନ

ସଂସଦର ଶୀତକାଳୀନ ଅଧିବେଶନ, ୨୦୨୫ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ଅଧିବେଶନ ପୂର୍ବରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ସଂସଦର ଏହି ଶୀତକାଳୀନ ଅଧିବେଶନ ଉଭୟ ଶାସକ ଓ ବିରୋଧୀ ଦଳଙ୍କ ମିଳିତ ସହଯୋଗରେ ଚାଲିବା ଉଦ୍ଦେଶ୍ୟରେ ଏହି ସର୍ବଦଳୀୟ ବୈଠକ, ଅଧିବେଶନର ଦିନକ ପୂର୍ବରୁ ସଂସଦ ପରିସରରେ ଅନୁଷ୍ଠିତ ହୋଇଥିଲା । ୩୬ଟି ବିଭିନ୍ନ ରାଜନୀତିକ ଦଳର ପ୍ରାୟ ୫୦ ଜଣ ନେତା ଏହି ବୈଠକରେ ଯୋଗ ଦେଇଥିଲେ । କେନ୍ଦ୍ର ସଂସଦୀୟ ବ୍ୟାପାର ବିଭାଗ ତଥା ସଂଖ୍ୟାଲଘୁ ବିଭାଗର ମନ୍ତ୍ରୀ କିରଣ ରିଜ୍ଜୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରାସାୟନିକ ସାର ବିଭାଗର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା (ଯିଏ ମଧ୍ୟ ରାଜ୍ୟସଭାରେ ଶାସକ ଦଳର ନେତା), ସଂସଦୀୟ ବ୍ୟାପାର ବିଭାଗ ତଥା ଆଇନ ଓ ନ୍ୟାୟ ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଅର୍ଜ୍ଜୁନରାମ ମେଘୱାଲ, ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଡକ୍ଟର 'ଏଲ୍ ମୁରୁଗାଁ' ପ୍ରଭୃତି ମଧ୍ୟ ଯୋଗ ଦେଇଥିଲେ । ସଂସଦର ଏହି ଶୀତକାଳୀନ ଅଧିବେଶନରେ ଉଭୟ ଶାସକ ଓ ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ରଣ କୌଶଳ ନିଆଯାଇ ସଂସଦର ଏହି ଅଧିବେଶନକୁ କିପରି ଜନସାଧାରଣଙ୍କ ହିତ ସାଧନ ଦୃଷ୍ଟିରୁ ସୁରୁଖୁରୁରେ ଚଳାଯାଇ ପାରିବ, ସେ ବିଷୟରେ ମୁଖ୍ୟତଃ ଆଲୋଚନା ହୋଇଥିଲା ।

ବୈଠକ ଆରମ୍ଭ ହେବା ସମୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରାରମ୍ଭିକ ସୂଚନା ଦେଇ ଉପସ୍ଥିତ ବିଭିନ୍ନ ରାଜନୀତିକ ଦଳର ନେତାମାନଙ୍କୁ ସ୍ୱାଗତ କରିଥିଲେ । ଡିସେମ୍ବର ୨୦୨୫ରୁ ଆରମ୍ଭ ହେଉଥିବା ଏହି ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟଗୁଡ଼ିକ ଯେପରି ଅବିଳମ୍ବେ କରାଯାଇ ପାରିବ, ସେ ଦିଗରେ ସମସ୍ତେ ମନ ଧ୍ୟାନ ଦେବା ସମ୍ପର୍କରେ ଏହି ଅଧିବେଶନ ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ରିଜ୍ଜୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଡିସେମ୍ବର ୧୯ (ଶୁକ୍ରବାର) ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୧୫ଟି କାର୍ଯ୍ୟ ଦିବସ ରହିଛି । ପ୍ରାୟ ୧୯ ଦିନ ଧରି ଚାଲିବାକୁ ଥିବା ଏହି କ୍ଷୁଦ୍ର ଅଧିବେଶନଟି ବିଭିନ୍ନ ଦୃଷ୍ଟିରୁ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ବିଭିନ୍ନ ରାଜନୀତିକ ଦଳର ସାଂସଦମାନେ ମଧ୍ୟ ଯାବତୀୟ ସମସ୍ୟା ସମ୍ପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସମୟରେ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ ।

ସଂସଦର ଏହି ନାତିଦୀର୍ଘ ଶୀତକାଳୀନ ଅଧିବେଶନରେ ଯେଉଁ ସଂସଦୀୟ କାର୍ଯ୍ୟସୂଚୀ ମାନ ରହିଛି– ସେଗୁଡିକ ମଧ୍ୟରେ ଜନବିଶ୍ୱାସ (ସଂଶୋଧନ) ବ୍ୟବସ୍ଥା ବିଧେୟକ ୨୦୨୫, ଦେବାଳିଆ ଓ ବ୍ୟାଙ୍କରଣ ବିଧେୟକ ୨୦୨୫, ମଣିପୁରର ଦ୍ରବ୍ୟ ଓ ସେବା ଟିକସ (ଦ୍ୱିତୀୟ ସଂଶୋଧନ) ବିଧେୟକ ୨୦୨୫, ଗୁରୁତ୍ୱପୂର୍ଣ୍ଣ । ଏଥି ସହିତ ଏକ ଅଧ୍ୟାଦେଶକୁ ଉପଯୋଗ କରାଯିବା ସମେତ କେତେକ ବିଧେୟକକୁ ଉପଯୋଗ କରା ନଯିବା, ଜାତୀୟ ରାଜପଥ ସଂଶୋଧନ ବିଧେୟକ ୨୦୨୫, ସିକ୍ୟୁରିଟିଜ ମାର୍କେଟସ୍ ବୋର୍ଡ ବିଧେୟକ (SMC) ୨୦୨୫, ଇନ୍ସୁରାନ୍ସ ଆଇନସମୂହ (ସଂଶୋଧନ) ବିଧେୟକ ୨୦୨୫, ଆର୍ବିଟ୍ରେସନ ଓ କନସିଲିଏସନ (ସଂଶୋଧନ) ବିଧେୟକ ୨୦୨୫, ଉଚ୍ଚ ଶିକ୍ଷା କମିଶନ ଅଫ୍ ଇଣ୍ଡିଆ ବିଧେୟକ ୨୦୨୫, କେନ୍ଦ୍ରୀୟ ଅବକାରୀ (ସଂଶୋଧନ) ବିଧେୟକ ୨୦୨୫, ସ୍ୱାସ୍ଥ୍ୟ ନିରାପତ୍ତା ଜାତୀୟ ସ୍ୟୁରିଟି ସେସ୍ ବିଧେୟକ, ୨୦୨୫ ପ୍ରଭୃତି ପାରିତ ହେବାର ସମ୍ଭାବନା ରହିଛି ।

ସେହିପରି କେନ୍ଦ୍ର ସରକାର ଅତିରିକ୍ତ ବଜେଟ, ୨୦୨୫–୨୬ ଆଗତ କରି ବ୍ୟୟ ମଞ୍ଜୁରୀ ବିଧେୟକ ଜରିଆରେ ସେ ସବୁକୁ ପାରିତ କରିବେ ବୋଲି ଆଶା କରାଯାଉଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭୂତଳ ଜଳସମ୍ପଦର ଉପଯୋଗିତା



**ବିଦ୍ୟାଧର ମହାରଣା**

ମଣିଷ ସମାଜ ପାଇଁ ଭୂତଳ ଜଳସମ୍ପଦ କେତେ ଗୁରୁତ୍ୱପୂର୍ଣ୍ଣ ଏକଥା ଅଳ୍ପ ବହୁତେ ସମସ୍ତେ ଜାଣନ୍ତି । ଭୂତଳ ଜଳ ସମ୍ପଦର ବିଶ୍ୱର ୫୦ ପ୍ରତିଶତ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ସହିତ ଏହା ଜଳସମ୍ପଦର ପ୍ରାୟ ୪୩ ପ୍ରତିଶତ ଜଳସେଚନ ପାଇଁ ବ୍ୟବହୃତ ହୋଇଥାଏ । ବିଶ୍ୱର ପ୍ରାୟ ୨.୫ ବିଲିୟନ ଲୋକ ନିଜର ମୌଳିକ ଆବଶ୍ୟକତାକୁ ଭୂତଳ ଜଳସମ୍ପଦ ଦ୍ୱାରା ମେଣ୍ଟାନ୍ତି । ଏଣିକି ଆମେ ସମସ୍ତେ ଶିଖିବାର କଥା କିପରି ମୃତ୍ତିକା, ଜଳ ଓ ଜଳବାୟୁ ପରିଚାଳନା ମାଧ୍ୟମରେ ଆବଶ୍ୟକ ଖାଦ୍ୟ ଉତ୍ପାଦନ କରିପାରିବା । ଏହାହିଁ ଆଗାମୀ ଦିନର ମୁଖ୍ୟ ଆହ୍ୱାନ । ବୋଧହୁଏ ଭୂତଳ ଜଳସମ୍ପଦର ଉପଯୁକ୍ତ ବିନିଯୋଗ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହାର କାରଣ ହେଉଛି ବର୍ଷକୁ ବର୍ଷ ଭୂତଳ ଜଳପତ୍ତନ ନିମ୍ନଗାମୀ ହେବାରେ ଲାଗିଛି । ଭାରତର କ୍ଷେତ୍ରଫଳ ୩୨୯ ନିୟୁତ ହେକ୍ଟର ଓ ବାର୍ଷିକ ହାରାହାରି ବର୍ଷା ପ୍ରାୟ ୧୨୦୦ ମିଲିମିଟର । ଏଣୁ ବର୍ଷରେ ପ୍ରାୟ ୪୦୦ ନିୟୁତ ହେକ୍ଟର ଲିଟର ବର୍ଷା ଭାରତକୁ ମିଳେ । ଏଥିରୁ ୭୦ ନିୟୁତ ହେକ୍ଟର ଲିଟର ବାୟୁମଣ୍ଡଳକୁ ବାଷ୍ପୀକରଣ ଆକାରରେ ଫେରିଯାଏ । ଅବଶିଷ୍ଟ ଜଳ ୧୧୫ ନିୟୁତ ହେକ୍ଟର ଲିଟର ଭୂପୃଷ୍ଠ ଉପରେ ବହିଯାଏ ଓ ୨୧୫ ନିୟୁତ ହେକ୍ଟର ଲିଟର ମାଟିକୁ ପ୍ରବେଶ କରେ ।

ଏଥିରୁ ୫୦ ନିୟୁତ ହେକ୍ଟର ଲିଟର ଭୂତଳ ଜଳ ସ୍ତରକୁ ଯାଏ ଓ ମାତ୍ର ୧୬୫ ନିୟୁତ ହେକ୍ଟର ଲିଟର ଫସଲ ଓ ବୃକ୍ଷଲତା ପାଇଁ ବିନିଯୋଗ ହୋଇଥାଏ । ଏହାର ଅର୍ଥ ହେଲା ମୋଟ ବର୍ଷାର ମାତ୍ର ୪୨ ପ୍ରତିଶତ ଆମେ ଫସଲ ଓ ବୃକ୍ଷ ଲତା ପାଇଁ ପାଉ । ଭୂପୃଷ୍ଠ ଉପରେ ବୋହିଯାଉଥିବା ୧୧୫ ନିୟୁତ ହେକ୍ଟର ଲିଟର ଜଳକୁ ଆମେ ସଂରକ୍ଷଣ କରିପାରିଲେ ଏହା ଭୂତଳ ଜଳ ହିସାବରେ ଆମକୁ ପ୍ରାପ୍ତ ହେବ ।

ପୃଥିବୀର ମାଟିତଳେ ଲୁକ୍କାୟିତ ଭାବରେ ଥିବା ଭୂତଳ ଜଳସମ୍ପଦ ବାସ୍ତବରେ ପୃଥିବୀର ମୋଟ ମଧୁର ଜଳର ୯୯ ପ୍ରତିଶତ । ପୃଥିବୀର ଜଳ ଚକ୍ରରେ ଭୂତଳ ଜଳର ଏକ ମୁଖ୍ୟ ଭୂମିକା ଅଛି । ନଦୀ , ନାଳ , ହ୍ରଦ ଓ ଆର୍ଦ୍ରଭୂମିର ଜଳ ଭୂତଳ ଜଳ ଆକାରରେ ରହିଥାଏ । ବର୍ଷାଜଳ ଭୂମି ଉପରେ ପଡିଲେ ଏଥିରୁ କିଛି ତୁରନ୍ତ ବାଷ୍ପୀକରଣ ପ୍ରକ୍ରିୟାରେ ଆକାଶକୁ ଚାଲିଯାଏ, ଆଉକିଛି ମାଟି ଉପରେ ବହିଯାଏ ଏବଂ ଅବଶିଷ୍ଟ ଭୂତଳ ଜଳ ଆକାରରେ ସଞ୍ଚିତ ହୋଇ ରହେ ଯେଉଁଥିରୁ ଆମେ ନିଜର ଆବଶ୍ୟକତା ପୂରଣ ପାଇଁ ଓ ଫସଲ ଉତ୍ପାଦନ ପାଇଁ ବିନିଯୋଗ କରୁଁ । ସମସ୍ତ ବୃକ୍ଷଲତା ମଧ୍ୟ ଭୂତଳ ଜଳ ବିନିଯୋଗରେ ବଢ଼ନ୍ତି । ଭୂତଳ ଜଳ ମଧ୍ୟ ପୃଥିବୀ ପୃଷ୍ଠରେ ବହୁ ପ୍ରକ୍ରିୟା ନିୟନ୍ତ୍ରଣ କରେ । ପାହାଡ ଠାରୁ ଉପତ୍ୟକା ପର୍ଯ୍ୟନ୍ତ ବିଭିନ୍ନ ଗଛଲତା ଭୂତଳ ଜଳର ପତନ ଅନୁସାରେ ଦେଖାଯାଆନ୍ତି । ପାହାଡ଼ ନିକଟରେ ମରୁଡି ସହଣି ଗଛଲତା ଦେଖାଯିବା ସ୍ଥଳେ ନାଳ ନିକଟରେ ଅଧିକ ଜଳ ସହଣି ଗଛଲତା ଦେଖା ଯାଆନ୍ତି । ମରୁଭୂମି ଅଞ୍ଚଳରେ ଓଏସିସ୍ ବା ମରୁଦ୍ୟାନ ନିକଟରେ ପ୍ରାଣୀ ଓ ଉଦ୍ଭିଦ ବଞ୍ଚିବାର ଦେଖାଯାଏ । ଭୂତଳ ଜଳ ଉତ୍ତୋଳନ କରି ଆମେ ଫସଲଚାଷ ସହିତ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିଥାଉଁ ।

ଓଡ଼ିଶାରେ କ୍ରମାଗତ ବର୍ଷା ଅଭାବ, ଅଧିକ ଭୂତଳ ଜଳ ବ୍ୟବହାର ଓ କେନାଲଗୁଡିକର ସମସ୍ୟା ଯୋଗୁଁ ଜଳସଙ୍କଟ ଦେଖାଗଲାଣି । ବର୍ତ୍ତମାନ ମୌସୁମୀ ବର୍ଷା ପ୍ରାୟତଃ ଅନିୟମିତ । ଭୂତଳ ଜଳ କ୍ଷେତ୍ରରେ ପୁନଃଭରଣା ଅଭାବ ସହିତ ଅଧିକ ଉତ୍ତୋଳନ ଯୋଗୁଁ ଜଳପତ୍ତନ କମିବାରେ ଲାଗିଛି । ୨୦୦୯ ଠାରୁ ୨୦୧୭ ମଧ୍ୟରେ ଭୂତଳ ଜଳ ପରିମାଣ ୬.୭୧ ପ୍ରତିଶତ ହ୍ରାସ ପାଇଛି । ଗ୍ରାମାଞ୍ଚଳରେ ପାଇପ୍ ଜଳ ଯୋଗାଣ ଭିତ୍ତିଭୂମିଗୁଡିକ ବହୁତ ଗ୍ରାମରେ ମରାମତି ଅଭାବରୁ ଅଚଳ ହେଲାଣି । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ଏବେବି ଲାଗିରହିଛି । ଓଡ଼ିଶାରେ ଏଗାର ଗୋଟି ନଦୀ ଅବବାହିକା ଅଞ୍ଚଳ ରହିଥିଲେ ମଧ୍ୟ ଏଗୁଡିକ ବିଭିନ୍ନ ସମସ୍ୟାରେ ଜର୍ଜରିତ । କେତେକ ଅଞ୍ଚଳରେ ଖଣିକାର୍ଯ୍ୟ ଯୋଗୁଁ ଭୂତଳ ଜଳପତ୍ତନ ହ୍ରାସ ପାଉଛି ।

**ବିଶ୍ୱର ଭୂତଳ ଜଳସମ୍ପଦ ଆଜି ସଙ୍କଟ ମଧ୍ୟରେ ଗତି କରୁଛି । ବୈଜ୍ଞାନିକ ପରୀକ୍ଷା ଅନୁସାରେ ଜଣାପଡିଛି ଯେ ବହୁ ଭୂତଳ ଜଳ ଉତ୍ସ ଗୁଡିକର ଜଳଭର (ଆକ୍ୱାଫର) ଧୀରେ ଧୀରେ କମି ଯାଉଛି । ଏହାର ପରିଣାମ ସ୍ୱରୂପ ଝରଣା ପାଣି କମି ଯାଉଛି ଓ ଖାଲୁଆ ଜମିରେ ମଧ୍ୟ ଜଳାଭାବ ଦେଖା ଯାଉଛି । ମାନବକୃତ ପ୍ରଦୂଷଣ ଯୋଗୁଁ ଭୂତଳଜଳ ପ୍ରଦୂଷିତ ହୋଇ ଫସଲ ଓ ଆମମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି । ଅଧିକ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଭୂତଳ ଜଳ ଉପରେ ଚାପ ପଡ଼ିବା ସ୍ୱାଭାବିକ ।** ଜଳ ଅଭାବ ହେଲେ ପାନୀୟଜଳ ପ୍ରାପ୍ତିରେ ଅସୁବିଧା, କୃଷି ବିକାଶ ଅସୁବିଧା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଦେଖାଯାଏ । କାରଣ ଜଳ ହେଉଛି ଜୀବନର ମହୌଷଧି । ଗ୍ରାମାଞ୍ଚଳରେ ଜଳ ପାଇଁ ସାମାଜିକ ଦଙ୍ଗା ସୃଷ୍ଟି ମଧ୍ୟ ହୋଇଥାଏ । ରାଜନୈତିକ କ୍ଷେତ୍ରରେ ରାଜ୍ୟ ରାଜ୍ୟ ମଧ୍ୟରେ ଓ ଦେଶ ଦେଶ ମଧ୍ୟରେ ବିବାଦ ଦେଖାଯାଏ ।

ଓଡ଼ିଶାରେ ଭୂତଳ ଜଳ ସମ୍ପଦ ୧୬.୬୯ ବିଲିୟନ ଘନଲିଟର ବ୍ୟବହାର ଯୋଗ୍ୟ ହୋଇପାରିବ । କିନ୍ତୁ ଏଥିରୁ ମାତ୍ର ୩୦ ପ୍ରତିଶତ ବ୍ୟବହାର କରାଯାଉଛି । ଜାତୀୟ ସ୍ତରରେ ଏହାର ମାତ୍ରା ୬୨ ପ୍ରତିଶତ । ଜଳସେଚନ ପାଇଁ ଭୂତଳ ଜଳର ମାତ୍ର ୧୩ ପ୍ରତିଶତ ବ୍ୟବହାର କରାଯାଉଛି । ଭୌଗୋଳିକ ଅଞ୍ଚଳ ଅନୁସାରେ ଭୂତଳଜଳ ବିନିଯୋଗ ଅଲଗା ହୋଇଥାଏ । କଠିନ ଶିଳାସ୍ତର ଅଞ୍ଚଳରେ ଏହା ୨୩.୯ ପ୍ରତିଶତ ଥିଲାବେଳେ ଉପକୂଳ ଅଞ୍ଚଳରେ ଏହା ୪୬.୫ ପ୍ରତିଶତ । ଏପରି ବ୍ୟବହାର ଜଳସେଚନ ଓ ପାନୀୟ ଜଳ ହିସାବରେ ହୋଇଥାଏ ।

ଜଳ ଅଭାବର ସମାଧାନ ସୂତ୍ର ହିସାବରେ ପ୍ରଥମରେ ଅଚଳାବସ୍ଥାରେ ଥିବା ଜଳପ୍ରକଳ୍ପ ଗୁଡିକର ମରାମତି କରାଯାଇ ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ । ଦ୍ୱିତୀୟରେ ବର୍ଷାଜଳ ସଂରକ୍ଷଣ ଓ ପରିଚାଳନା ପାଇଁ ସବୁ ପ୍ରକାର କୌଶଳ ଅନୁସରଣ କରିବା ମଧ୍ୟ ଜରୁରୀ । ସମସ୍ତ ଜଳାଶୟଗୁଡିକରେ ପଙ୍କ ଉଦ୍ଧାର କରିବା ସହିତ ଏଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଦୀର୍ଘକାଳୀନ ଯୋଜନା ଆବଶ୍ୟକ । ପାରମ୍ପରିକ ଜଳଉତ୍ସ ଗୁଡିକୁ ( ମୁଣ୍ଡା, କଟା, ବନ୍ଧ ଓ ଚହଲା) ଗୁଡିକର ମରାମତି ଓ ପୁନଃନିର୍ମାଣ ମଧ୍ୟ ଜରୁରୀ । ଆନ୍ତଃରାଜ୍ୟ ଜଳ ବିବାଦଗୁଡିକୁ ଯଥାଶୀଘ୍ର ସମାଧାନ କରାଯିବା ଉଚିତ । ଜଳ ବ୍ୟବହାର କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ କରାଯିବା ସହିତ ଜଳ ବିନିଯୋଗ ଦକ୍ଷତା ବୃଦ୍ଧି ପାଇଁ ଚାଷୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବା ଆବଶ୍ୟକ । ଅଣ ଜଳସେଚିତ ଅଞ୍ଚଳରେ କୂପ ଖନନ କରି ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ମାଧ୍ୟମରେ ବହୁ ଅଞ୍ଚଳ ଜଳସେଚିତ ହୋଇପାରିବ । ଏଥିପାଇଁ ସରକାରୀ ରିହାତିର ବ୍ୟବସ୍ଥା ମଧ୍ୟ ରହିଛି ।

ସେଚାଞ୍ଚଳରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ ଫସଲ ଅପେକ୍ଷା କମ ଜଳରେ ଅଧିକ ଅମଳ ଦେଉଥିବା ଡାଲି, ତୈଳବୀଜ ଓ ପନିପରିବା ଫସଲ କରାଯିବା ମଙ୍ଗଳକାରକ । କାରଣ ଯେତିକି ପାଣିରେ ଗୋଟିଏ ଏକର ଧାନ ଚାଷ ହେବ ସେତିକି ପାଣିରେ ଏହାର ୪–୫ ଗୁଣ ଅନ୍ୟ ଫସଲ ଚାଷ ହୋଇପାରିବ ।

ଭୂତଳ ଜଳସମ୍ପଦ ବୃଦ୍ଧି କରିବା ନିମନ୍ତେ କେତେକ ଠିକ ରଣନୀତି ଆବଶ୍ୟକ । ପ୍ରଥମରେ ବର୍ଷାଜଳ ସଂରକ୍ଷଣ ସହିତ ଅଧିକ ମାତ୍ରାରେ ଏହାକୁ ମାଟି ମଧ୍ୟକୁ ପ୍ରବେଶ କରିବା ପାଇଁ ଆଡିବନ୍ଧ ନିର୍ମାଣ, ପୁଷ୍କରିଣୀ ଖନନ, ବୃକ୍ଷରୋପଣ ଓ ଜଳଅମଳ ପ୍ରକଳ୍ପ ନିର୍ମାଣ କରିବା ଆବଶ୍ୟକ । ଅଗଭୀର ନଳକୂପ ବହୁସଂଖ୍ୟାରେ ଖନନ କଲେ ମଧ୍ୟ ଭୂତଳଜଳ ବ୍ୟବହାର ସହଜ ହୋଇପାରିବ । ଏତଦ୍‌ବ୍ୟତୀତ ଉନ୍ନତ ପର୍ଯ୍ୟବେକ୍ଷଣ ସହିତ ଭୂତଳଜଳ ପୁନଃଭରଣ ପାଇଁ କେତେକ ଭିତ୍ତିଭୂମି ନିର୍ମାଣ ଆବଶ୍ୟକ । କେନାଲ ଜଳସେଚିତ ଅଞ୍ଚଳରେ ଉଭୟ ଭୂପୃଷ୍ଠ ଓ ଭୂତଳ ଜଳର ସମନ୍ୱିତ ବ୍ୟବହାର କରାଯାଇ ପାରିବ । ସେଇଥିପାଇଁ କେନାଲ ନିକଟରେ ପୋଖରୀ ଓ କୂଅ ନିର୍ମାଣ କଲେ, କେନାଲ ବନ୍ଦ ହେବା ସମୟରେ ଏହି ଜଳ ଫସଲ ଅମଳ ପାଇଁ ବିନିଯୋଗ ହୋଇପାରିବ । କେନାଲ ଜଳର ବିନିଯୋଗ ଦକ୍ଷତା ମାତ୍ର ୩୫–୪୦ ପ୍ରତିଶତ ହୋଇଥିବାରୁ ଏହାକୁ ବିଭିନ୍ନ ଉପାୟରେ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇ ପାରିବ । ଏଥି ନିମନ୍ତେ ପାଣି ପଞ୍ଚାୟତଗୁଡିକର ଗୁରୁ ଦାୟିତ୍ୱ ରହିଛି । ଭୂତଳ ଜଳ ବ୍ୟବହାର ପୂର୍ବରୁ ପ୍ରତି ଗ୍ରାମରେ ଏହାର ପରିମାଣ ସ୍ଥିର କରିବାକୁ ହେବ । ଏହାପରେ ଏକ ଜଳ ବଜେଟ ପ୍ରସ୍ତୁତ କରିବାକୁ ହେବ । ପ୍ରଥମରେ ପାନୀୟଜଳ ଆବଶ୍ୟକତା ପୂରଣ କରାଯାଇ ଅବଶିଷ୍ଟ ଜଳପାଇଁ ଫସଲ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । **ମହାରାଷ୍ଟ୍ରର ହିୱାରେ ବଜାର ଗ୍ରାମରେ ଏପରି ଭୂତଳଜଳ ବଜେଟ କାର୍ଯ୍ୟ ସଫଳତାର ସହ କାର୍ଯ୍ୟ କରାଯିବା ଫଳରେ ଅହମଦନଗର ଜିଲ୍ଲାର ଏହି ଗ୍ରାମ ଆଜି ଭାରତର ଶ୍ରେଷ୍ଠ ଗ୍ରାମ । ବର୍ଷରେ ମାତ୍ର ୪୦୦ ମିଲିମିଟର ବର୍ଷା । ସରପଞ୍ଚ ପୋପଟ ରାଓ ପାୱାରଙ୍କ ନେତୃତ୍ୱରେ ୪୧୪ ସମପତନ ବନ୍ଧ, ୪୦୦୦୦ ସମପତନ ଖାଇ ଓ ୬୬୦ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଗଲା ।** ଗତ ୧୫ ବର୍ଷରେ କୃଷକ ଆୟ ୨୦ ଗୁଣ ବଢ଼ିଛି । ଏକଦା ଜଳକଷ୍ଟ ଯୋଗୁଁ ଗ୍ରାମବାସୀ ପ୍ରବାସନ ଯାଉଥିବା ବେଳେ ସମ୍ପ୍ରତି ଗ୍ରାମଟି ସବୁଜ ଶ୍ୟାମଳା ହୋଇପାରିଛି ଏବଂ ଗ୍ରାମରେ ୨୫ ପ୍ରତିଶତ ଲକ୍ଷପତି ହୋଇଛନ୍ତି ।

ମନେରଖିବା ଆବଶ୍ୟକ ଯେ ପ୍ରତିଟି ଜଳବିନ୍ଦୁ ଆମପାଇଁ ଗୁରୁତ୍ୱ ବହନ କରେ । ଓଡ଼ିଶାରେ ମଧ୍ୟ ସ୍ୱର୍ଗତ ଇଞ୍ଜିନିଅର ବନମାଳୀ ନାୟକ ସୋନପୁର ଜିଲ୍ଲାର ପୁଆ ଗ୍ରାମରେ ଉପମୃତ୍ତିକା ମଧ୍ୟରେ ବର୍ଷାଜଳ ସାଇତି ରଖି ଦୁଇଟି ଫସଲ ଅମଳ କୌଶଳ ପ୍ରଦର୍ଶନ କରିଛନ୍ତି । ସୁତରାଂ ବର୍ଷାଜଳ ଅମଳ ଓ ସଂରକ୍ଷଣ କରାଗଲେ ଭୂତଳ ଜଳସମ୍ପଦ ବୃଦ୍ଧି ପାଇବା ନିଶ୍ଚିତ । ଭୂତଳ ଜଳର ଉଭୟ ପରିମାଣ ଓ ଗୁଣମାନ ବୃଦ୍ଧି କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଜରୁରୀ ।

Consultant, Agriculture NRM
**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର ୭୫୧୦୨୯**
**ମୋ–୯୪୩୭୦୭୧୧୯୦**
bidyadhar.mgmail.com

# ବିଶ୍ୱରେ ରହିଛି କ୍ରୀତଦାସ ପ୍ରଥା

**ଅଲେଖ ଚନ୍ଦ୍ର ସାମଲ**

ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖକୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ । ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତ୍ତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା । ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି ।

କ୍ରୀତଦାସ ପ୍ରଥା ସମ୍ପୂର୍ଣ୍ଣ ଲୋପ କରିବାକୁ ଅନେକ ଆଇନ କାନୁନ୍ ବ୍ୟବସ୍ଥା କରାଯାଇଥିଲେ ବି ଏବେ ବି ସାରା ବିଶ୍ୱରେ ୩ କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି । ଭାରତରେ ଏବେବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି ।

ଦାଦନ ଓ ଗୋତି ଶ୍ରମିକପରି ଘୃଣ୍ୟ ପ୍ରଥା ମାଧ୍ୟମରେ ଭାରତରେ କ୍ରୀତଦାସ ପ୍ରଥା ପ୍ରଚଳିତ ରହିଛି । କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା 'ୱାକ୍ ଫ୍ରି ଫାଉଣ୍ଡେସନ' ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତାର ତାଲିକା ପ୍ରଦାନ କରାଯାଇଛି । ଏଥିରେ ୧୬୨ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି । ଯୌନକର୍ମୀ କିମ୍ବା ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଅନେକ ସମୟରେ ହେଉଥିବା ମାନବ ଚାଲାଣ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି ।

ସାରା ବିଶ୍ୱରେ ୨.୯୮ କୋଟି କ୍ରୀତଦାସ ରହୁଥିବାବେଳେ ଏଥିରୁ ପ୍ରାୟ ୭୬ ପ୍ରତିଶତ କେବଳ ୧୦ଟି ଦେଶରେ ରହୁଛନ୍ତି । ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚୀନ (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ରୁଷିଆ (୫ଲକ୍ଷ ୧୬ ହଜାର), ଥାଇଲ୍ୟାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମିଆଁମାର (୩ଲକ୍ଷ ୮୪ ହଜାର) ଓ ବାଙ୍ଗାଲାଦେଶରେ ୩ଲକ୍ଷ ୪୩ ହଜାର । **ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯ୍ୟାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା ।** କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି । ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ ।

ଆଉ କେତେକ ଅଞ୍ଚଳରେ ସେମାନଙ୍କ ପରମ୍ପରା ଏପରି ପ୍ରଥା ସୃଷ୍ଟି କରିଥାଏ । ଯେପରିକି ପଶ୍ଚିମ ଆଫ୍ରିକାର ମରିଟାନିଆର ଜନସଂଖ୍ୟା ମାତ୍ର ୩୮ ଲକ୍ଷ ହୋଇଥିବାବେଳେ ଏଥିରୁ ୧୬୦,୦୦୦ କେବଳ କ୍ରୀତଦାସ । ବାଲ୍ୟ ବିବାହ ଓ ଗୁଲାମଗିରି ଯୋଗୁଁ ଏଠାରେ ଏପରି ପ୍ରଥା ବଞ୍ଚି ରହିଛି । ଚୀନରେ ମଧ୍ୟ ଘରୋଇ କାର୍ଯ୍ୟ, ଯୌନ ଓ ଭିକ୍ଷାବୃତ୍ତି ପାଇଁ ମହିଳା, ପୁରୁଷ ତଥା ଶିଶୁମାନଙ୍କୁ କ୍ରୀତଦାସ ହେବା ପାଇଁ ବାଧ୍ୟ କରାଯାଉଛି । ଆଇସ୍‌ଲ୍ୟାଣ୍ଡ, ଆୟାରଲ୍ୟାଣ୍ଡ ଓ ବ୍ରିଟେନ ପରି ପାଶ୍ଚାତ୍ୟ ଦେଶ ମଧ୍ୟ କ୍ରୀତଦାସ ମୁକ୍ତ ନୁହଁନ୍ତି ବୋଲି ବେଲ୍ସ ପ୍ରକାଶ କରିଛନ୍ତି । ଏବେବି ୪୪୦୦ ଲୋକ ବ୍ରିଟେନ୍‌ରେ କ୍ରୀତଦାସ ଭାବେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା, ଏସିଆ ଓ ପୂର୍ବ ୟୁରୋପର । ଏମାନଙ୍କୁ ଯୌନକର୍ମୀ, ଘରୋଇ କାର୍ଯ୍ୟ, କୃଷି, ନିର୍ମାଣ, ରେସ୍ତୋରାଁ ପରି ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିବା କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହି ରିପୋର୍ଟ ଧନୀ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଚେତାବନୀ ସଦୃଶ ହୋଇଛି ।

ସୂଚନା ପ୍ରଯୁକ୍ତିରେ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପୁଥିବା ଆମ ପରି ଗୁଣୀଜ୍ଞାନୀ ଓ କୋଟି କୋଟି ବିତ୍ତଶାଳୀଙ୍କ ଭିତରେ ଯେ, ନିଜ ଜୀବନକୁ ପଣ୍ୟ କରୁଥିବା କ୍ରୀତଦାସମାନେ ବି ଅଛନ୍ତି ତାହା ଭାବିଲେ ଯେତିକି ଦୁଃଖଦାୟକ ତତୋଧିକ ନିନ୍ଦନୀୟ ମନେ ହୁଏ ।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ–୯୪୩୭୨୫୭୧୨**

# 'ଇ-ଆବର୍ଜନାର ସଂକଟ'

**ବିକ୍ରମ ମହାପାତ୍ର**

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ହଜାରେ ଲୋକ ହଇଜାରେ ମରୁଛନ୍ତି ।

ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରିଥାଆନ୍ତି । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ–ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି ।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନାର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି ।

ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ–ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ–ଆବର୍ଜନା । ତା' ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ–ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ ।

ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ ।

**୨୦୨୨ରେ ଚୀନ ସବୁଠାରୁ ଅଧିକ ଇ–ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ–ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ–ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ ।** ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ–ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ–ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ–ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ–ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ଏହି ଇ–ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ । ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ ।

**'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ**

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡିଜିଟାଲ...

ରାଜ୍ୟରେ ଗୋଟିଏ ସ୍ୱର ହେଉଛି ଅଧିକାଂଶ ବରିଷ୍ଠ ନାଗରିକଙ୍କୁ ଭିନ୍ନ ଉପାୟରେ ଟାର୍ଗେଟ କରାଯାଉଛି । ଯେଉଁ ରାଜ୍ୟଗୁଡ଼ିକ ସିବିଆଇକୁ ସହମତି ଦେଇନାହାନ୍ତି ସେମାନେ ନିଜ ଅଧିକାର କ୍ଷେତ୍ରରେ ଆଇଟି ଅଧିନିୟମ ୨୦୨୧ ଅନ୍ତର୍ଗତରେ ତଦନ୍ତ ପାଇଁ ସହମତି ପ୍ରଦାନ କରିବେ । ଯାହାଦ୍ୱାରା ସିବିଆଇ ସାରା ଦେଶରେ ବ୍ୟାପକ ତଦନ୍ତ କରିପାରିବ । ଅପରାଧର ଗମ୍ଭୀରତା ଓ କ୍ଷେତ୍ରୀୟ ଅଧିକାର ଆମ ସୀମା ବାହାରେ ରହୁଥିବାରୁ ଆବଶ୍ୟକସ୍ଥଳେ ସିବିଆଇକୁ ଇଣ୍ଟରପୋଲର ସହାୟତା ନେବାକୁ କୁହାଯାଇଛି । ସିମ୍ ଜାରି କରିବାବେଳେ ଅବହେଳା ଓ ସତର୍କତା ଅବଲମ୍ବନ ନ କରିବା କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୂର ସଞ୍ଚାର ବିଭାଗକୁ କୋର୍ଟଙ୍କ ସାମ୍ନାରେ ଏକ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସିମ୍‌କାର୍ଡ ଦୁରୁପଯୋଗ ରୋକିବା ପାଇଁ ସମସ୍ତ ଦୂର ସଞ୍ଚାର ସେବା ପ୍ରଦାନକାରୀଙ୍କୁ ଏହା ଲାଗୁ କରାଯିବ । ପିସିଏ ଅଧିନରେ ବ୍ୟାଙ୍କରଙ୍କ ଭୂମିକା ଯାଞ୍ଚ ପାଇଁ ସିବିଆଇକୁ ମଧ୍ୟ ଅଧିକାର ଦିଆଯାଇଛି ।

## ସଂସଦ...

ତାଙ୍କ ପରାଜୟକୁ ଗ୍ରହଣ କରିପାରୁନାହାନ୍ତି । ସଂସଦରେ ଏହି ପ୍ରସଙ୍ଗ ଉଠାଇ ହଙ୍ଗାମା କରିବାକୁ ଚାହୁଁଛନ୍ତି । ସଂସଦ ଏହାର ସ୍ଥାନ ନୁହେଁ । ବିହାରରେ ଗଣତନ୍ତ୍ରର ବିଜୟ ହୋଇଛି । କିଛି ଲୋକ ନକରାତ୍ମକ ଚିନ୍ତାଧାରାରେ ରହିଛନ୍ତି । ମାତ୍ର ତାହାର ଏକ ସୀମା ରହିବା ଦରକାର । ରାଷ୍ଟ୍ର ଗଠନ ପାଇଁ ଦୃଷ୍ଟି ଦେବା ଦରକାର । କିଛି ରାଜ୍ୟରେ କ୍ଷମତାସୀନ ଦଳ ବିରୋଧରେ ବ୍ୟବସ୍ଥା ବିରୋଧୀ ଭୋଟ୍ ରହିଛି । ମାତ୍ର ସେଠାରେ ବିରୋଧୀଙ୍କ କଥା କେହି ଶୁଣୁନାହାନ୍ତି । ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଏକ ଉଲ୍ଲେଖନୀୟ ଓ ଉତ୍ସାହଜନକ ଧାରା । ଭାରତର ଗଣତନ୍ତ୍ର ପ୍ରତିଷ୍ଠାନ ମଜଭୁତ ହେବା ଉଚିତ୍ । ଗଣତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକ କିପରି ଦେଶର ଅର୍ଥନୈତିକ କ୍ଷମତାକୁ ମଧ୍ୟ ମଜଭୁତ କରିଚାଲିଛି ତାହା ଉପରେ ବିଶ୍ୱର ନଜର ରହିଛି । ଭାରତ ପ୍ରମାଣ କରିଛି ଯେ ଗଣତନ୍ତ୍ରର ସଫଳ ପରିଣାମ ପ୍ରଦାନ କରିପାରିବ । ପ୍ରଥମଥର ପାଇଁ ଆସିଥିବା ଏବଂ ଯୁବ ସାଂସଦମାନଙ୍କୁ ସଂସଦରେ କହିବାକୁ ସୁଯୋଗ ଦେବା ଆବଶ୍ୟକ । ସେମାନେ ସେମାନଙ୍କ ନିର୍ବାଚନମଣ୍ଡଳୀକୁ ଭଲ ଭାବରେ ପ୍ରତିନିଧିତ୍ୱ କରିବା ଏବଂ ଜାତୀୟ ବିକାଶ ଉପରେ ଆଲୋଚନାରେ ଯୋଗ ଦେବାପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଉନାହାନ୍ତି । ଏହି ସାଂସଦମାନଙ୍କୁ ସେମାନଙ୍କ ଉପଯୁକ୍ତ ସୁଯୋଗ ପ୍ରଦାନ କରନ୍ତୁ । ଉଭୟ ଏହି ସଦନ ଦେଶର ନୂତନ ପିଢ଼ିର ଯୁବକ ଏବଂ ଶକ୍ତିରୁ ଲାଭ ପାଇବା ଉଚିତ୍ ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏହା ଉପରେ କୌଣସି ଟିପ୍ପଣୀ ନ କରିଥିବାବେଳେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ପ୍ରଧାନମନ୍ତ୍ରୀଙ୍କ ଡ୍ରାମା ବୟାନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । ପ୍ରିୟଙ୍କା କହିଛନ୍ତି ଯେ ବାସ୍ତବରେ ମହଙ୍ଗା, ବେକାରୀ, ପ୍ରଦୂଷଣ ଓ ଏସ୍ଆଇଆର ଭଳି ପ୍ରସଙ୍ଗରୁ ବର୍ତ୍ତିବା ହେଉଛି ଅସଲ ଡ୍ରାମା । ଏସ୍ଆଇଆର ଓ ବାୟୁପ୍ରଦୂଷଣ ଲୋକଙ୍କର କ୍ଷତି କରୁଛି । ଏହା ଉପରେ ଆଲୋଚନା ହେବା ଦରକାର । ତାହେଲେ ସଂସଦ କଣ ପାଇଁ । ଏହା ଡ୍ରାମା ନୁହେଁ, ପ୍ରସଙ୍ଗ ଉଠାଇବା ଡ୍ରାମା ନୁହେଁ ବରଂ ଏହାକୁ ଗଣତାନ୍ତ୍ରିକ ପଦ୍ଧତିରେ ଆଲୋଚନା ନ କରିବା ପାଇଁ ଅନୁମତି ନ ଦେବା ପ୍ରକୃତ ଡ୍ରାମା ବୋଲି ସେ କହିଥିଲେ । ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ୍ ବାନାର୍ଜୀ ମଧ୍ୟ ଏହାର ତୀବ୍ର ବିରୋଧ କରିଛନ୍ତି । ସେ କହିଛନ୍ତି ଯେ ଜନତାଙ୍କ ସ୍ୱର ଉତ୍ତୋଳନ ଯଦି ଡ୍ରାମା ତେବେ ଆଗାମୀ ନିର୍ବାଚନରେ ଜନତା ଏହାର ଜବାବ ଦେବେ । ନିର୍ବାଚନ ଆୟୋଗଙ୍କ ବିରୋଧରେ ମଧ୍ୟ ସେ ଅଭିଯୋଗ ଆଣି କହିଛନ୍ତି ଯେ ବିଏଲ୍ଓଙ୍କ ସମେତ ଏସ୍ଆଇଆରରେ ଏ ପର୍ଯ୍ୟନ୍ତ ୪୦ ଜଣଙ୍କର ମୃତ୍ୟୁ ହେଲାଣି । ଏଥିପାଇଁ କେବଳ ନିର୍ବାଚନ କମିଶନ ଦାୟୀ । ଏଥିରେ ସରକାରଙ୍କର ଉତ୍ତରଦାୟିତ୍ୱ ନାହିଁ ବୋଲି ସେ କହୁଛନ୍ତି । ଆମେ ଏସ୍ଆଇଆରକୁ ବିରୋଧ କରୁନୁ । ଏହାକୁ ଯେପରି କାର୍ଯ୍ୟକାରୀ କରାଯାଉଛି ଏହାକୁ ବିରୋଧ କରୁଛୁ ।

## ରାଜଭବନ...

ପ୍ରତୀକ ଅଟେ । ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ । 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ ।ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି ।

ଏହି ନାମ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକ-କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ରାଜ ଭବନକୁ 'ଲୋକ ଭବନ' ଭାବରେ ନାମକରଣ କରିବା ଏକ ମାଇଲଖୁଣ୍ଟ । ଏହା ଗୌରବ, ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ ।

## ଏସ୍ଆଇଆରକୁ...

ଅତ୍ୟଧିକ ଚାପ ପଡୁଥିବାରୁ ଅନେକ ବିଏଲ୍ଓ ଆତ୍ମହତ୍ୟା କରିସାରିଲେଣି । ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହାକୁ ଲାଗୁ କରିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ବିଏଲ୍ଓ ମାନଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଉ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ରାଶି ପ୍ରଦାନ କରାଯାଉ । ମାତ୍ର ଏହି ପ୍ରସଙ୍ଗ ଆଲୋଚନା ନ ହେବାରୁ ବିରୋଧୀ ଦଳ ହଙ୍ଗାମା କରିଥିଲେ ଫଳରେ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ କରିଥିଲେ ।

## ୪୯ ବାଂଲାଦେଶୀଙ୍କୁ...

କରିନେଇଥିବାରୁ ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇଛି । ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦୁଇଟି ରାଜ୍ୟସ୍ତରୀୟ ଏବଂ ୧୮ଟି ଜିଲ୍ଲାସ୍ତରୀୟ ଅଟକ କେନ୍ଦ୍ର ଖୋଲାଯାଇଛି । ଚିହ୍ନଟ ବାଂଲାଦେଶୀଙ୍କୁ ଦେଶାନ୍ତର ପର୍ଯ୍ୟନ୍ତ ସେଠାରେ ରଖାଯାଉଛି । ଏହି ଚିହ୍ନଟ ପ୍ରକ୍ରିୟା ଦ୍ୱାରା ୧୭୬୮ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇ ସେମାନଙ୍କ ମଧ୍ୟରୁ ୧୬୬୭ ଜଣଙ୍କୁ ଭାରତୀୟ ଭାବେ ଚିହ୍ନଟ କରାଯାଇ ମୁକ୍ତ କରାଯାଇଛି । ୫୦ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କର ପରିଚୟପତ୍ର ଯାଞ୍ଚ କରାଯାଉଛି । ସୀମା ସୁରକ୍ଷାବାହିନୀ, ପଶ୍ଚିମବଙ୍ଗ ଗୁଇନ୍ଦା ସଂସ୍ଥା, କେନ୍ଦ୍ର ଗୁଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ବର୍ତ୍ତମାନ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା ନିୟମିତ ଭାବେ ଚାଲୁରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଟ୍ରେନ୍‌ରେ...

ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ସେତେବେଳକୁ ସେ ଟ୍ରେନ ତଳକୁ ଗଳି ପଡ଼ିଥିଲେ । ସୂଚନା ପାଇ ରେଳବାଇ ଶବ ଜବତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜିଆରପି ଥାନାଧିକାରୀ ସନ୍ତୋଷ ମିର୍ଦ୍ଧା ସୂଚନା ଦେଇଛନ୍ତି ।

## ଅକ୍ଟୋବର...

ବିଭାଗ ୧୧.୮୭ ପ୍ରତିଶତ, ବିଜ୍ଞାନ ଓ ବୈଷୟିକ ବିଭାଗ ୨୨.୩୬ ପ୍ରତିଶତ, ପର୍ଯ୍ୟଟନ ବିଭାଗ ୨୫.୬୭ ପ୍ରତିଶତ, ଯୋଜନା ସଂଯୋଜନ ବିଭାଗ ୧୩.୨୮ ପ୍ରତିଶତ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମାତ୍ର ୨୩.୨୦ ପ୍ରତିଶତ ଖର୍ଚ୍ଚ କରିପାରିଛି । ଆଗାମୀ ଦିନରେ ସରକାର ସମ୍ପୂର୍ଣ୍ଣ ବଜେଟ୍ ଅର୍ଥ ଖର୍ଚ୍ଚ କରିବା ପାଇଁ ଗୃହକୁ ଆଶ୍ୱସନା ଦେଇଛନ୍ତି । ଅତିରିକ୍ତ ପ୍ରଶ୍ନକର୍ତ୍ତା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟିକା ସୁବାସିନୀ ଜେନା, ସନ୍ତୋଷ ଖଟୁଆ, ନିରଞ୍ଜନ ପୂଜାରୀ ପ୍ରମୁଖ ପ୍ରଶ୍ନ ପଚାରିଥିଲେ ।

## ପରିବେଶ...

ଆଲୋଚନାବେଳେ ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ବିରୋଧ କରି କହିଥିଲେ, ଏହି ସଂକଳ୍ପପତ୍ରକୁ ରାଜ୍ୟ ସରକାର ଲାଗୁ କରିବେ ବୋଲି କୌଣସି ବାଧ୍ୟବାଧକତା ନାହିଁ, ଓଡ଼ିଶା ପାଇଁ ଆବଶ୍ୟକ ନାହିଁ, ହେଲେ କାହିଁକି ଆଣୁଛ? ଶିଳ୍ପ ସଂସ୍ଥାଗୁଡ଼ିକ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଋଷିକୂଲ୍ୟା ଭଳି ପ୍ରାୟ ୭ଟି ବଡ଼ ନଦୀର ପାଣିକୁ ଲୁଟୁଛନ୍ତି । ଜଳ କର ଦେଉନାହାନ୍ତି ।୨ବର୍ଷରେ ୫୭ଟି ବେପାରୀ ଦଳ (ଶିଳ୍ପାନୁଷ୍ଠାନ) ୫୮୯୦.୬୫କୋଟି ଟଙ୍କାର ଜଳ କର ବକେୟା ରଖିଛନ୍ତି । ଏହି ଲୁଟେରାଙ୍କୁ ସହଯୋଗ କରିବାକୁ, ଶିଳ୍ପାନୁଷ୍ଠାନଠାରୁ ଅର୍ଥ ଆଦାୟ କରିବାକୁ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍ ନାଁରେ ରାଜ୍ୟ ସରକାର ଏହାକୁ ଲାଗୁ କରୁଛନ୍ତି । ଶିଳ୍ପାନୁଷ୍ଠାନ ଆମ ନଦୀ, ନାଳକୁ ପ୍ରଦୂଷିତ କରି ମାରିବେ, କିନ୍ତୁ ସେମାନଙ୍କୁ କୌଣସି ଦଣ୍ଡ ମିଳିବନି ।

ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ କହିଥିଲେ, ଏହି ସଂକଳ୍ପପତ୍ରକୁ କୌଣସି ପରିସ୍ଥିତିରେ ବି ଏହାକୁ ସମର୍ଥନ କରାଯାଇପାରିବନି । ଜଳ ଓ ପ୍ରଦୂଷଣ ଉପରେ ରାଜ୍ୟର ଅଧିକାର ଅଛି ବୋଲି ସମ୍ବିଧାନ କହୁଛି । କିନ୍ତୁ ଏ ସରକାର ଓଡ଼ିଶାର ଜଳ, ଭୂମିକୁ କେନ୍ଦ୍ର ସରକାର ପାଖରେ ବନ୍ଧା ପକାଇବାକୁ ଯାଉଛନ୍ତି । ଏଥିରେ ଏମିତି ନିୟମ ଅଛି ଯେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଯେକୌଣସି ସମୟରେ ଚାହିଁଲେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ର ନିୟମକୁ ବଦଳାଇ ଦେଇପାରିବେ । ଏସପିସିବି ଯଦି କୌଣସି ପ୍ରକଳ୍ପକୁ ଅନୁମୋଦନ କରିବେନି ସିପିସିବି ତାହାକୁ କରିଦେବ । କେବଳ ଏତିକି ନୁହେଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ମୁଖ୍ୟ ସଚିବ ରହିବାର ନିୟମ ରହିଛି । କିନ୍ତୁ ଆଗକୁ ମୁଖ୍ୟ ସଚିବ ରହିବେନି । ସରକାର ଯାହାକୁ ଚାହିଁବେ ତାକୁ ରଖିବେ । ଅର୍ଥାତ ଜଣେ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ/ରାଜ୍ୟ ସରକାରଙ୍କ ସଚିବ ପାହ୍ୟାର ଅଧିକାରୀ ଏହାର ଅଧ୍ୟକ୍ଷ ରହିବେ । ଜଣେ ତଳ ପାହ୍ୟାର ଅଧିକାରୀ କ'ଣ କୌଣସି ଉପର ପାହ୍ୟାର ଅଧିକାରୀକୁ ପ୍ରଦୂଷଣ ନେଇ ତାଗିଦ୍ କରିପାରିବେ? ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ନନେଇ ବ୍ୟବସାୟ କଲେ ୬ବର୍ଷ ଜେଲ୍ ଦଣ୍ଡ ଥିଲା । କିନ୍ତୁ ଏବେ ୧୫ଲକ୍ଷ ଟଙ୍କା ଜରିମାନା ଦେଲେ ମାଫ୍ । ଶିଳ୍ପ ସଂସ୍ଥା ଯେଉଁଠି ପାରିବେ ସେଠି ଫ୍ଲାଇ ଆସ୍ ପକାଇବେ । ଶିଳ୍ପ ସଂସ୍ଥାଙ୍କୁ କୌଣସି ପ୍ରକାରର ଦୋଷ ପାଇଁ ଜେଲ୍ ଦଣ୍ଡ ନାହିଁ, ମାତ୍ର ୧୦ହଜାରରୁ ୧୫ଲକ୍ଷ ପର୍ଯ୍ୟନ୍ତ ଜରିମାନା । ସବୁ ନିୟମ କେନ୍ଦ୍ର ସରକାର କରିବେ, ଆପଣ କେବଳ ଦେଖିବେ । ବିଜେଡି ସଭ୍ୟ ଅରବିନ୍ଦ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କଂଗ୍ରେସ ସଭ୍ୟ ସି.ଏସ୍ ରାଜନ ଏକ୍କା କହିଥିଲେ, ନଦୀ ଶୁଖିଗଲାଣି । ଯେଉଁମାନେ ନଦୀକୁ ହତ୍ୟା କରୁଛନ୍ତି ସେମାନଙ୍କୁ ଆମେ ଜେଲ୍ ଦଣ୍ଡ ନଦେଇ କେବଳ ଜରିମାନା ଆଦାୟ କରିବା । ଏହା କି ପ୍ରକାରର ନିୟମ । ଯଦି ଜଣେ ସଚିବ ପାହ୍ୟାର ଅଧିକାରୀ କେଉଁ ଶିଳ୍ପ ସଂସ୍ଥାକୁ କେତେ ଜରିମାନା ହେବ, କ'ଣ ଦଣ୍ଡ ଦିଆଯିବ ସ୍ଥିର କରିବେ ତେବେ ତ ସରକାର ଯାହା ଚାହିଁବେ ସେୟା ହେବ ।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ବାହାନଗା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଞ୍ଚଳରେ ଥିବା ଅନନ୍ତ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ ଗୋଷ୍ଠି ଶିକ୍ଷା ଅଧିକାରିଣୀ ସୋମାରାଣୀ ସେଠୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ମୁଖ୍ୟ ଅତିଥିଭାବେ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଶିକ୍ଷା ଓ ଶୈକ୍ଷିକ ପରିବେଶରେ ଶିକ୍ଷା ଅନୁଷ୍ଠାନର ଆଦର୍ଶ ଗଢି ହୁଏ ବୋଲି ମତ ରଖିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ,ସମ୍ମାନୀତ ଅତିଥିଭାବେ ଅଞ୍ଜି ସରପଞ୍ଚ ଅନୁପମା ଯେନା,ସମ୍ମାନୀତ ଅତିଥୀ ଅଂଜି କ୍ଲଷ୍ଟର ସିଆରସିସି ସୁଦର୍ଶନ ପାଣିଗ୍ରାହୀ,ସମାନ୍ନିତ ଅତିଥିଭାବେ ଆଲୋମିନି କମିଟିର ସଭାପତି ବ୍ରଜମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ ।

### ପୂର୍ବ ତଟ ରେଳପଥ

ଶୁଦ୍ଧିପତ୍ର ସଂ.01
ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025 ରିଖ
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂ. ସନ୍ଦର୍ଭରେ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ରୂପାନ୍ତରଣ କରାଯାଇଛି ।

| ପ୍ରକାଶିତ ଅନୁଯାୟୀ | ପଢ଼ାଯିବା ଆବଶ୍ୟକ |
|---|---|
| 11.12.2025, 1200 ଘଣ୍ଟିକା | 27.01.2026, 1200 ଘଣ୍ଟିକା |

ବିସ୍ତୃତ ବିବରଣୀ ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-172/CI/25-26

### AFFIDAVIT

By virtue of affidavit sworn before Notary Public, Baripada, Mayurbhanj vide no.3, dtd.28.11.2025, I Sailesh Dash, S/o-Late Pravash Chandra Dash resident of Ward no.09, Po./Ps.-Baripada, Dist.- Mayurbhanj, PIN-757001 state that, my actual name is **Sailesh Dash** but in my passport my name has been wrongly mentioned as Sailesh Kumar Dash. That both the name **Sailesh Dash** and **Sailesh Kumar Dash** are same and one person belongs to my name.

---

C-1623 **OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA**
Phone / FAX :- 0674-2540578 (O) / e-Mail: eephiiibbsr@gmail.com
Office Order No - 8769 / Dt. 27.11.25

**Bid Identification No. EEPHBBSR-44 / 2025-26 Dt. 10.11.2025**

1) **The Tender ID : - 2025_PHEO_121151_1** for the work "Supply of ISI Marked Centrifugaliy Cast( Spun) Ductile Iron K-7 Socket / Spigot Pressure Pipes required for the work of "Procurement of 100mm dia. K7 pipe in connection with the wok - Drinking water supply 24x7 to Internal Zone of Odagaon NAC." **is hereby cancelled due to 1st time single bid.**

Sd/- SUPERINTENDING ENGINEER
P.H. DIVISION, BHUBANESWAR
OIPR : 13205/11/0043/2526

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS (ELECTRICAL) DIVISION, SAMBALPUR,**
O-1662 At- Sakhipada, DIST: SAMBALPUR, Pin- 768001
Email - eerwelectricaldivn.sambalpur@gmail.com

**1st Corrigendum to Bid Identification No. EE/RWELECT/SBP/23/2025-26**
Order No. 4051 / Dated 01/12/2025 /

Following modifications are hereby made to the notice inviting tender vide this office Bid identification No.EE/RWELECT/SBP/23/2025-26.

3. The availability of tender online for bidding may be read as 08.12.2025 from 11.30 AM to 19.12.2025 up to 5.00 PM instead of from 01.12.2025 from 11.30 AM to 11.12.2025 up to 5.00 PM.
4. The date and time of technical opening bid may be read as 20.12.2025 at 11.30 AM instead of 12.12.2025 at 11.30 AM.

All other terms and condition remain unchanged.

Sd/- Executive Engineer
R.W Electrical Division Sambalpur
OIPR : 34175/11/0031/2526

---

C-1609 **NOTIFIED AREA COUNCIL KESINGA**

**Tender Call Notice No. 3147 /NAC(K) Dt.28.11.2025**

**The Notified Area Council, Kesinga invites offline bid in single cover system.**

| | | |
|---|---|---|
| Total No. of work | : | 18 (Eighteen) |
| Approx. value of work (Maximum) | : | Rs.84034.00 to Rs.420168.00 |
| Period of availability of tender for Bidding | : | From 01.12.2025 to 10.12.2025 up to 05.00P.M. |
| Date & Time of opening | : | 15.12.2025 at 13.00 hrs. |
| Class of Contractor | : | Class " D " or Class " C " |

Sd/- Executive Officer
N.A.C., Kesinga
OIPR : 13109/11/0044/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
O-1661 **RURAL WORKS DIVISION, SAMBALPUR**

**1st Corrigendum to Tender onlie-SBPR-12 of 2025-26**

The following changes have been made in respect of the Bid Identification No. Tender Online SBPR-12 of 2025-26 due to unavoidable reasons.

1. Date and time have been changed as given below :

**DATE & TIME**

| Sl..No. | Description | Schedule | Re-Schedule |
|---|---|---|---|
| 1 | Period & Time of availability of bid documents in the portal for bidding | 21.11.2025 11.00 AM to 05.12.2025 upto 5.00 PM | 10.12.2025 11.00 AM to 20.12.2025 up to 5.00 PM |
| 2. | Date & time of opening of bid (Technical) | at 11.00 AM of 06.12.25 | At 11.00 AM of 22.12.2025 (Technical |
| 3 | Date & time of opening of bid (Financial) | Financial bid will be intimated later. | Financial bid will be intimated later. |

All other terms and conditions of remain unchanged.

Sd/- Superintending Engineer
Rural Works Division,
Sambalpur
OIPR : 25076/11/0034/2526

---

**GOVERNMENT OF ODISHA,**
**"e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
B-782 **PURI (R&B) DIVISION, PURI**
**WORKS DEPARTMENT**

**Short Tender Call Notice**

E-mail: eerbpuri@yahoo.co.in
**Bid Identification No. SE (R&B) Puri-44/2025-26**

The Superintending Engineer. Puri (R&B) Division, Puri on behalf of Governor of Odisha inviting percentage rate bid in Single cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Electrical Works.
2. No of Work : 1 Nos
3. Tender Cost : Rs. 6000.00 (On-Line)
4. Class of bidders : MV / HT
5. Available of Bid document in of the Website : From 10.00 AM of Dt.02.12.2025 to 05.00 PM Dt.09.12.2025
6. Last Date of receipt of tender : Dt .09.12.2025 up to 05.00 PM
7. Date of opening of Bid : Dt.10.12.2025 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha. gov.in. Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Puri (R&B) Division, Puri
OIPR : 34064/11/0046/2526

---

**OFFICE OF THE ROURKELA MUNICIPAL CORPORATION: ROURKELA**
C-1607
**INVITATION FOR BID**
No. 13786 Dated. 29.11.2025

**Bid Identification No. :- MC/RMC/40/2025**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on Item Rate basis in Double cover on online Mode. Bid Identification No. MC/RMC/40/2025 for 01 no. Civil work with value of Rs. 1753.60 Lakh.

1. Bid documents will be available in website www.tendersorissa.gov.in from 01.12.2025.
2. Bids must be submitted on "online" on or before 15.12.2025 by 17.00 hours.
3. Bids shall be opened at 11.00 hours on 16.12.2025 in the office of the undersigned in the presence of the bidders or their authorized agents.
4. Other details will be available in the web site **tendersorissa.gov.in**

Sd/- Municipal Commissioner,
Rourkela Municipal Corporation
OIPR : 13131/11/0175/2526

---

A-1029 **Government of Odisha**
**Department of Water Resources**
**Office of the Chief Engineer, Dam Safety,**
**Secha Sadan, Bhubaneswar - 751001**

**SHORT NOTICE - EXPRESSION OF INTEREST (EOI)**
Ref. No.: DRIP-II-Odisha/CS/2025/02
Date: 01.12.2025 from 1.00pm
(Consulting Services - Firms Selection)

The Chief Engineer, Dam Safety, Department of Water Resources, Government of Odisha invites Expressions of Interest (EOI) from eligible consulting firms ("Service Providers") for the assignment titled:

"Engagement of Environmental and Social Experts through Service Provider for DRIP-II, Odisha" (Reference No.: DRIP-II-Odisha/CS/2025/02)

The consultancy aims to provide professional support to the State Project Management Unit (SPMU), Odisha in implementing environmental and social safeguard measures under the Dam Rehabilitation and Improvement Project Phase-II (DRIP-II), financed by the World Bank (IBRD) and AIIB.

This EOI is being re-published as the earlier notice could not be uploaded properly due to technical issues.

Detailed Terms of Reference (ToR) and EOI document are available on the following website: https://dowr.odisha.gov.in & https://tendersodisha.gov.in

Interested consulting firms must submit EOIs online only through the portal: https://tendersodisha.gov.in from 01.12.2025,1:00pm to 08.12.2025 up to 05:00 PM (IST).

EOIs received after the due date and time will not be considered.

EOIs will be opened on:9.12.2025 at 3:00 PM (IST) at the Office of the Chief Engineer, Dam Safety, Secha Sadan, Bhubaneswar. Bidders or their authorized representatives may attend during opening, at the office of the Chief Engineer, Dam Safety Secha Sadan, Unit-V, Bhubaneswar - 751001, Odisha.

The Chief Engineer, Dam Safety reserves the right to accept or reject any or all EOIs without assigning any reason thereof.

Sd/- Chief Engineer, Dam Safety
Department of Water Resources, Odisha
OIPR : 32390/11/0002/2526

---

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-CRW-MCS-EL-7-2025
କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ PHO/OH/କୋରୋସନ ଆଟେନ୍ସନ (Corrosion Attention) ଏସି କୋଚରେ ଚବିଶ(24) ମାସ ପାଇଁ ବିବିଧ ବୈଦ୍ୟୁତିକ କାର୍ଯ୍ୟ ।
ବିଜ୍ଞାପିତ ମୂଲ୍ୟ (₹): 46,04,178.32, EMD (₹): 92,100.00, ଶେଷ ହେବା ଅବଧି : 24 ମାସ ।
ବିଡ଼ ଆରମ୍ଭ ହେବା ତାରିଖ : ତା.02.12.2025 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.12.2025 ରିଖ 1500 ଘଣ୍ଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ କୌଣସି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ ।

ସହାୟକ ବିଦ୍ୟୁତ୍ ଯନ୍ତ୍ରୀ,
ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-852/Q/25-26

### AFFIDAVIT

By virtue of an affidavit sworn before The Notary Public, Bhubaneswar dated. 01.12.2025. I Kaira Biruly, aged about 53 years, S/o-Dama Budiuli, permanent resident of At-Nicco Park Road, Nandani Palli, Munda Sahi, Near New A.G. Colony, Bhubaneswar, Dist-Khordha, Odisha-751012 declare that I have changed my name from Kaira Biruly to Sunil Budiuli. Henceforth, I shall be known as Sunil Budiuli for all purposes.

Sd/- Sunil Budiuli
(Applicant Name)

### AFFIDAVIT

By virtue of an affidavit sworn before Executive Magistrate,Nayagarh Odisha on dated 01.12.2025 I,Raula Sahoo S/o -Kanduri Sahoo Resident Of Village-Balabhadrapur P.O- Malisahi P.S- Nayagarh Sadar Dist-Nayagarh,PIN-752070 declare that I have changed my name from Raul Sahoo to Raula Sahoo Henceforth, I shall be known as Raula Sahoo for all purposes.

Sd/- Raula Sahoo

---

C-1632
ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ ବାଲେଶ୍ୱର
**OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE.**
**AT-SAMALPUR, P.O-BALIA, DIST-BALASORE, PIN-756056**
(e-mail: eephbls(@gmail.com, Phone-9438660004) NO. 6469 / DATE : 28/11/25

**1ST CORRIGENDUM : Tender for the work**

"Supply, Installation, Testing & Commissioning of DG Sets (CPCB IV + GEN Set with AMF Pannel) with Movable Trolley including shed for Remuna Town.
In continuation to this office Bid-Identification No.SEPHBLS-29 of 2025-26 dt. 12,11.2025. The following amendments have been made to **Critical dates.**

| 1. | Item/Clause | Description | Existing Critical Dates | Revised/Amended Critical Dates |
|---|---|---|---|---|
| | Critical Dates in NIT, Section-1 of DTCN | Last date and time of seeking clarification | 17:00 Hr. of dt. 28.11.2025 | 17:00 Hr. of dt. 05.12.2025 |
| | | Last date & time of bidding on-line | 17:00 Hr. of dt. 03.12.2025 | 17:00 Hr of dt. 10.12.2025 |
| | | Date & time of opening Bid | 17:00 Hr. of dt. 04.12.2025 | 17:00 Hr. of dt. 11.12.2025 |

All other terms and conditions Un-Altered.
OIPR : 13053/11/0031/2526
Sd/- Superintending Engineer, P.H. Division,Balasore

---

**GOVERNMENT OF ODISHA : OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
e-Mail-eerw_kuchinda@yahoo.com
O-1663
**2nd Corrigendum to Bid identification No. Tender online 07/ RWD/ Kuchinda / 2025-26**

Due to unavoidable circumstances, the following changes have been made in this office Bid identification no- tender online 07/ RWD/ Kuchinda / 2025-26
The following changes have been made :

| Procurement Officer | Bid Identification No. | Availability of Tender Online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online-07/RWD/ KCD | 11.12.2025 at 11.00 A.M. | 19.12.2025 at 5.00 P.M. | 18.12.2025 at 5.00 A.M. | 20.12.2025 at 11.00 A.M. | To be intimated later |

All other terms and conditions remain unchanged.
* Further details can be seen from the e-procurement portal **www.tendersorissa.gov.in**

Sd/- Superintending Engineer
R.W. Division, Kuchinda
OIPR : 25151/11/0039/2526

---

A-1015 (e mail = eeddberhampur@gmail.com)
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, DRAINAGE DIVISION, BERHAMPUR**
**INVITATION FOR BIDS IFB)**
**e-procurement Notice No. 01/2025-26 Dt: 27.11.2025**

| | | | |
|---|---|---|---|
| 1. | Type of work | : | Improvement, Renovation & Construction of FLB |
| 2. | Total number of works | : | 10 no. works |
| 3. | Estimated Cost of Individual Packages | : | Varies from Rs 44.34 Lakh, to 83.24 Lakh |
| 4. | Bid Identification No. | : | EE-DD-BER-NO. 01 /2025-26 TO EE-DD-BER-NO. 10 /2025-26 |
| 5. | Period of completion | : | 06 (Six) working Calendar months |
| 6. | Availability of Tender On - Line | : | 02.12.2025, 10.00 Hours to 12.12.2025, 17.00 Hours. |
| 7. | Date of Opening | : | 15.12.2025 at 11.00 hours in the O/O the Executive Engineer, Drainage Division, Berhampur, Ganjam, Odisha. |
| 8. | Class of Contractor | : | ' B' Class only |
| 9. | Bid Security/EMD | : | Mentioned in detail Notice |
| 10. | Cost of Tender Paper | : | Rs. 10,000/- |
| 11. | Procurement Officer | : | Executive Engineer, Drainage Division, Berhampur, Ganjam, Odisha. |

Further details can be seen from the Govt, web site **www.tendersorissa.gov.in**

Sd/- Executive Engineer
Drainage Division
Berhampur
OIPR : 32092/11/0002/2526

---

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, PADAMPUR,**
E-mail :eemipad@yahoo.com
Ph. No. 06683-223418
A-1034
**e- PROCUREMENT NOTICE**
**BID IDENTIFICATION No: SEMIDPDP-05/2025-26**
**Latter No- 2400 Date-28.11.2025**

The Superintending Engineer, Minor Irrigation Division, Padampur on behalf of the Governor of Odisha invites online percentage rate tender through 'e' procurement for the works as detailed in the Annexure to this bid notice.

| | | |
|---|---|---|
| Name of work | : | Civil Construction Work |
| No. of works | : | 03 (Three) Nos Minor Irrigation Projects. |
| Estimated Cost | : | From Rs. 55.58 lakh to Rs. 64.67 lakh |
| Tender Paper Cost | : | Rs. 10000.00 to 10000.00 |
| Period of Completion | : | 3 to 6 (Three to Six) Calendar Months. |
| Class of Contractor | : | "B" |
| Availability of bid documents | : | From 02.12.2025 (11.00 AM) to 11.12.2025 up to (5.00 PM) through online in website (www.tendersorissa.gov.in) |
| Period of Receipt of bid through on Line | : | From 02.12.2025 (11.00 AM) to 11.12.2025 upto (5.00 PM) through online. |
| Mode of Payment | : | Online |
| Date of opening of Bid documents/ Technical Bid | : | 12.12.2025 (11.00 AM onwards) in the Office of the S.E, M.I. Division, Padampur |
| Date of opening of Financial Bid | : | 17.12.2025 (11.00 AM onwards) in the Office of the S.E.M.I. Division, Padampur |
| Date of Lottery (If required) | : | 19.12.2025 (11.00 AM Onwards) |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website. | : | **http://dowrorissa.gov.in** |
| Name & Address of the OIT | : | O/o The Superintending Engineer, M.I. Division, Padampur, Dist-Bargarh, PIN-768036 |
| Further details can be seen from the E-Procurement website | : | https://tendersodisha.gov.in |

Note : Corrigendum/Addendum/Modification/Additions if any can be seen through on-line only.

Sd/- Superintending Engineer
M.I. Division, Padampur
OIPR : 32037/11/0018/2526

---

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ଓଡ଼ିଶା ଖଣିରେ ବିଶ୍ୱ ଏଡ୍ସ ଦିବସ

ଭୁବନେଶ୍ୱର (ସବ୍ୟୁ): ଜେଏସଡବ୍ଲ୍ୟୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ସୋମବାର ଦିନ ବିଶ୍ୱ ଏଡ୍ସ ଦିବସ ୨୦୨୫ ପାଳନ କରିଛି।




କମ୍ପାନୀ କେଉଁଝରଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷମ ସ୍ଥାନ ଗୁଡ଼ିକରେ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ନୂଆଗାଁ ଖଣି, ନାରାୟଣପୋଷି ଖଣି, ଗଣୁଆ ଖଣି, ବାର୍ବିଲ କେନ୍ଦ୍ରୀୟ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ କାର୍ଯ୍ୟକଳାପ ଅନୁଷ୍ଠିତ ହୋଇଥିଲା। "ବିଘ୍ନ ଦୂରକରିବା, ଏଡ୍ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା" ବିଶ୍ୱବ୍ୟାପୀ ବିଷୟବସ୍ତୁ ସହିତ ସମନ୍ୱିତ ହୋଇ କମ୍ପାନୀ କର୍ମଚାରୀ କଲ୍ୟାଣ, ଜନସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ପ୍ରଦାୟ ସଶକ୍ତି କରଣ ପ୍ରତି ଏହାର ସମର୍ପଣକୁ ପୁନଃ ନିର୍ଦ୍ଦେଶ କରିଥିଲା। ଏହି ଅବସରରେ ମାଗଣା ଏଚ୍‌ଆଇଭି ପରୀକ୍ଷା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ ଶିବିର, ଡାକ୍ତରୀ ବୃତ୍ତିଗତଙ୍କ ନେତୃତ୍ୱରେ ଶିକ୍ଷାଗତ କର୍ମଶାଳା ଏବଂ ବାର୍ବିଲ ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜେଏସଡବ୍ଲ୍ୟୁ ଷ୍ଟିଲ ନିରାପଦ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଏଚ୍‌ଆଇଭି/ଏଡ୍ସ ସମ୍ପର୍କିତ କଳଙ୍କକୁ ହ୍ରାସ କରିବା ପାଇଁ ବହୁଭାଷୀ ଶିକ୍ଷାଗତ ସାମଗ୍ରୀ ମଧ୍ୟ ବଣ୍ଟନ କରିଥିଲା। ସମସ୍ତ କାର୍ଯ୍ୟକଳାପ ପ୍ରସନ୍ନ ପଣ୍ଡା (ବ୍ୟବସାୟମୁଖ୍ୟ, ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା), ଚିତ୍ତରଞ୍ଜନ ବାହିନୀପତି (ଏଚ୍‌ଆର ମୁଖ୍ୟ, ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା) ଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।

### ଧରଣୀଧର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା

# କୁଳପତି , ରେଜିଷ୍ଟ୍ରାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,(ସବ୍ୟୁ) : ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଓ ରେଜିଷ୍ଟ୍ରାରଙ୍କୁ ପୁଲିସ୍ କରିଆରେ ନୋଟିସ୍ ଜାରି କରିଛନ୍ତି। ଆବେଦନକାରୀ ନାରାୟଣ ଚନ୍ଦ୍ର ସାମଲଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି। ୧୦ ଦିନ ଭିତରେ ନୋଟିସ୍‌ର ଜବାବ ରଖିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୫କୁ ଧାର୍ଯ୍ୟ କରଯାଇଛି। ଏମବିଏ, ଏମବିଏ (ଏଫଏମ) ଏବଂ ବିବିଏ ବିଭାଗ ପାଇଁ ମନୋନିତ ହୋଇଥିବା ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ହୋଇଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଦାୟର କରିଥିଲେ। ଏହି ନିଯୁକ୍ତି ପ୍ରକ୍ରିୟାରେ ଅଯୋଗ୍ୟ ପ୍ରାର୍ଥୀଙ୍କୁ ମନୋନୀତ କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ମେଧା ତାଲିକାରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଅଣଦେଖା କରାଯାଇଛି। ଜଣେ ଅଧିକାରୀଙ୍କ ଇଚ୍ଛା ଅନୁସାରେ ମନୋନୟନ ପ୍ରକ୍ରିୟା କରାଯାଇଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀ ଏହି ପଦ ଲାଗି ନିଜକୁ ଉପଯୁକ୍ତ ଦାବି କରିବା ସହ ତାଙ୍କୁ ନିଯୁକ୍ତି ଦେବାକୁ ନେଇ ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅଦାଲତ ୨୦୨୫ ଅଗଷ୍ଟ ୪ରେ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଅଭିଯୁଗ ଉପରେ ୮ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ଭିସି ଓ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ନିଷ୍ପତ୍ତି ନ ନେବାରୁ ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବିଶ୍ୱବିଦ୍ୟାଳୟ କୁଳପତି ଓ ରେଜିଷ୍ଟ୍ରାରଙ୍କୁ ପୁଲିସ୍ ଜରିଆରେ ନୋଟିସ୍ ଜାରି କରିଛନ୍ତି।

# ରୋଟାରୀ ଇ କ୍ଲବ ମହୋଦଧି ପକ୍ଷରୁ ଆମ ହସ୍ତାକ୍ଷର - ଆମ ବ୍ୟକ୍ତିତ୍ୱ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ୨୯ ତାରିଖରେ ରୋଟାରୀ ଇ କ୍ଲବ ମହୋଦଧି ଭୁବନେଶ୍ୱର, ଡିପି ମଡେଲ ପବ୍ଲିକ ସ୍କୁଲ ଠାରେ କେବଳ ଶିକ୍ଷକ ଓ ବିଦ୍ୟାଳୟ ର କର୍ମଚାରୀ ମାନଙ୍କୁ ନେଇ ଏକ ଗ୍ରାଫୋଲୋଜି ସେସନ୍ ର ଆୟୋଜନ କରା ଯାଇଥିଲା। ଙ୍ ନିରଞ୍ଜନ ବେହେରା ଏହି ସେସନ୍ ରେ ହସ୍ତାକ୍ଷର ସହିତ ଆମ ବ୍ୟକ୍ତିତ୍ୱର ସମ୍ପର୍କ ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଏତେ ଭଲ ଲାଗୁଥିଲା ଯେ ସମୟ ଅତିକ୍ରାନ୍ତ ହୋଇ ଯିବାପରେ ମଧ୍ୟ ଆହୁରି ଅଧିକା ଜାଣିବାକୁ ସମସ୍ତେ ଅନୁରୋଧ କରିଥିଲେ । ଅଧ୍ୟକ୍ଷା ମହୋଦୟାଙ୍କ ଅନୁରୋଧ କ୍ରମେ ଆଉ ଥରେ ଏହି କାର୍ଯ୍ୟକ୍ରମ ରଖିବାକୁ ପ୍ରତିଶ୍ରୁତି ଦେବାକୁ ପଡ଼ିଥିଲା। ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ସଂଗ୍ରାମ କେଶରୀ ପଟ୍ଟନାୟକ କ୍ଲବ ର ପୂର୍ବତନ ସଭାପତି । ସର୍ବେଶ୍ୱର ସାହୁ ପୂର୍ବତନ ସଭାପତି, ରଜନୀକାନ୍ତ ପଟ୍ଟନାୟକ ସଭାପତି ( ନିର୍ବାଚିତ), ନିରଞ୍ଜନ ସାହୁ ସଦସ୍ୟ, ସୁଶ୍ରୀ ସୁସ୍ମିତା ଦାସ ସଭ୍ୟ ଏଥିରେ ଯୋଗ ଦେଇଥିଲେ। ପ୍ରମଥ ଚନ୍ଦ୍ର ନାୟକ କ୍ଲବ ର ସମ୍ପାଦକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ର ଅଧ୍ୟକ୍ଷା ଙ୍କ ନିରଞ୍ଜନ ବେହେରାଙ୍କୁ ଧନ୍ୟବାଦ ଅର୍ପଣ ସହିତ ସମ୍ମାନିତ କରିଥିଲେ। କ୍ଲବ ତରଫ ରୁ ଡ. ହର ପ୍ରସନ୍ନ ଦାସ ଚାର୍ଟାର୍ଡ ସଭାପତି ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁଶ୍ରୀ ଗାୟତ୍ରୀ ପଣ୍ଡା ମହୋଦୟାଙ୍କୁ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।



# ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମାତୃବିୟୋଗ

କଟକ, (ସ୍ୱପ୍ର) : ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମା' କ୍ଷୀରପ୍ରଭା ବିଶ୍ୱାଳଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା । ସେ ବାର୍ଦ୍ଧକ୍ୟ ଜନୀତ ରୋଗରେ ପିଡିତ ଥାଇ ଦୀର୍ଘ ଦିନ ଧରି ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ସୋମବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ ପ୍ରଭାତ, ଆରତ, ହେମନ୍ତ ଓ ତିନି ବୋହୂ, ନାତି ବିଧାୟକ ସୌଭିକ୍ ବିଶ୍ୱାଳ, ନାତୁଣୀବୋହୂ ଡା. ଅନନ୍ୟା ପ୍ରିୟଦର୍ଶିନୀଙ୍କ ସମେତ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ । ପରଲୋକଗତ ଖବର ପ୍ରଘଟ ହେବା ପରେ ତାଙ୍କ ମହାନଦୀବିହାର ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ଲୋକଙ୍କ ଭିଡ ଜମିଥିଲା । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଖିଲାରୀ ଋଷିକେଶ, ବିଧାୟକ ପ୍ରକାଶ ସେଠୀ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମେୟର ସୁବାସ ସିଂହ, କଂଗ୍ରେସ ନେତା ମାନସ ଚୌଧୁରୀ, ଗୋବିନ୍ଦ ଭୂୟାଁ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର, ସରପଞ୍ଚ, ସମିତିସଭ୍ୟଙ୍କ ସମେତେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ସ୍ୱର୍ଗତାଃ କ୍ଷୀରପ୍ରଭାଙ୍କ ମରଶରୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏକ ବିରାଟ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିବା ପରେ ସ୍ଥାନୀୟ କାଳିଆବୋଦା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ପ୍ରଭାତ ମୁଖାଗ୍ନି ଦେଇଥିଲେ ।



# ପୋଲ୍‌ଟ୍ରି ଇଣ୍ଡିଆ ଏକ୍ସପୋ ୨୦୨୫ ରେ ଡିପଟେକ୍ ବାୟୋଟେକ୍ କମ୍ପାନୀ

ଭୁବନେଶ୍ୱର, (ସବ୍ୟୁ): ପଶୁ ପୁଷ୍ଟି ଏବଂ ଜନସ୍ୱାସ୍ଥ୍ୟର ସଂଯୋଗୀକରଣରେ କାର୍ଯ୍ୟ କରୁଥିବା ଏକ ଡ଼ିପ-ଟେକ ବାୟୋଟେକ୍ନୋଲୋଜି କମ୍ପାନୀ, ଏଲମେଟୋଜ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍, ନଭେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ପୋଲ୍‌ଟ୍ରି ଇଣ୍ଡିଆ ଏକ୍ସପୋ ୨୦୨୫ ରେ ଅଂଶଗ୍ରହଣ କରିଥିଲା। ଏଠାରେ କମ୍ପାନୀ ଭାରତର ପ୍ରଥମ ଇନେସେକ୍ଟ ବେଶଉ ଆଟିବାୟୋଟିକ୍ ଗ୍ରୋଥ୍ ପ୍ରମୋଟର (ଏଜିପି) ରିପ୍ଲେସମେଟ୍ ଟେକ୍ନୋଲୋଜିକୁ ଉନ୍ମୋଚନ କରିଛି, ଯାହା ଦେଶ ପାଇଁ ଏକ ଆଟିବାୟୋଟିକ୍-ମୁକ୍ତ ଖାଦ୍ୟ ଏବଂ ଖାଦ୍ୟ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ। ଦୀର୍ଘ ଦଶନ୍ଧି ଧରି ଭାରତ ଖାଦ୍ୟ ନିରାପତାରେ ଅପାର ଉନ୍ନତି କରି ଆସିଛି। ଖାଦ୍ୟରେ ମାନ ଓ ଗୁଣବତାରେ ବୃଦ୍ଧି ପାଇଁ ଭାରତ ସଦା ସର୍ବଦା ଚେଷ୍ଟିତ। ତେବେ ଏକ୍ସପର୍ଟ ମାନଙ୍କ ଆଗାମୀ ଲକ୍ଷ ହେଉଛି ପୋଷଣ ନିରାପତା, ରେଶିଡୁଆଲ ଓ ଆଟିବାୟୋଟିକ ମୁକ୍ତ ଖାଦ୍ୟ ଅର୍ଥାତ ୧.୪ ବିଲିଅନ ଲୋକଙ୍କ ପାଇଁ ସୁରକ୍ଷିତ ଓ ଗୁଣସ୍ତରଯୋଗ୍ୟ ପ୍ରୋଟିନ୍। କିନ୍ତୁ ଦୁଃଖର ବିଷୟ ଏହିକି ଯେ ୩୫ ବିଲିଅନ୍ ଡଲାରର ପୋଲ୍ଟ୍ରି ଇଣ୍ଡଷ୍ଟ୍ରି ଏବେ ସୁଦ୍ଧା ଆଟିବାୟୋଟିକ ଉପରେ ଅତ୍ୟଧିକ ନିର୍ଭରଶୀଳ। ସାରା ବିଶ୍ୱର ୭୦% ଆଟିବାୟୋଟିକ ପଶୁ ପାଳନରେ ବ୍ୟବହୃତ ହୁଏ, ଯାହାର ୪୦% ଆଧିକ ପୋଲିଟ୍ରି ଶିଳ୍ପରୁ ଆସେ। ଏହି କନକ୍ଲେଭରେ ଏଲମେଟୋଜ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ତଥା ସିଇଓ ଡ.ଜୟଶଙ୍କର ଦାସ କହିଛନ୍ତି ଯେ,"ବର୍ତ୍ତମାନ ସମୟରେ ଯଦିଓ ଭାରତରେ ଆଜି ସଭିଙ୍କୁ ଭରପୁର ଖାଦ୍ୟ ମିଳି ପାରୁଛି କିନ୍ତୁ ସଠିକ୍ ପ୍ରୋଟିନ ଯୁକ୍ତ ଖାଦ୍ୟ ମିଳି ପାରୁ ନାହିଁ। ତେଣୁ ଏହି ଦିଗରେ ଆଗାମୀ ଲକ୍ଷ ହେଉଛି ଉନ୍ନତ ମାନର ପୋଷ୍ଟିକ ଖାଦ୍ୟ ପାଇଁ ପୋଷଣର ସୁରକ୍ଷା।




# ଚୌଦ୍ୱାର ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ

ଚୌଦ୍ୱାର,(ସ.ବ୍ୟୁ.) : ବିଶ୍ୱ ଏଡ଼ସ୍ ଦିବସ ଅବସରରେ ଚୌଦ୍ୱାର ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସହନିର୍ଦ୍ଦେଶକ ଡଃ ସତ୍ୟବ୍ରତ ମହାପାତ୍ର ଯୋଗ ଦେଇ ଏଡସ୍ ରୋଗ ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରିବା ସହ ଏହାକୁ କିପରି ରୋକାଯାଇପାରିବ ସେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ପ୍ରାଧ୍ୟାପକ ତଥା କଲେଜର ପ୍ରଶାସନିକ ଅଧିକାରୀ ପ୍ରଭାକର ମିଶ୍ର, ଅଧ୍ୟାପକ ଡଃ ପ୍ରଫୁଲ୍ଲ କୁମାର ସାହୁଙ୍କ ପରିଚାଳନାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ରାଲି କଲେଜ ପରିସରରୁ ବାହାରୁ ଗାନ୍ଧିଛକ ପର୍ଯ୍ୟନ୍ତ ଯାଇଥିଲା । ଛାତ୍ରଛାତ୍ରୀମାନେ ଏଡସ୍ ରୋଗ ଏବଂ ନିରାକରଣ ସମ୍ପର୍କିତ ପ୍ଲାକାର୍ଡ଼ ସହ ସ୍ଲୋଗାନ୍ ଜରିଆରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀମାନେ ଯୋଗ ଦେଇଥିବା ବେଳେ ଯୁବ ରେଡକ୍ରସ୍ କାଉନ୍‌ସିଲର ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟାପକ ରିଙ୍କୁ କିସାନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜ ପକ୍ଷରୁ ଆୟୋଜିତ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଅଂଚଳରେ ଭୂୟସୀ ପ୍ରଶଂସା କରାଯାଇଥିବା ଜଣାପଡ଼ିଛି ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌ର 'ଜେଏସ୍‌ଏଲ୍ ସାଥୀ ପ୍ରଗତି'

ଭୁବନେଶ୍ୱର, (ସବ୍ୟୁ): ଭାରତର ସବୁଠାରୁ ବଡ଼ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଦେଶରେ ପ୍ରଥମ ଥର ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ପାଇପ୍ସ ଆଣ୍ଡ ଟ୍ୟୁବ୍ସ (ପି ଆଣ୍ଡ ଟି) ର ସବୁଠାରୁ ବଡ଼ ଲୟାଲ୍ଟି ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି' ଆରମ୍ଭ ଘୋଷଣା କରିଛି। ଏହା ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନଙ୍କୁ (ଯେଉଁମାନେ ଏହି କ୍ଷେତ୍ରର ମୂଲ୍ୟ ଶୃଙ୍ଖଳାର ମୁଖ୍ୟ ଅଂଶୀଦାର) ସଶକ୍ତ କରିବା ପାଇଁ ତିଆରି ହୋଇଛି। ଏହି ପ୍ରୋଗ୍ରାମ୍‌ରେ ନିର୍ଦ୍ଦିଷ୍ଟ ପୁରସ୍କାର, ବିଶେଷ ସୁବିଧା, ନିରବଚ୍ଛିନ୍ନ ଡିଜିଟାଲ୍ ଅଭିଜ୍ଞତା ଏବଂ ବଜାରରେ ଉତ୍ପାଦର ପ୍ରକୃତତ୍ୱ ପ୍ରୋତ୍ସାହନ କରାଯାଇଛି। କମ୍ପାନୀର ପୂର୍ବରୁ ଆରମ୍ଭ ହୋଇଥିବା 'ଜିନ୍ଦଲ ସାଥୀ ସିଲ୍' ଏକ କୋ- ବ୍ରାଣ୍ଡେଡ୍ ଉଦ୍ୟମ ଥିଲା ଏବଂ ଗ୍ରାହକ ଓ ବ୍ୟବସାୟିକ ସହଭାଗୀମାନଙ୍କୁ ନକଲି ଉତ୍ପାଦରୁ ସୁରକ୍ଷା ଦେବା ସହ ପ୍ରକୃତ ଷ୍ଟେନଲେସ୍ ଷ୍ଟିଲ୍ ପାଇପ୍ ଓ ଟ୍ୟୁବ୍‌କୁ ସହଜରେ ଚିହ୍ନଟ କରିବାରେ ସାହାଯ୍ୟ କରୁଥିଲା। ଏବେ ନୂଆ ପ୍ରୋଗ୍ରାମ୍ 'ଜେଏସ୍‌ଏଲ୍ ସାଥୀ ପ୍ରଗତି' ଯୋଜନା ଏହି ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇ , ପ୍ରକୃତତ୍ୱ ନିଶ୍ଚିତତାକୁ ଏକ ନିର୍ଦ୍ଦିଷ୍ଟ ଯୋଗାଯୋଗ ମଡେଲ୍ ସହ ମିଶାଇ ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଜେଏସ୍‌ଏଲ୍ ପାଇପ୍ ଓ ଟ୍ୟୁବ୍‌ରେ ଏକ ଅନନ୍ୟ କ୍ୟୁଆର୍ କୋଡ୍ ରହିଛି। ଜେଏସ୍‌ଏଲ୍ ସାଥୀ ପ୍ରଗତି ଆପ୍ ମାଧ୍ୟମରେ ଏହି କୋଡ୍ ସ୍କାନ୍ କରି ଖୁଚୁରା ବ୍ୟବସାୟୀ ଓ ଫ୍ୟାବ୍ରିକେଟରମାନେ ତୁରନ୍ତ ଉତ୍ପାଦର ପ୍ରକୃତତ୍ୱ ଯାଂଚ କରିପାରିବେ, ପ୍ରକୃତ କ୍ରୟ ଉପରେ ପଏଂଟ ରୋଜଗାର କରିପାରିବେ ଏବଂ ସେହି ପଏଣ୍ଟ ଗୁଡ଼ିକୁ ବିଶେଷ ସୁବିଧା ପାଇଁ ରିଡିମ୍ କରିପାରିବେ। ଏହି ପ୍ରୋଗ୍ରାମ୍‌କୁ ଅତ୍ୟନ୍ତ ଉତ୍ସାହଜନକ ପ୍ରାରମ୍ଭିକ ସଫଳତା ମିଳିଛି; ଇତିମଧ୍ୟରେ ୩୦,୦୦୦ରୁ ଅଧିକ ଫ୍ୟାବ୍ରିକେଟର ଓ ଖୁଚୁରା ବ୍ୟବସାୟୀ ଯୋଗ ଦେଇସାରିଛନ୍ତି, ଯାହା ବଜାରରେ ଏହାର ଦୃଢ଼ ଗ୍ରହଣୀୟତା ଓ ପ୍ରାସଙ୍ଗିକତାକୁ ପ୍ରତିଫଳିତ କରୁଛି। ଏହି ଉଦ୍ୟମର ଉଦ୍ଦେଶ୍ୟ ଓ ଦୂରଦୃଷ୍ଟି ବିଷୟରେ ଜିନ୍ଦଲ ଷ୍ଟେନଲେସ୍‌ର ମ୍ୟାନେଜିଙ୍ଗ ଡାଇରେକ୍ଟର ଶ୍ରୀ ଅଭ୍ୟୁଦୟ ଜିନ୍ଦାଲ କହିଛନ୍ତି, "ଉଦ୍ୟୋଗ ଜଗତର ଅଗ୍ରଣୀ ଭାବେ, ଗ୍ରାହକମାନେ ଅସଲି ଉତ୍ପାଦ ପାଇପାରନ୍ତୁ ବୋଲି ସୁନିଶ୍ଚିତ କରିବା ଆମର ଦାୟିତ୍ୱ ।

# "ପ୍ରୟାସ" ପକ୍ଷରୁ "ସ୍ୱାସ୍ଥ୍ୟ ଓ ପରିବେଶ" ଆଲୋଚନା ଚକ୍ର

ଭୁବନେଶ୍ୱର (ସବ୍ୟୁ): ରବିବାର ସ୍ଥାନୀୟ ଯୁଧିଷ୍ଠିର ଦାସ ପାର୍କ, ଭୁବନେଶ୍ୱର ଠାରେ"ପ୍ରୟାସ" ସାମାଜିକ ଅନୁଷ୍ଠାନ ଅନୁକୁଲ୍ୟ ରେ "ସ୍ୱାସ୍ଥ୍ୟ ଓ ପରିବେଶ" ଶୀର୍ଷକ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ସଭାରେ ଡକ୍ଟର ସିମାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ ।ଏହାକୁ ଉଦଘାଟନ କରିଥିଲେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର ପୂର୍ବତନ କୁଳପତି ଡକ୍ଟର କୁମରବର ଦାସ । ଏହି ବୈଠକ ରେ ସଭାପତି ଅଜିତ ପ୍ରସାଦ ସାହୁ, ସମ୍ପାଦକ ଶିଶିର କୁମାର ପରିଡ଼ା , କୋଷାଧ୍ୟକ୍ଷ ଇଂଜିନିୟର ଚିତ୍ତ ରଞ୍ଜନ ଦାସ, ସହ ସମ୍ପାଦକ ପ୍ରଫୁଲ୍ଲ ବେହେରା , ସଭ୍ୟ ରଜେଶ୍ୱର୍ ପାତ୍ର, ସଚ୍ଚିଦାନନ୍ଦ, ବେହେରା, ପ୍ରଶାନ୍ତ ମହାନ୍ତି, ସୁବ୍ରତ ଜେନା, ଲକ୍ଷ୍ମୀଧର ରଣ ସିଂହ , ବିଶ୍‌ବନାଥ ବଳିଆର ସିଂହ, ପଞ୍ଚାନନ ମାଲିକ, ସୁଶ୍ରୀ ମନ୍ଦାକିନୀ ସାହୁ, ମୋନାଲିସା ମହାନ୍ତି, ଯଶୋଦା ଭଞ୍ଜ ଉପସ୍ଥିତ ଥିଲେ। ଏହା ବ୍ୟତୀତ ସମ୍ମାନିତ ଅତିଥି ଭାବେ ଦିବ୍ୟ ରଞ୍ଜନ ମହାନ୍ତି , ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର ମୁଖ୍ୟ ଅଞ୍ଜନ କୁମାର ଦେବତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଭାଇ ଓ ଭଉଣୀ ଉପସ୍ଥିତ ରହି ଉତ୍ସାହ ପ୍ରଦାନ କରିଥିଲେ। ସର୍ବ ଶେଷରେ ସମସ୍ତଙ୍କୁ ବୃକ୍ଷ ଚାରା ଓ ଉତ୍ତରୀୟ ପ୍ରଦାନ କରି ସମ୍ମନିତ କରା ଯାଇଥିଲା ।ସର୍ବ ଶେଷରେ ଶିବିର କୁମାର ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏଡସ୍ ଏକ ମାରାତ୍ମକ ବ୍ୟାଧି

# ସତର୍କତା ଓ ସଚେତନତା ହିଁ ଏଡସ୍ ସଂକ୍ରମଣ ରୋକିପାରେ

ପୁରୀ, (ସବ୍ୟୁ) : ଏଡସ୍ ଏକ ଅଦେଖା ମାରାତ୍ମକ ବ୍ୟାଧି । ଥରେ ଦେହରେ ଲାଗିଲେ ମୃତ୍ୟୁ ନିଶ୍ଚୟ। ଏଣୁ ଏହା ଠାରୁ ଦୂରେଇ ରହି , ସତର୍କତା ଅବଲମ୍ବନ କଲେ ନିଜେ ସୁରକ୍ଷିତ ରହିବା ସହ ସମାଜକୁ ସଚେତନ କଲେ ସମାଜ ଏଡସ୍ ସଂକ୍ରମଣ ରୁ ବର୍ତ୍ତିଯିବ ବୋଲି କହିଛନ୍ତି ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ବିଶ୍‌ବ ଏଡ଼ସ ଦିବସ ଉପଲକ୍ଷେ ଶରଧାବାଲି ଠାରେ ସମବେତ ରାଲିକୁ ପତାକା ହଲାଇ ଉଦଘାଟନ କରିବା ସହ ଉଦବୋଧନ ଦେଇ ଶ୍ରୀ ବେହେରା, ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ କ୍ଷେତ୍ର ପୁରୀକୁ ଏଡ଼ସ କବଳରୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥୀ,ଏଡସ୍ ନିୟନ୍ତ୍ରଣ କମିଟି ସଦସ୍ୟ ସମାଜସେବୀ ଡକ୍ଟର ବଦ୍ରି ମିଶ୍ର, ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡାକ୍ତର ସୁଦର୍ଶନ ପୋଥାଳଙ୍କ ସମେତ ସରକାରୀ ଏଏନମ୍ ତାଲିମ କେନ୍ଦ୍ର, ପ୍ରିୟଙ୍କାଦେବୀ ସ୍କୁଲ ଅଫ ନର୍ସିଂ, ଆଇଏମଟି ଫାର୍ମାସୀ କଲେଜ୍, ଶୈଳବାଳା ସ୍କୁଲ ଅଫ୍ ନର୍ସିଂ, ପେନକୋଡ,ହୋପ୍ ଫାଉଣ୍ଡେସନ ର ଛାତ୍ର ଛାତ୍ରୀଙ୍କ ସମେତ ଅନେକ ଟ୍ରାନସଜେଣ୍ଡରର ଯୋଗଦାନ କରିଥିଲେ।

## ସିଙ୍ଗାପୁର ଓପନ୍ ଏଆଇ ହାକାଥନ୍

# ଚାମ୍ପିଅନ୍ ଶ୍ରୀତମ ପଟ୍ଟନାୟକଙ୍କୁ ସ୍ୱାଗତ କଲା ଆଇଆଇଏମ୍‌ଟି

ଭୁବନେଶ୍ୱର, (ସବ୍ୟୁ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର ଗର୍ବର ସହିତ ସିଙ୍ଗାପୁରର ଏନୟୁଏସ-ଆଇଏସଏସରେ ମାଷ୍ଟର ଅଫ୍ ଟେକ୍ନୋଲୋଜି ଇନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ ସିଷ୍ଟମ୍ସ ପ୍ରୋଗ୍ରାମର ଛାତ୍ର ଇଞ୍ଜିନିୟର ଶ୍ରୀତମ ପଟ୍ଟନାୟକଙ୍କୁ ସ୍ୱାଗତ କରିଛି। ସେ ସମ୍ପ୍ରତି ସିଙ୍ଗାପୁରର ସର୍ବବୃହତ ଓପନ୍-ଏଆଇ ୨୪-ଘଣ୍ଟିଆ ହାକାଥନ୍ ଦି କର୍ସର୍ ହାକାଥନ୍ ୨୦୨୫ରେ ୪୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଶ୍ରେଷ୍ଠ ବିଜେତା ହୋଇଥିଲେ। ତାଙ୍କୁ ନେଇ ଆୟୋଜିତ ଅଧିବେଶନରେ ଆଇଆଇଏମଟିର ଆସୋସିଏଟ୍ ଡିନ୍ ଶ୍ରୀମତୀ ସୋମା ମିତ୍ର ସ୍ୱାଗତ ଭାଷଣ ସହ ଆରମ୍ଭ ହୋଇଥିଲା। ଆଇଆଇଏମଟି ଏଭଳି ଜଣେ ପ୍ରତିଭାବାନଙ୍କୁ ଆତିଥ୍ୟ ଦେବାରେ ସୁଯୋଗ ପାଇଥିବାରୁ ସେ ଗର୍ବ ପ୍ରକାଶ କରିଥିଲେ ଓ ବିଶ୍ୱସ୍ତରୀୟ ସଫଳତା ମାଧ୍ୟମରେ ଯୁବକମାନଙ୍କୁ ପ୍ରେରଣା ଦେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଇଞ୍ଜିନିୟର ପଟ୍ଟନାୟକ " ନାଭିଗେଟିଙ୍ଗ କ୍ୟାରିୟର୍ସ ଇନ ଏନ ଏଆଇ- ଫାର୍ସଟ୍ ୱାର୍ଲ୍ଡ" ଶୀର୍ଷକରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ପ୍ରଦାନ କରିଥିଲେ। ଯେଉଁଠାରେ ସେ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତାର ଦ୍ରୁତ ବିକଶିତ ଦୃଶ୍ୟପଟ, ଉଦୀୟମାନ ସୁଯୋଗ ଏବଂ ଏଆଇ-ଚାଳିତ ଭବିଷ୍ୟତରେ ଉନ୍ନତି ପାଇଁ ଆବଶ୍ୟକୀୟ ଦକ୍ଷତା ବିଷୟରେ ଉଦବୋଧନ ଦେଇଥିଲେ।

ଆଲୋଚନା ସମୟରେ, ଇଞ୍ଜିନିୟର ପଟ୍ଟନାୟକ ତାଙ୍କର ପୁରସ୍କାରପ୍ରାପ୍ତ ପ୍ରକଳ୍ପ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଯାହା ଏକ ଅଭିନବ ଏଆଇ ଆର୍ଟ ଜେନେରେଟର। ଏହା ହ୍ୟାଣ୍ଡ କମାଣ୍ଡ ଏବଂ ଭଏସ୍ କମାଣ୍ଡ ମାଧ୍ୟମରେ ଅନିୟମିତ ସ୍କ୍ରିବଲଗୁଡ଼ିକୁ ଗତିଶୀଳ ଡିଜିଟାଲ୍ ବ୍ରଶଷ୍ଟ୍ରୋକରେ ରୂପାନ୍ତରିତ କରିପାରିବ। ସେ ତାଙ୍କର ସଫଳତାର ଶ୍ରେୟ ଏନୟୁଏସ-ଆଇଏସଏସ ରେ ହାସଲ କରିଥିବା ଦୃଢ଼ ଶିକ୍ଷାଗତ ଭିତ୍ତିଭୂମିକୁ ଦେଇଥିଲେ। ପାଟର୍ନ ଚିହ୍ନଟ ଉପରେ ତାଙ୍କର ମଡ୍ୟୁଲ୍ ପାଇଁ ପ୍ରସ୍ତୁତି ସମୟରେ, ସେ ଗୁଗୁଲ ମିଡିଆପାଇପ୍, ଏକ ଇଙ୍ଗିତ-ସ୍ୱୀକୃତି ଲାଇବ୍ରେରୀ ଅନୁସନ୍ଧାନ କରିଥିଲେ ଯାହା ପରବର୍ତ୍ତୀ ସମୟରେ ତାଙ୍କ ହ୍ୟାକାଥନ୍ ପ୍ରୋଟୋଟାଇପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଗଲା। ଅଧିବେଶନରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ପ୍ରଶ୍ନ ପଚାରିଥିଲେ ଏବଂ ମେସିନ୍ ଲର୍ଣ୍ଣିଂ, ଜେଷ୍ଟର-ଆଧାରିତ କମ୍ପ୍ୟୁଟିଂ ଏବଂ ସୃଜନଶୀଳ ଏଆଇ ପ୍ରୟୋଗ ସମେତ କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ କ୍ଷେତ୍ର ଅନୁସନ୍ଧାନ କରିଥିଲେ।




# ବେଦାନ୍ତ ଝାରସୁଗୁଡା ସଚେତନତା ପଦକ୍ଷେପ ମାଧ୍ୟମରେ ବିଶ୍ୱ ଗୁଣବତ୍ତା ମାସ ପାଳନ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ବିଶ୍ୱ ଗୁଣବତା ସପ୍ତାହ (୧୦-୧୪ ନଭେମ୍ବର) ଉପରେ କେନ୍ଦ୍ରିତ ଏକ ମାସ ବ୍ୟାପୀ ଉଚ୍ଚ-ପ୍ରଭାବଶାଳୀ ସଚେତନତା-ନିର୍ମାଣ ପଦକ୍ଷେପ ଶୃଙ୍ଖଳା ସମାପ୍ତ କରିଛି। ଏହି ବର୍ଷର ଥିମ୍ 'ଗୁଣବତା: ଭିନ୍ନ ଭାବରେ ଚିନ୍ତା କର' ସହିତ ସଂଲଗ୍ନ, ଅଭିଯାନ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ପାରମ୍ପରିକ ପଦ୍ଧତିକୁ ଚ୍ୟାଲେଞ୍ଜ କରିବାକୁ ଏବଂ ସେମାନଙ୍କୁ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ ଗୁଣବତା ହାସଲ କରିବା ପାଇଁ ଅଭିନବ ପଦ୍ଧତି ଗ୍ରହଣ କରିବାକୁ ପ୍ରେରଣା ଦେବାକୁ ଚେଷ୍ଟା କରିଛି। ୧୫୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଗୁଣବତା ସଚେତନତା ରାଲି ସହିତ ଉତ୍ସବ ଆରମ୍ଭ ହୋଇଥିଲା, ଯାହା ନୂତନ ଦୃଷ୍ଟିକୋଣ ମାଧ୍ୟମରେ ଗୁଣବତାର ପୁନଃକଳ୍ପନାର ବାର୍ତ୍ତା ପ୍ରସାର ଉପରେ ଧ୍ୟାନ ଦେଇଥିଲା। ଏକ ପ୍ଲାଂଟ-ବ୍ୟାପୀ ଗୁଣବତା କୁଇଜ୍ ଏହି ଗତିକୁ ଆହୁରି ମଜବୁତ କରିଥିଲା, ଅଂଶଗ୍ରହଣକାରୀମାନେ ଶିଳ୍ପ ଗୁଣବତା ପ୍ରଣାଳୀ, ମାନଦଣ୍ଡ ଏବଂ ସମସ୍ୟା ସମାଧାନ ଢାଂଚା ବିଷୟରେ ସେମାନଙ୍କର ଜ୍ଞାନ ପରୀକ୍ଷା କରାଯାଇଥିଲା।

ଏହା ସହିତ, କମ୍ପାନୀ ଇଞ୍ଜିନିୟରିଂ ଏବଂ ଅପରେସନ୍ସ ବୃତ୍ତିଗତମାନଙ୍କ ମଧ୍ୟରେ ବୈଷୟିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏକ ସଘନ ପ୍ରକ୍ରିୟା କ୍ଷମତା କର୍ମଶାଳା ଆୟୋଜନ କରିଥିଲା, ଯାହା ମାନକୀକରଣ ପ୍ରକ୍ରିୟା କ୍ଷମତା ବିଶ୍ଳେଷଣ ଏବଂ ତଥ୍ୟ-ଚାଳିତ ନିଷ୍ପତି ଗ୍ରହଣ ଉପରେ ଧ୍ୟାନ ଦେଇଥିଲା। କର୍ମଶାଳା ଦଳଗୁଡ଼ିକୁ ଲୁକ୍କାୟିତ ବିବିଧତା ଚିହ୍ନଟ କରି, ପୂର୍ବାନୁମାନକୁ ଉନ୍ନତ କରି ଏବଂ ବିଶ୍ଳେଷଣାତ୍ମକ କୌଶଳ ମାଧ୍ୟମରେ ପ୍ରକ୍ରିୟା ଦୃଢ଼ତା ବୃଦ୍ଧି କରି ନିୟମିତ ପ୍ରକ୍ରିୟାଗୁଡ଼ିକୁ ଭିନ୍ନ ଭାବରେ ପୁନଃପରୀକ୍ଷଣ କରିବାକୁ ଉତ୍ସାହିତ କରିଥିଲା। ଉତ୍ସବର ସୃଜନଶୀଳ ଦିଗକୁ ଏକ ଆଭ୍ୟନ୍ତରୀଣ ପୋଷ୍ଟର ପ୍ରତିଯୋଗିତା ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା ଯେଉଁଠାରେ ଅନେକ ଅଂଶଗ୍ରହଣକାରୀ ଏକ ଆଧୁନିକ, ନବସୃଜନ-ଚାଳିତ କାର୍ଯ୍ୟ ପରିବେଶରେ "ଗୁଣବତା" କ'ଣ ବୁଝାଏ ସେ ବିଷୟରେ ଦୃଶ୍ୟମାନ ଭାବରେ ଆକର୍ଷଣୀୟ ଧାରଣା ପ୍ରଦର୍ଶନ କରିଥିଲେ। ଏହି ପୋଷ୍ଟରଗୁଡ଼ିକ ବର୍ତ୍ତମାନ ପ୍ଲାଂଟରେ ପ୍ରମୁଖ ଭାବରେ ପ୍ରଦର୍ଶିତ ହୋଇଛି, ପ୍ରତ୍ୟେକ ପଦକ୍ଷେପରେ ଗୁଣବତା ଉତ୍କର୍ଷତା ପାଇଁ ସ୍ମରଣକାରୀ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରୟାସର ସଫଳତା ଉପରେ ପ୍ରତିଫଳିତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି: "ବେଦାନ୍ତ ଝାରସୁଗୁଡାରେ, ଗୁଣବତା ହେଉଛି ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟର ମୂଳ, ଏକ ଧାରଣା ଯାହାକୁ ଆମେ ଏକ ସଂସ୍କୃତି, ଦାୟିତ୍ୱ ଏବଂ ପ୍ରତ୍ୟେକ ଅଂଶୀଦାରଙ୍କ ପ୍ରତି ଆମର ପ୍ରତିଶ୍ରୁତି ଭାବରେ ଗ୍ରହଣ କରୁ। ଏହି ବର୍ଷର ବିଶ୍ୱ ଗୁଣବତା ମାସର ପଦକ୍ଷେପଗୁଡ଼ିକ ଆମକୁ ଏକ ଦୃଢ଼ ମାଲିକାନା ଭାବନାରେ ଆକର୍ଷିତ କରିଛି। ବିଶ୍ୱସ୍ତରୀୟ ମାନଦଣ୍ଡକୁ ବଜାୟ ରଖିବା ଏବଂ ଆମର ପ୍ଲାଂଟରେ ନିରନ୍ତର ଉନ୍ନତି ଆଣିବା ପାଇଁ ଏକ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।




# ହିନ୍ଦ ମଜଦୁର ସଭାର ବାର୍ଷିକ ବୈଠକ

ଭୁବନେଶ୍ୱର, (ସବ୍ୟୁ) : ହିନ୍ଦ ମଜଦୁର ସଭାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଚଏମଏସ ସଭାପତି କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଶାଖାର ନିତିଦିନିଆ କାର୍ଯ୍ୟ ପରିଚାଳନା ପାଇଁ ଓଡ଼ିଶା ଶାଖାର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ପୂର୍ଣ୍ଣାଙ୍ଗ ସାଧାରଣ ଅଧିବେଶନ ସଭାପତି ଦାୟିତ୍ୱ ତୁଲାଇବେ। ଆଗାମୀ ୭ ଦିନ ଭିତରେ କାର୍ଯ୍ୟକାରୀ କମିଟି ବୈଠକ ଜରିଆରେ ଏଚଏମଏସ ସଂଗଠନକୁ ଗତିଶୀଳ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକୁ ହାତକୁ ନେବାକୁ ସର୍ବସମତ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ସାଧାରଣ ସମ୍ପାଦକ ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସଦରେ ହେବ 'ବନ୍ଦେ ମାତରମ୍' ଉପରେ ବିତର୍କ

ନୂଆଦିଲ୍ଲୀ : ଚଳିତ ସପ୍ତାହର ଶେଷ ଭାଗରେ ସଂସଦର ଶୀତକାଳୀନ ଅଧିବେଶନରେ ଭାରତର ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ପାଇଁ ଏକ ବିଶେଷ ଆଲୋଚନା ଅନୁଷ୍ଠିତ ହେବ। ଲୋକସଭାରେ ଏହି ଆଲୋଚନା ପାଇଁ ଦଶ ଘଣ୍ଟା ସମୟ ଦିଆଯାଇଛି, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିବେ ବୋଲି ଆଶା



କରାଯାଉଛି। ଲୋକସଭାର କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ, ସରକାର ବନ୍ଦେ ମାତରମ୍‌କୁ ପ୍ରାଥମିକତା ଦେଇଥିଲେ, ଯେତେବେଳେ କଂଗ୍ରେସ ଏସ୍ଆଇଆର ଏବଂ ନିର୍ବାଚନୀ ସଂସ୍କାର ଉପରେ ବିତର୍କ ଦାବି କରିଥିଲା। ଟିଏମସି ଲୋକସଭାରେ ବନ୍ଦେ ମାତରମ୍ ଉପରେ ଏକ ବିଶେଷ ଆଲୋଚନାକୁ ସମର୍ଥନ କରିଥିଲା।

ନଭେମ୍ବର ୭ ତାରିଖରେ, ବନ୍ଦେ ମାତରମ୍ ଗୀତର ୧୫୦ତମ ବାର୍ଷିକୀ ପାଳନ ପାଇଁ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଥିଲେ ଯେ କଂଗ୍ରେସ ଦଳ ଗୀତକୁ ବିକୃତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଦୁର୍ଭାଗ୍ୟବଶତଃ, ୧୯୩୭ ମସିହାରେ, ନେହେରୁଙ୍କ ନେତୃତ୍ୱରେ, କଂଗ୍ରେସ ଦଳ ମୂଳ ବନ୍ଦେ ମାତରମ୍‌ରୁ ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକୁ ହଟାଇ ଦେଇଥିଲା। ବନ୍ଦେ ମାତରମ୍‌କୁ ଖଣ୍ଡ ଖଣ୍ଡ କରି ଚିରି ଦିଆଯାଇଥିଲାଛ ଏହା ବିଭାଜନର ବୀଜ ମଧ୍ୟ ବୁଣିଥିଲା। ଏହି ଅନ୍ୟାୟ କାହିଁକି କରାଯାଇଥିଲା?

# ପାକ୍‌ରେ ଆତ୍ମଘାତୀ ହମଲା : ୬ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ : ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଏକ ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି।

ଏହି ଆକ୍ରମଣ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟର ସାଦଓ ଅପରେସନାଲ୍ ବାଟାଲିଅନ୍ ଦ୍ୱାରା କରାଯାଇଥିଲା। ବାଲୁଚିସ୍ତାନ ଲିବରେସନ ଆର୍ମି ସମ୍ପ୍ରତି ପାକିସ୍ତାନୀ ସୁରକ୍ଷା ସ୍ଥାନଗୁଡ଼ିକ ଉପରେ ଆକ୍ରମଣକୁ ଜୋରଦାର କରିଛି। ଏହା ମାର୍ଚ୍ଚ ୧୧ରେ ଆରମ୍ଭ ହୋଇଥିଲା। ଯେତେବେଳେ ଆତଙ୍କବାଦୀମାନେ ୪୪୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଥିଲେ। ସେବେଠାରୁ ଆକ୍ରମଣ ଜାରି ରହିଛି। ଜୁନ୍, ଅଗଷ୍ଟ, ସେପ୍ଟେମ୍ବର ଏବଂ ଅକ୍ଟୋବରରେ ଟ୍ରେନ୍‌ଗୁଡ଼ିକୁ ଲକ୍ଷ୍ୟ କରି ଅନେକ ବୋମାମାଡ଼ ଏବଂ ରକେଟ ଆକ୍ରମଣ କରାଯାଇଥିଲା। ସୋମବାର ସକାଳେ ହୋଇଥିବା ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲାଛ ପାଖରେ ଥିବା କାନ୍ଥଗୁଡ଼ିକ ମଧ୍ୟ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନୀ ଅଧିକାରୀମାନେ ସୂଚନା ଦେଇଛନ୍ତି, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ତୁରନ୍ତ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଇ ମୁଖ୍ୟାଳୟରେ ପ୍ରବେଶ କରିଥିଲେ।

ମୁଖ୍ୟାଳୟ ପରିସରରେ ଗୁଳି ବିନିମୟ ଏବଂ ସଂଘର୍ଷ ଜାରି ରହିଛି। ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯାଇଛି। ଆକ୍ରମଣ ପରେ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି।

ରିପୋର୍ଟ ଅନୁଯାୟୀ, ଘଟଣାସ୍ଥଳକୁ ସହାୟତା କରିବା ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପଠାଯାଇଥିଲା। ଅଧିକାରୀମାନେ ମୃତାହତଙ୍କ ଆନୁଷ୍ଠାନିକ ବିବରଣୀ ପ୍ରକାଶ କରିବା ପାଇଁ କାର୍ଯ୍ୟ କରୁଛନ୍ତି।

# କାରକୁ ଧକ୍କା ଦେଲା ଟ୍ରକ, ୫ ଜଣଙ୍କ ମୃତ୍ୟୁ

ମୁମ୍ବାଇ : ମହାରାଷ୍ଟ୍ରର ସୋଲାପୁରରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ମନ୍ଦିରକୁ ଦେବଦର୍ଶନ ପାଇଁ ତୁଲଜାପୁର ଯାଉଥିବା ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଘଟଣାସ୍ଥଳରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି। ରିପୋର୍ଟ ଅନୁଯାୟୀ, ଏକ ନବବିବାହିତ ଦମ୍ପତି, ସେମାନଙ୍କ ପରିବାରର କିଛି ସଦସ୍ୟଙ୍କ ସହିତ, ତୁଲଜାପୁରର ମନ୍ଦିର ଦର୍ଶନ ପାଇଁ କାରରେ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣାରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ ବାର୍ଶୀ ତହସିଲର ପାଙ୍ଗି ଗାଁରେ ଏକ କାର ଏବଂ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁଃଖଦ ଘଟଣା ଘଟିଛି। ପାଙ୍ଗି ଗ୍ରାମ ନିକଟ ଜାମ୍ବଲବେଟ ସେତୁରେ ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ମୃତକଙ୍କ ମଧ୍ୟରେ ଗୌତମ କାମ୍ବଲେ, ଜୟା କାମ୍ବଲେ, ସଞ୍ଜୟ ୱାଘମାରେ ଏବଂ ସାରିକା ୱାଘମାରେ ଅନ୍ତର୍ଭୁକ୍ତ। ଅନ୍ୟ ଜଣେ ମହିଳାଙ୍କ ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଚାରି ଦିନ ପୂର୍ବରୁ ବିବାହ କରିଥିବା ଅନିକେତ ଗୌତମ କାମ୍ବଲେ ଏବଂ ମେଘନା ଅନିକେତ କାମ୍ବଲେ ଗୁରୁତର ଆହତ ହୋଇଛନ୍ତି।

ଘଟଣା ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ବାର୍ଶୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଅନିକେତ ଏବଂ ମେଘନା ନଭେମ୍ବର ୨୬ ତାରିଖରେ ବିବାହ କରିଥିଲେ। ଦମ୍ପତି ସେମାନଙ୍କ ପରିବାର ସହ ମିଶି ତୁଲଜାପୁରରେ ଥିବା ଏକ ମନ୍ଦିରକୁ ଯାଉଥିଲେ ସେତେବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା।

# ଦିଲ୍ଲୀ ଏୟାରପୋର୍ଟ ଉପରେ ହୋଇଥିଲା ସାଇବର ଆକ୍ରମଣ

## ସଂସଦରେ ମାନିଲେ ସରକାର

ନୂଆଦିଲ୍ଲୀ : ଗତ ମାସରେ ଦିଲ୍ଲୀ ବିମାନବନ୍ଦରରେ ସାଇବର ଆକ୍ରମଣ ହୋଇଥିବା କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତିଛ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ରାଜ୍ୟସଭାରେ ଏହା ସ୍ୱୀକାର କରିଛନ୍ତି।

ନାଇଡୁ କହିଛନ୍ତି ଯେ ଦିଲ୍ଲୀ ବିମାନବନ୍ଦରର ରନୱେ (ଆରଡବ୍ଲ୍ୟୁଆଇ-୧୦) ଉପରେ ଜିପିଏସ ସ୍ପୁଫିଂ କରାଯାଇଥିଲା। ଏହି ରନୱେ ଆଡକୁ ଲାଣ୍ଡିଂ ପାଇଁ ଆସୁଥିବା ବିମାନଗୁଡ଼ିକ ଏ ସମ୍ପର୍କରେ ରିପୋର୍ଟ କରିଥିଲେ । ତେବେ ଏହାର ମୁକାବିଲା କରିବାକୁ ଜରୁରୀକାଳୀନ ବ୍ୟବସ୍ଥାର ଉପଯୋଗ କରାଯାଇଥିଲା। ଫଳରେ ଏହି ଜିପିଏସ ସ୍ପୁଫିଂର କୌଣସି ପ୍ରଭାବ ବିମାନ ଚଳାଚଳ ଉପରେ ପଡିନଥିଲା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ନଭେମ୍ବର ୧୦ ତାରିଖରେ ଆଇଜିଆଇ ବିମାନବନ୍ଦରରେ ଜିପିଏସ ସ୍ପୁଫିଂ ହୋଇଥିଲା। ଦିଲ୍ଲୀ ଏବଂ କୋଲକାତା ସମେତ ସାତଟି ବିମାନବନ୍ଦରରେ ସାଇବର ଆକ୍ରମଣ ଚେଷ୍ଟା କରାଯାଇଥିଲା। କେଉଁଠାରୁ ଏହି ଜିପିଏସ ସ୍ପୁଫିଂ କରାଯାଇଥିଲା ତାହା ଚିହ୍ନଟ କରିବାକୁ ୱେୟାରଲେସ୍ ମନିଟରିଂ ଅର୍ଗାନାଇଜେସନକୁ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁ କୁହାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ଜିପିଏସ୍‌ମାନେ ହେଉଛି କୌଣସି ଡିଭାଇସକୁ ଭ୍ରମିତ କରିବା ପାଇଁ ଛଦ୍ମ ଜିପିଏସ୍ ସିଗନାଲ ପ୍ରସାରଣ କରିବା। ଏହାଦ୍ୱାରା ବାସ୍ତବ ସ୍ଥାନକୁ ଲୁଚାଇ ଭୁଲ ସ୍ଥାନ ଦେଖାଯାଇଥାଏ। ଡ୍ରୋନ୍, ଯାନବାହନ, ନେଭିଗେସନ୍ ସିଷ୍ଟମ୍ ଆଦିର ଜିପିଏସ ସିଗ୍ନାଲ ଭ୍ରମିତ ହେବା ଫଳରେ ସେଗୁଡ଼ିକ ଭୁଲ ଦିଗକୁ ଯାଇପାରେ ଓ ଦୁର୍ଘଟଣାଗ୍ରସ୍ତ ହୋଇପାରେ। ସାଇବର ସୁରକ୍ଷା ପ୍ରସଙ୍ଗରେ ଏହାକୁ ଏକ ଗୁରୁତର ତ୍ରୁଟି ବା ଷଡ଼ଯନ୍ତ୍ର ଭାବେ ଗଣାଯାଏ।

# ଦିଲ୍ଲୀ ପ୍ରଦୂଷଣ : ସିଜେଆଇ ଦେଲେ ଅନେକ ତଥ୍ୟ

ନୂଆଦିଲ୍ଲୀ : ସୋମବାର ଦିଲ୍ଲୀ-ଏନସିଆରରେ ବଢୁଥିବା ବାୟୁପ୍ରଦୂଷଣ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଥିଲେ। ଶୁଣାଣି ସମୟରେ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ମାମଲାଗୁଡ଼ିକ ସାଧାରଣତଃ ଅକ୍ଟୋବରରେ ତାଲିକାଭୁକ୍ତ ହୋଇଥାଏ, କିନ୍ତୁ ଏହା ଆଉ ରହିବ ନାହିଁ। ଏହି ପ୍ରସଙ୍ଗରେ ନିୟମିତ ଶୁଣାଣି କରାଯିବ, କୋର୍ଟରେ ମାସକୁ ଅତି କମରେ ଦୁଇଥର ଶୁଣାଣି କରାଯିବ। ସିଜେଆଇ ଏହା ମଧ୍ୟ ପଚାରିଥିଲେ ଯେ ବୈଜ୍ଞାନିକ ବିଶ୍ଳେଷଣ ଅନୁସାରେ, ସର୍ବାଧିକ ପ୍ରଦୂଷଣ କ'ଣ ହେଉଛି?



ସିଜେଆଇ ନଡ଼ା ପୋଡ଼ିବା ବିଷୟରେ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ, "ଆମେ ନଡ଼ା ପୋଡ଼ିବା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହୁଁ କାରଣ ଏହା କୋର୍ଟରେ ଏହି କ୍ଷେତ୍ରର ପ୍ରତିନିଧିତ୍ୱ କମ ହୋଇଥାଏ । କୋଭିଡ୍ ସମୟରେ ମଧ୍ୟ ନଡ଼ା ପୋଡ଼ି ହେଉଥିଲା, କିନ୍ତୁ ସେତେବେଳେ ତ ସ୍ୱଚ୍ଛ ନୀଳ ଆକାଶ ଦେଖାଯାଉଥିଲା ? ତେଣୁ, ନଡ଼ା ପୋଡ଼ିବା ପ୍ରସଙ୍ଗକୁ ଅଯଥାରେ ରାଜନୈତିକ ପ୍ରସଙ୍ଗ କିମ୍ବା ଅହଂକାର ପ୍ରସଙ୍ଗ କରାଯିବା ଉଚିତ୍ ନୁହେଁ। ଚାଷୀ ଯାହା ପୋଡ଼ି ଦେଉଛନ୍ତି ତାହା ମଧ୍ୟ ଏକ ସମ୍ପତ୍ତି।" ବିଜେପି-ଶିବସେନା ଲଢ଼େଇରେ ତାଳି ପକାଇବାକୁ ଉଦ୍ୟମ: ମେଣ୍ଟ ଧର୍ମ ପାଳନ ପାଇଁ ସିନ୍ଦେଙ୍କ ଆହ୍ୱାନମହାରାଷ୍ଟ୍ରର ଆଗାମୀ ପୌର ପରିଷଦ ଓ ନଗର ପଞ୍ଚାୟତ ନିର୍ବାଚନରେ ଶିବସେନା ଓ ବିଜେପି ପରସ୍ପର ମଧ୍ୟରେ ପ୍ରାର୍ଥୀ ଦେଇଛନ୍ତି। ଉଭୟ ଏକାଠି ମହାରାଷ୍ଟ୍ରରେ ସରକାର ଗଠନ କରିଥିବା ବେଳେ ସ୍ଥାନୀୟ ସଂସ୍ଥାର ନିର୍ବାଚନରେ ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ସମସ୍ତଙ୍କୁ ଚକିତ କରିଛି।

# ମସ୍କଙ୍କ ପାର୍ଟନର ଅଧା ଭାରତୀୟ

ୱାଶିଂଟନ : ବିଶ୍ୱର ୧ ନଂ ଧନୀ ତଥା ଟେସଲା ଓ ସ୍ପେଶ ଏକ୍ସ ସିଇଓ ଏଲନ ମସ୍କଙ୍କ ଭାରତୀୟ ଲିଙ୍କ। ମସ୍କଙ୍କ ପାର୍ଟନର ଶିଭୋନ ଜିଲିସ ହେଉଛନ୍ତି ଅଧା ଭାରତୀୟ। ଖାସ ଏଥିପାଇଁ ମସ୍କ ତାଙ୍କ ଜଣେ ପୁଅର ନାଁରେ ଶେଖର ବ୍ୟବହାର କରିଛନ୍ତି। ଏକଥା ନିଜେ ମସ୍କ କହିଛନ୍ତି।

ଜେରୋଧା ପ୍ରତିଷ୍ଠାତା ନିଖିଲ କାମାତଙ୍କ ପୋଡକାଷ୍ଟରେ ମସ୍କ ଏଯାଏ ଖୁଲାସା କରି ନଥିବା ଭାରତୀୟ ଲିଙ୍କ ବାବଦରେ ମତ ରଖିଛନ୍ତି। ।ତାଙ୍କ କହିବା କଥା ଯେ ଜିଲିସଙ୍କ ଠାରୁ ଜନ୍ମ ଗ୍ରହଣ କରିଥିବା ଦୁଇ ପୁଅଙ୍କ ମଧ୍ୟରୁ ଜଣଙ୍କ ମଧ୍ୟ ନାମ ବା ମିଡିଲ ନେମରେ ଶେଖର ରହିଛି। ଭାରତୀୟ ବଂଶୋଦ୍ଭବ ଆମେରିକୀୟ ପଦାର୍ଥ ବିଜ୍ଞାନୀ ତଥା ନୋବେଲ ବିଜେତା ସୁବ୍ରମଣ୍ୟମ ଚନ୍ଦ୍ରଶେଖରଙ୍କ ନାମ ଅନୁସାରେ ମସ୍କ ତାଙ୍କ ପୁଅର ନାଁ ରଖିଛନ୍ତି।

ପୋଡକାଷ୍ଟରେ ସେ କହିଛନ୍ତି, "ଆପଣ ଏକଥା ଜାଣିଛନ୍ତି କି ନାହିଁ ମୁଁ ଜାଣିନି। କିନ୍ତୁ ମୋ ପାର୍ଟନର ଶିଭୋନ ଅଧା ଭାରତୀୟ। ତାଙ୍କ ଠାରୁ ଜନ୍ମିତ ମୋର ଜଣେ ପୁଅର



ମଧ୍ୟ ନାମ ଚନ୍ଦ୍ରଶେଖରଙ୍କ ଅନୁସାରେ ଶେଖର ରଖିଛି।"ପୋଡକାଷ୍ଟରେ ତାଙ୍କୁ ଜିଲିସଙ୍କ ଭାରତୀୟ ଲିଙ୍କ ସମ୍ପର୍କରେ ଅଧିକ ସୂଚନା ଦେବାକୁ କୁହାଯାଇଥିଲା। ଏହି ସମୟରେ ମସ୍କ କହିଛନ୍ତି ଯେ "ଜିଲିସ କାନାଡାରେ ବଡ଼ ହୋଇଛନ୍ତି। ଛୋଟ ଥିବା ବେଳେ ତାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ନିଆଯାଇଥିଲା।

ମୋତେ ଲାଗୁଛି ତାଙ୍କ ବାପା କୌଣସି ବିଶ୍ୱବିଦ୍ୟାଳୟର ଏକ୍ସଚେଞ୍ଜ ଛାତ୍ର କିମ୍ବା ସେଭଳି କିଛି ଥିବେ। ମୁଁ କୌଣସି ବିସ୍ତୃତ ତଥ୍ୟ ସମ୍ପର୍କରେ ଜାଣିନାହିଁ। ହେଲେ ତାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ନିଆ ଯାଇଥିଲା। ସେ କାନାଡାରେ ହିଁ ବଡ଼ ହୋଇଛନ୍ତି।" ଜିଲିସ ୨୦୧୭ରେ ମସ୍କଙ୍କ ଏଆଇ କମ୍ପାନୀ ନେଉରାଲିଙ୍କରେ କାମ ଆରମ୍ଭ କରିଥିଲେ। ଏବେ ସେ କମ୍ପାନୀର ଅପରେସନ ଓ ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ୟାଲେ ବିଶ୍ୱବିଦ୍ୟାଳୟରୁ ଜିଲିସ ଅର୍ଥନୀତି ଓ ଫିଲୋସଫୀରେ ଡିଗ୍ରୀ ହାସଲ କରିଛନ୍ତି। ମସ୍କ ଓ ଜିଲିସ ୪ ସନ୍ତାନର ବାପା ମା'। ୩ ପୁଅ ଓ ଜଣେ ଝିଅଙ୍କୁ ଜନ୍ମ ଦେଇଛନ୍ତି ଜିଲିସ।

ଭାରତୀୟଙ୍କ ଯୋଗୁ ଆମେରିକା ଲାଭରେ ରହୁଥିବା ମଧ୍ୟ ମସ୍କ କହିଛନ୍ତି। ସେ କହିଛନ୍ତି, "ଭାରତର ଦକ୍ଷ ଲୋକଙ୍କ ପାଇଁ ଆମେରିକା ଯଥେଷ୍ଟ ଲାଭ ପାଉଛି। କିନ୍ତୁ ଏବେ ସବୁ କିଛି ବଦଳିବା ଭଳି ଲାଗୁଛି।" ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭିସା କଟକଣା ଲଗାଉଥିବାରୁ ମସ୍କ ଏପରି ମତ ରଖିଛନ୍ତି।

# ଭେନିଜୁଏଲା ରାଷ୍ଟ୍ରପତିଙ୍କୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ୍ : ଭେନେଜୁଏଲା ସହିତ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଦେଶ ଛାଡିବାକୁ ଧମକ ଦେଇଛନ୍ତି। ଟ୍ରମ୍ପ ରବିବାର ସ୍ୱୀକାର କରିଥିଲେ ଯେ ସେ ମାଦୁରୋଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିଲେ, ଯଦିଓ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ବିବରଣୀ ତୁରନ୍ତ ଜଣାପଡିନାହିଁ।



ମିଆମି ହେରାଲ୍ଡର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ନିକୋଲାସ ମାଦୁରୋଙ୍କୁ ଫୋନ୍ ମାଧ୍ୟମରେ ଚେତାବନୀ ଦେଇ କହିଛନ୍ତି, "ଯଦି ଆପଣ ନିଜକୁ ଏବଂ ଆପଣଙ୍କ ପରିବାରକୁ ବଞ୍ଚାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ତୁରନ୍ତ ଦେଶ (ଭେନେଜୁଏଲା) ଛାଡିବାକୁ ପଡିବ।" ଟ୍ରମ୍ପ ମାଦୁରୋ, ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସ ଏବଂ ସେମାନଙ୍କ ପୁଅକୁ ସୁରକ୍ଷିତ ପଥ ପ୍ରଦାନ କରିଥିଲେ, କିନ୍ତୁ ସର୍ତ୍ତ ଥିଲା ଯେ ସେମାନେ ତୁରନ୍ତ ଚାଲିଯିବାକୁ ପଡିବ। ତଥାପି, ଭେନେଜୁଏଲା ଏହି ସର୍ତ୍ତଗୁଡ଼ିକୁ ଗ୍ରହଣ କରିବାକୁ ମନା କରିଦେଇଥିଲା, ଯାହା ଫଳରେ ଆଲୋଚନା ଭାଙ୍ଗିଗଲା।

ଆମେରିକା ଭେନେଜୁଏଲା ଦେଇ ଆମେରିକାକୁ ଔଷଧ ଯୋଗାଣ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ନିକଟରେ ଟ୍ରମ୍ପ ଭେନେଜୁଏଲାର ଆକାଶମାର୍ଗ ବନ୍ଦ କରିବାର ଘୋଷଣା କରିଥିଲେ, ଯାହାକୁ ମାଦୁରୋ ସରକାର ଅନ୍ତର୍ଜାତୀୟ ମାନଦଣ୍ଡ ଉଲ୍ଲଂଘନ ଏବଂ ଏକ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରତି ସିଧାସଳଖ ବିପଦ ବୋଲି ବର୍ଣ୍ଣନା କରିଛନ୍ତି।

# ବିଜେପି ସହ ସାଲିସ ପାଇଁ ଉଦ୍ୟମ

ନୂଆଦିଲ୍ଲୀ : ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସହଯୋଗୀ ବିଜେପି ସହ ଚାଲିଥିବା ଲଢ଼େଇରେ ତାଳି ପକାଇବାକୁ ଉଦ୍ୟମ କରିଛନ୍ତି। ମହାରାଷ୍ଟ୍ରର ଆଗାମୀ ପୌର ପରିଷଦ ଓ ନଗର ପଞ୍ଚାୟତ ନିର୍ବାଚନରେ ଶିବସେନା ଓ ବିଜେପି ପରସ୍ପର ମଧ୍ୟରେ ପ୍ରାର୍ଥୀ ଦେଇଛନ୍ତି। ଉଭୟ ଏକାଠି ମହାରାଷ୍ଟ୍ରରେ ସରକାର ଗଠନ କରିଥିବା ବେଳେ ସ୍ଥାନୀୟ ସଂସ୍ଥାର ନିର୍ବାଚନରେ ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ସମସ୍ତଙ୍କୁ ଚକିତ କରିଛି। ଏହାକୁ ନେଇ ବିବାଦ ଦେଖା ଦେଇଥିବା ବେଳେ ବଡ଼ ବୟାନ ଦେଇଛନ୍ତି ଶିବସେନା ମୁଖ୍ୟ ତଥା ଉପ ମୁଖ୍ୟମନ୍ତ୍ରୀ ସିନ୍ଦେ। ସେ ମେଣ୍ଟର ଧର୍ମ ପାଳନ କରିବା ପାଇଁ ସମସ୍ତ ସହଯୋଗୀଙ୍କୁ ଆହ୍ୱାନ ଦେଇଛନ୍ତି। ତାଙ୍କ କହିବା କଥା ଯେ ଲୋକାଲ ବଡି ନିର୍ବାଚନ ଦଳୀୟ କର୍ମୀଙ୍କ ନିର୍ବାଚନ ଓ ଶିବସେନା କ୍ଷମତାସୀନ ମହାୟୁତି ସହଯୋଗୀଙ୍କ ବିରୋଧରେ ପ୍ରଚାର କରିବ ନାହିଁ ବୋଲି ସେ କହିଛନ୍ତି। ଗୋଟିଏ ସାକ୍ଷାତକାରରେ ଶିବସେନା ମୁଖ୍ୟ ସିନ୍ଦେ ନିଶ୍ଚିତ କରିଛନ୍ତି ଯେ ଦଳର ନେତା ଓ କର୍ମୀମାନେ ସ୍ଥାନୀୟ ସଂସ୍ଥାର ନିର୍ବାଚନ ପାଇଁ ପ୍ରଚାର କରିବା ବେଳେ କେବେ ହେଲେ ଅତ୍ୟନ୍ତ ନିନ୍ଦନୀୟ ବୟାନ ଦେବେ ନାହିଁ। ସେ କହିଛନ୍ତି, "ଭିନ୍ନ ଭିନ୍ନ ପ୍ରସଙ୍ଗରେ ଆମେ ଆମ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛୁ। ଆମେ କେବେ ହେଲେ ନିନ୍ଦନୀୟ ବୟାନ ଦେଇ ନାହୁଁ କିମ୍ବା ଦେବୁ ନାହିଁ। ଆମ ଏଜେଣ୍ଡା ହେଲା ବିକାଶ। ଆମେ ଆମ ସହଯୋଗୀଙ୍କ ବିରୋଧରେ ପ୍ରଚାର କରୁ ନାହୁଁ। କିନ୍ତୁ ହଁ, ସମସ୍ତେ ମେଣ୍ଟର ଧର୍ମକୁ ପାଳନ କରିବା ଉଚିତ। ଶିବସେନା ଓ ବିଜେପି ଏକାଠି ଗୋଟିଏ ମେଣ୍ଟ କରିବେ ଓ ପ୍ରତିଟି ନିଗମରେ କେମିତି କ୍ଷମତାକୁ ଫେରିବେ, ସେହି ଭୂମିକା ହେଉଛି ଆମର।"

ବିଜେପି ଓ ଶିବସେନା କର୍ମୀମାନେ ପରସ୍ପର ବିରୋଧରେ ବୟାନ ଦେବା ଓ ଏହି ବନ୍ଧୁତ୍ୱ ପୂର୍ଣ୍ଣ ଲଢ଼େଇର ପ୍ରଭାବ କ'ଣ କ୍ଷମତାସୀନ ମହାୟୁତି ଉପରେ ପଡ଼ିବ ନାହିଁ କି ପ୍ରଶ୍ନର ଉତ୍ତରରେ ସିନ୍ଦେ କହିଛନ୍ତି ଯେ ସ୍ଥାନୀୟ ସଂସ୍ଥା ନିର୍ବାଚନ ଗୋଟିଏ ପ୍ରତିଯୋଗିତା ନୁହେଁ।

ସେ କହିଛନ୍ତି, "କିଛି ସ୍ଥାନରେ ଆମେ ଏକାଠି ଲଢ଼ିଛୁ ଓ କିଛି ସ୍ଥାନରେ କର୍ମୀଙ୍କ ଭାବନା, ସ୍ଥାନୀୟ ସ୍ଥିତି ଓ ରଣନୀତି ଯୋଗୁ ଆମେ ଅଲଗା ଅଲଗା ନିର୍ବାଚନ ଲଢୁଛୁ। ଏହି କର୍ମୀମାନେ ଆମ ସାଂସଦ ଓ ବିଧାୟକଙ୍କ ଦ୍ୱାରା ଚୟନ ହୋଇଥାଆନ୍ତି। ଆମେ ପୂର୍ବରୁ ହିଁ ଲୋକସଭା ଓ ବିଧାନସଭା ସ୍ତରରେ ସରକାର ଚଳାଉଛୁ।ଯେହେତୁ ଏସବୁ ଦଳୀୟ କର୍ମୀଙ୍କ ନିର୍ବାଚନ, ସେମାନେ ନିଶ୍ଚିତ ଭାବେ ଚାହିଁବେ ସେମାନଙ୍କ ନେତାମାନେ ପ୍ରଚାର ପାଇଁ ଆସନ୍ତୁ। ତେଣୁ ଆମେ ଯେଉଁଠିକୁ ଯିବା ସମ୍ଭବ, ସେଠାକୁ ଯାଇଥାଉ।" ଏପରି ବୟାନ ଦେଇ ସେ ବିଜେପି ଓ ଶିବସେନା ମଧ୍ୟରେ ରହିଥିବା ଫାଟରେ ତାଳି ପକାଇବାକୁ ଯଥା ସମ୍ଭବ ଚେଷ୍ଟା କରିଛନ୍ତି।

ସିନ୍ଦେ ମହାୟୁତିର ଐତିହାସିକ ଗୁରୁତ୍ୱ ଉପରେ ମଧ୍ୟ ମତ ରଖିଛନ୍ତି। ସେ କହିଛନ୍ତି, "ଆମେ ମେଣ୍ଟ(ବିଜେପି ଓ ଶିବସେନା) ମେଣ୍ଟ ବେଶ ପୁରୁଣା। ବାଲାସାହେବ ଠାକରେ, ଅଟଳ ବିହାର ବାଜପେୟୀ ଓ ଏଲକେ ଆଡଭାନୀଙ୍କ ଯୁଗରୁ ଏହି ମେଣ୍ଟ ରହିଛି। ଏହା ବିଚାରଧାରାର ମେଣ୍ଟ। ଆମର ମୂଳ ବିଚାରଧାରା ହେଉଛି ସମସ୍ତଙ୍କ ବିକାଶ।

ଯଦି ବିହାରରେ ଏନଡିଏ ଏକାଠି ରହିଛି, ତା'ହେଲେ ଦେଶବ୍ୟାପୀ ଏହା ସଶକ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନଡିଏକୁ ଉଚ୍ଚତମ ସ୍ଥାନକୁ ନେଇଛନ୍ତି। ଦେଶ ସାରା ସଫଳତା ପାଇବା ଗୋଟିଏ ବଡ଼ କଥା। ଏପରି ସ୍ଥିତିରେ ପଦପଦବୀ ଓ ବିଭାଗ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆମ ଏଜେଣ୍ଡା ପୂରା ସ୍ୱଚ୍ଛ ଓ ଏହା କେବଳ ବିକାଶ।" ମଙ୍ଗଳବାର ମହାରାଷ୍ଟ୍ରର ୨୪୨ଟି ପୌର ପରିଷଦ ଓ ୪୬ଟି ନଗର ପଞ୍ଚାୟତ ପାଇଁ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ।

# ସଂସଦରେ ପୋଷା କୁକୁରକୁ ଧରି ପହଞ୍ଚିଲେ ରେଣୁକା

ନୂଆଦିଲ୍ଲୀ: ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ତାଙ୍କ ପୋଷା କୁକୁରକୁ ଧରି ସାଂସଦରେ ପହଞ୍ଚିବା ଘଟଣାକୁ ନେଇ ବିବାଦ ଦେଖା ଦେଇଛି। ରେଣୁକା ତାଙ୍କ ପୋଷା କୁକୁର ସହିତ କାରରେ ଆସିବାର ଭିଡିଓ ରାଜନୈତିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବିଜେପି ଏହାକୁ ସଂସଦର ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କହି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ବିବାଦ ସୃଷ୍ଟି ହେବାପରେ ରେଣୁକା ଚୌଧୁରୀ ଏହି ଘଟଣା ବିଷୟରେ ପ୍ରତିକ୍ରିୟା ଦେଇ କହିଛନ୍ତି, "ଏହି ଘଟଣାକୁ ଅଯଥାରେ ଆଲୋଚନାର ପରିସରକୁ ଅଣାଯାଉଛି। ଯଦି ଏକ ପଶୁ ଗୃହ ଭିତରକୁ ପଶିଆସିଲା ତେବେ ଏଥିରେ ସମସ୍ୟା କେଉଁଠି ରହିଲା? ଏହା ଏକ ଛୋଟ ପଶୁ। ଯିଏକି କାହାକୁ କାମୁଡ଼ିବ ନାହିଁ ସେ ବିଶ୍ୱାସ



ମୋର ଅଛି। ସଂସଦ ଭିତରେ ଏମିତି ଅନେକଲୋକ ଅଛନ୍ତି ଯେଉଁମାନେ କାମୁଡ଼ି ପାରିବେ।

ରେଣୁକା ଚୌଧୁରୀ ପ୍ରତିକ୍ରିୟା ଦେଇ କହିଛନ୍ତି, "ଯଦି ସରକାର ଅଧିବେଶନ ବିଷୟରେ ଏତେ ଚିନ୍ତିତ, ତେବେ ନିର୍ଦ୍ଧାରିତ ଏକ ମାସର ଅଧିବେଶନକୁ ପନ୍ଦର ଦିନକୁ କାହିଁକି ହ୍ରାସ କରାଗଲା? ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ସେ ବିଷୟରେ ଆପଣମାନେ କାହିଁକି ଚିନ୍ତିତ? ଯଥେଷ୍ଟ ପ୍ରସଙ୍ଗ ନଥିଲା କି? ତେବେ ଅଧିବେଶନକୁ କାହିଁକି ସଂକ୍ଷିପ୍ତ କରାଗଲା?

# ମୋବାଇଲରେ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ ପାଇଁ ଡିଓଟିର ନିର୍ଦ୍ଦେଶ

ନୂଆଦିଲ୍ଲୀ : ଏଣିକି ଭାରତରେ ବ୍ୟବହୃତ ହେଉଥିବା ସବୁ ମୋବାଇଲ ହ୍ୟାଣ୍ଡସେଟରେ ସଞ୍ଚାର ସାଥୀ ଆପ୍ ପ୍ରି-ଇନଷ୍ଟଲ୍ ବା ଆଗୁଆ ଇନଷ୍ଟଲ ହେବା ଆବଶ୍ୟକ। ଭାରତରେ ନିର୍ମିତ ଏବଂ ଭାରତରେ ବ୍ୟବହାର ଲାଗି ଆମଦାନୀ ହେଉଥିବା ସବୁ ହ୍ୟାଣ୍ଡସେଟ୍ ପାଇଁ ଏହା ବାଧ୍ୟତାମୂଳକ ବୋଲି ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ମୋବାଇଲ୍ ହ୍ୟାଣ୍ଡସେଟ୍ ଅସଲି ବୋଲି ପ୍ରମାଣିତ ହୋଇପାରିବ। ଏଥିସହିତ ଦୂରସଞ୍ଚାର ଉତ୍ସର ସନ୍ଦିଗ୍ଧ ଅପବ୍ୟବହାର ସମ୍ପର୍କରେ ସହଜରେ ଅଭିଯୋଗ କରାଯାଇପାରିବ ଏବଂ ସଞ୍ଚାର ସାଥୀ କାର୍ଯ୍ୟକ୍ରମର ପ୍ରଭାବୀ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ। ମୋବାଇଲ୍ ହ୍ୟାଣ୍ଡସେଟର ସବୁ ନିର୍ମାତା ଏବଂ ଆମଦାନୀକାରୀମାନଙ୍କୁ





ଏହି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି।

ଡିଭାଇସ୍ ସେଟଅପ୍ ସମୟରେ ଆପ୍ ସହଜରେ ବ୍ୟବହାରକାରୀଙ୍କୁ ଆକ୍ସେସିବଲ ହେବାର ବ୍ୟବସ୍ଥା ମୋବାଇଲ ନିର୍ମାତା କରିବା ଉଚିତ୍ ବୋଲି ଏହି ନିର୍ଦ୍ଦେଶରେ କୁହାଯାଇଛି । ଏହାର କୌଣସି ଫିଚର୍ ଡିଜେବ୍ଲ କିମ୍ବା ସୀମିତ ହେବା ଉଚିତ୍ ନୁହେଁ ବୋଲି ଦୂରସଞ୍ଚାର ବିଭାଗ କହିଛି । ଏହାସହିତ ଭାରତରେ ପୂର୍ବରୁ ନିର୍ମାଣ ହୋଇସାରିଥିବା ଏବଂ ବଜାରରେ ବିକ୍ରି ପାଇଁ ଉପଲବ୍ଧ ହୋଇଥିବା ସବୁ ମୋବାଇଲ୍ ଡିଭାଇସରେ ସଫ୍ଟୱେର ଅପଡେଟ୍ ଜରିଆରେ ଏହି ଆପ୍ କୁ ଇନଷ୍ଟଲ କରିବା ଲାଗି ମୋବାଇଲ ନିର୍ମାତା ଏବଂ ଆମଦାନୀକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୯୦ ଦିନ ମଧ୍ୟରେ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ସହିତ ୧୨୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।

ସାଇବର ଠକେଇ ପାଇଁ ଦୂରସଞ୍ଚାର ଉତ୍ସର ଅପବ୍ୟବହାରକୁ ରୋକିବା ଲାଗି ସଞ୍ଚାର ସାଥୀ କାର୍ଯ୍ୟକ୍ରମ ଆରମ୍ଭ କରିଛି ଦୂରସଞ୍ଚାର ବିଭାଗ । ଏହା ଦୂରସଞ୍ଚାର ସାଇବର ସୁରକ୍ଷା ସୁନିଶ୍ଚିତ କରୁଛି । ନାଗରିକମାନେ ସଞ୍ଚାର ସାଥୀ ଆପ୍ ଏବଂ ପୋର୍ଟାଲରେ ଆଇଏମଇଆଇ ନମ୍ବର ଦାଖଲ କରି ମୋବାଇଲ ହ୍ୟାଣ୍ଡସେଟ୍ ଅସଲି କିମ୍ବା ନକଲି ତାହା ଜାଣିପାରିବେ ଏବଂ କୌଣସି ପ୍ରକାର ସନ୍ଦିଗ୍ଧ ଅପବ୍ୟବହାର ସମ୍ପର୍କରେ ଅଭିଯୋଗ କରିପାରିବେ। ମୋବାଇଲ ହ୍ୟାଣ୍ଡସେଟ ଜରିଆରେ ଠକେଇ, ମୋବାଇଲ ଚୋରି ହେବା କିମ୍ବା ହଜିଯିବା, ନିଜ ନାମରେ ଥିବା ମୋବାଇଲ ସଂଯୋଗ ଯାଞ୍ଚ କରିବା ସହିତ ଆର୍ଥିକ ଓ ବ୍ୟାଙ୍କ କାରବାରକୁ ବିଶ୍ୱସନୀୟ କରିବା କ୍ଷେତ୍ରରେ ଏହି ଆପ୍ ଓ ପୋର୍ଟାଲ ବିଶେଷ ସହାୟକ ହେଉଛି ।

## ମହିଳା ଦୃଷ୍ଟିବାଧିତ ଟି-୨୦ ବିଶ୍ୱକପ୍

# ଓଡ଼ିଶାର ୪ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧।୧୨(ସବ୍ୟୁ) : ଶ୍ରୀଲଙ୍କାର କଲମ୍ବୋ ଠାରେ ଆୟୋଜିତ ପ୍ରଥମ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ରେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ଦଳ ଏକ ରୋମାଞ୍ଚକର ଫାଇନାଲରେ ନେପାଳକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି । ଏହି ବିଶ୍ୱକପ ଦଳରେ ଓଡ଼ିଶାରୁ ୪ ଜଣ- ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା ପ୍ରତିନିଧିତ୍ୱ କରିଥିଲେ। ଆଜି ସେଠାରୁ ଫେରିବା ପରେ, ବିଶ୍ୱ ଚାମ୍ପିଅନମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜ ବାସଭବନ ଠାରେ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ପ୍ରତ୍ୟେକ ଖେଳାଳୀଙ୍କୁ ମୁଖ୍ୟମନ୍ତ୍ରୀ, ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳୀମାନଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରଶଂସା କରି ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଖେଳରେ ଉତ୍କର୍ଷ ପ୍ରଦର୍ଶନ କରି ଆପଣମାନେ, ଦେଶ ଓ ରାଜ୍ୟ ପାଇଁ ଯଶ ଆଣିଛନ୍ତି ବୋଲି କହିଥିଲେ। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆପଣମାନେ ପ୍ରେରଣା ହୋଇଛନ୍ତି ବୋଲି ମତ ଦେଇ ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଜାରି ରଖିବାକୁ ସେ ଖେଳାଳୀମାନଙ୍କୁ ଉପଦେଶ ଦେଇଥିଲେ।

## ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ

ଏହି ଅବସରରେ କ୍ରୀଡା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ନିର୍ଦ୍ଦେଶକ ଡକ୍ଟର ୟେଦୁଲା ବିଜୟ, ଦଳର କୋଚ ଶ୍ରୀ ଦେବାଶିଷ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଲ୍ ଓଡିଶା ବାରବାଟୀ କପ୍ କ୍ରିକେଟ, ସେମିରେ ନିମପୁର କଟକ

ନିମାପଡା,(ସବ୍ୟୁ): ନିମାପଡା ବାରବାଟୀ ପଡିଆରେ ଚାଲିଥିବା ଅଲ୍ ଓଡିଶା ବାରବାଟୀ କପ୍ ତଥା ୫ମ ଟୁବୁଲି ମେମୋରିଆଲ୍ କ୍ରିକେଟ ପ୍ରତିଯୋଗିତାର ଆଜି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଯାଞ୍ଚ ଅନୁଷ୍ଠିତ ହୋଇଯାଇଛି । ସୋମବାର ମ୍ୟାଚରେ ଏମ୍.ସି.ସି ଭୁବନେଶ୍ୱରକୁ ହରାଇ ନିମପୁର କଟକ ସେମିରେ ପ୍ରବେଶ କରିଛି । ୩୦ ଓଭର ବିଶିଷ୍ଟ ଆଜିର ମ୍ୟାଚରେ ନିମପୁର ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା। ନିମପୁର ପ୍ରଥମେ ବ୍ୟାଟିଂ କରି ସମସ୍ତ ଓଭର ଖେଳି ୯ଟି ୱିକେଟ ହରାଇ ୨୫୩ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ସ୍ୱାଧିନ ପାତ୍ର ସର୍ବାଧିକ ୭୭ରନ୍ ଓ ବିକ୍ରମ ସାମଲ ୬୦ ରନ୍ ସଂଗ୍ରହ କରିଥିଲେ । ଏମ୍.ସି.ସି ବୋଲର ଉଦୟ ଜଟ ଓ କେ.ଦୀପକ ପାତ୍ର ପ୍ରତ୍ୟକ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏହାର ଜବାବରେ ଏମ୍.ସି.ସି ଦଳ ବ୍ୟାଟି କରି ୨୭ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୭୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରଶ୍ମି ରଂଜନ ଜେନା ୫୦ ରନ୍,ଅନୁରାଗ ସରଙ୍ଗି ୪୧ ରନ୍ ସଂଗ୍ରହ କରିଥିଲେ। ନିମପୁର ଦଳର ବୋଲର ସୁମିତ ରାଉତ ଓ ଦିବ୍ୟାଂଶୁ ନାୟକ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ସ୍ୱାଧିନ ପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।



# ଗମ୍ଭୀର ଓ ଅଗରକରଙ୍କୁ ଜରୁରୀ ବୈଠକକୁ ଡାକିଲା ବିସିସିଆଇ

ମୁମ୍ବାଇ, ୧।୧୨(ଏଜେନ୍ସି) : ଭାରତୀୟ କ୍ରିକେଟ ଟିମର ମୁଖ୍ୟ କୋଚ ଗୌତମ ଗମ୍ଭୀର, ଚୟନ କମିଟି ଅଧକ୍ଷ ଅଜିତ ଅଗରକର ଓ ଅନ୍ୟ କିଛି ବରିଷ୍ଠ ଅଧିକାରୀଙ୍କୁ ହଠାତ୍ ଜରୁରୀ ବୈଠକକୁ ଡାକିଛି ବିସିସିଆଇ । ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଦ୍ୱିତୀୟ ଦିନିକିଆ ଖେଳିବ । ଏହାପୂର୍ବରୁ ହିଁ ଜରୁରୀ ବୈଠକ ଡକାଯାଇଛି । କୌଣସି ଜରୁରୀ ପ୍ରସଙ୍ଗକୁ ତତ୍କାଳ ଆଲୋଚନା ଲକ୍ଷ୍ୟରେ ଏପରି ବୈଠକ ବିସିସିଆଇ ଡାକିଥିବା ଖବର ପ୍ରକାଶ ପାଇଛି ।

ଭାରତୀୟ କ୍ରିକେଟର ଟିମର ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଉଭୟ କ୍ରମାଗତ ଦିନିକିଆରେ ଦମଦାର ପ୍ରଦର୍ଶନ କରି ଚାଲିଛନ୍ତ । ରୋହିତ ଅଷ୍ଟ୍ରେଲିଆ ବିପକ୍ଷରେ ଶତକ ମାରିଥିବା ବେଳେ ବିରାଟ ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶତକ ହାସଲ କରିଥିଲେ । ସମ୍ଭବତଃ ବିରାଟ ଓ ରୋହିତଙ୍କ ପ୍ରସଙ୍ଗରେ କିଛି ନିଷ୍ପତ୍ତି ନେବାକୁ ବିସିସିଆଇ ଚାହୁଁଥିବାରୁ ଗମ୍ଭୀର ଓ ଅଗରକରଙ୍କୁ ନେଇ ବୈଠକ ଡାକିଛି ।



ପ୍ରକାଶିତ ରିପୋର୍ଟ ଅନୁସାରେ, ଜରୁରୀ ବୈଠକରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂହ ଭାଟିଆ, ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଜାତୀୟ ଚୟନ କମିଟିର ଅଧକ୍ଷ ଅଜିତ ଅଗରକର ସାମିଲ ହେବେ। ନୂଆ କରି ବିସିସିଆଇର ସଭାପତି ହୋଇଥିବା ମିଥୁନ ମନହାସ ବୈଠକରେ ଯୋଗଦେବେ କି ନାହିଁ, ସେକଥା ସ୍ପଷ୍ଟ ହୋଇନାହିଁ। ମ୍ୟାଚ ଦିନ ବୈଠକ ଡକାଯାଇଥିବାରୁ ରୋହିତ ଓ ବିରାଟଙ୍କ ଭଳି ବରିଷ୍ଠ ଖେଳାଳିଙ୍କୁ ବୈଠକକୁ ଡକା ଯିବାର ସମ୍ଭାବନା କମ ରହିଛି ।

ବିସିସିଆଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ରିପୋର୍ଟରେ ଦାବି କରାଯାଇଛି ଯେ ଦଳରେ ଖେଳାଳିଙ୍କ ଚୟନରେ ସ୍ଥିରତା ରଖିବା ସହ ଭବିଷ୍ୟତ ଓ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଏପରି ବୈଠକ ଡକାଯାଇଛି। ସେହିପରି ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ଟିମର ନୈରାଶ୍ୟଜନକ ପ୍ରଦର୍ଶନର ମାନସମନ୍ଥନ ମଧ୍ୟ ବୈଠକରେ ହେବ।

ଉଭୟ ଗମ୍ଭୀର ଓ ଅଗରକର ବୈଠକରେ ଯୋଗ ଦେବାର ଥିବାରୁ ବିସିସିଆଇ ସେମାନଙ୍କ ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ମଧ୍ୟ ଜାଣିବାକୁ ଲକ୍ଷ୍ୟ ରଖିଛି। ୨୦୨୬ରେ ଭାରତରେ ଟି-୨୦ ବିଶ୍ୱକପ ଖେଳାଯିବ। ସେହିପରି ୨୦୨୭ରେ ଦିନିକିଆ ବିଶ୍ୱକପ ରହିଛି। ତେଣୁ ଦଳରେ ଥିବା ସବୁ ପ୍ରକାରର ଦ୍ୱନ୍ଦକୁ ବିସିସିଆଇ ତୁରନ୍ତ ସମାଧାନ କରିବାକୁ ଚାହୁଁଥିବାରୁ ବୈଠକ ଡକାଯାଇଥିବା ଏହି ସୂତ୍ରରେ ଦାବି କରାଯାଇଛି।

# ଚିନ୍ନାସ୍ୱାମୀରେ ଆଇପିଏଲ୍ ୨୦୨୬ ଆୟୋଜନ ନେଇ ସନ୍ଦେହ

ନୂଆଦିଲ୍ଲୀ, ୧।୧୨(ଏଜେନ୍ସି) : ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ୨୦୨୬ର ଆୟୋଜନ ନେଇ ସନ୍ଦେହ ରହିଛି। ଚଳିତ ବର୍ଷ ଆରମ୍ଭରେ ଦଳାଚକଟା ଘଟଣା ପରେ ଏହି ପଦକ୍ଷେପ ନିଆଯାଇଛି। ସରକାର ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ନେଇ କେତେକ ସର୍ତ୍ତ ରଖିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଖେଳ ଆୟୋଜନ ପାଇଁ ଅନୁମୋଦନ ଦେବା ପୂର୍ବରୁ ଏକ ବ୍ୟାପକ ଗଠନମୂଳକ ଫିଟନେସ୍ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପୂର୍ତ୍ତ ବିଭାଗ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ଆସୋସିଏସନ୍ (କେଏସସିଏ)କୁ ଏକ ଆନୁଷ୍ଠାନିକ ନୋଟିସ୍ ଜାରି କରିଛି ।, ଷ୍ଟାଡିୟମ ପାଇଁ ଏକ ବିସ୍ତୃତ ଗଠନମୂଳକ ସୁରକ୍ଷା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି। ରିପୋର୍ଟଟି ଜାତୀୟ ପରୀକ୍ଷା ଏବଂ କାଲିବ୍ରେସନ୍ ଲାବୋରେଟୋରୀ (ଏନଏବିଏଲ୍) ଦ୍ୱାରା ପ୍ରମାଣିତ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରାଯିବା ଆବଶ୍ୟକ। ସହରର ମଧ୍ୟଭାଗରେ ପିଡବ୍ଲ୍ୟୁଡି-ଲିଜ୍ ହୋଇଥିବା ୧୭ ଏକର ଜମିରେ ନିର୍ମିତ, ଷ୍ଟାଡିୟମଟି ଏବେ ପ୍ରଦର୍ଶନ କରିବାକୁ ପଡିବ ଯେ ଏହାର ଦର୍ଶକ ଗ୍ୟାଲେରୀ ଏବଂ ସାମଗ୍ରିକ ଗଠନ ବହୁ ସଂଖ୍ୟାରେ ଭିଡ଼ ପାଇଁ ସୁରକ୍ଷିତ। ସରକାର ସ୍ପଷ୍ଟ କରିଛନ୍ତି ଯେ କେବଳ ନିରପେକ୍ଷ ବିଶେଷଜ୍ଞମାନେ ଷ୍ଟାଡିୟମର ସଂରଚନିକ ଫିଟନେସ୍ ପ୍ରମାଣିତ କରିବା ପରେ ହିଁ ୨୦୨୬ରେ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ। ଜୁନ୍ ମାସରେ ହୋଇଥିବା ଦଳାଚକଟା ଘଟଣା ପରଠାରୁ ଏମ୍ ଚିନ୍ନାସ୍ୱାମୀଙ୍କୁ ଗୋଟିଏ ବି ମ୍ୟାଚ୍ ପାଇଁ ଆୟୋଜନ ଅଧିକାର ଦିଆଯାଇନାହିଁ।



## ଗୟାବନ୍ଧ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ

# ଖୋର୍ଦ୍ଧା ବାଲୁଙ୍କେଶ୍ୱର କ୍ଲବ ଚାମ୍ପିଅନ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ବାପୁଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା ବାଲୁଙ୍କେଶ୍ୱର କ୍ଲବ ଗୟାବନ୍ଧ ବାପୁଜୀ କ୍ଲବକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ସମୁଦାୟ ଆଠଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚରେ



ବାଲୁଙ୍କେଶ୍ୱର କ୍ଲବ ୨୦-୧୭, ୧୫-୨୦ ଓ ୧୫-୧୩ ରେ ଗୟାବନ୍ଧ ବାପୁଜୀ କ୍ଲବ କୁ ହରାଇ ଚାମ୍ପିଅନ ହୋଇଛି । ଏହି ଖେଳକୁ ଶରତ କୁମାର ଛୋଟରାୟ, ଜଗା ସାମନ୍ତ ପରିଚାଳନା କରିଥିଲେ । ଏଥିରେ ଅତିଥି ଭାବେ ସମାଜସେବୀ ସୁଶାନ୍ତ କୁମାର ଶ୍ରୀଚନ୍ଦନ ଓ ଭାଗିରଥି ଭୁଜବଳ ଯୋଗଦେଇ ବିଜେତା ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳରେ ଜୟକୃଷ୍ଣ ଶ୍ରୀଚନ୍ଦନ, ସାଜିଦ ଖାଁ, ଅର୍ଜୁନ ଭୁଜବଳ, ମଞ୍ଜୁର ଖାଁ, ଗୌଶ ଖାଁ, ସନ୍ତୋଷ ଭୁଜବଳ, ଆଲୋକ ଭୁଜବଳ ଓ ବିଶନାଥ ଭୁଜବଳ ପ୍ରମୁଖ ସହଯୋଗ କରିଥିଲେ ।

## ଭାରତ ବନାମ ଆଫଗାନିସ୍ତାନ ଅଣ୍ଡର-୧୯

# ଖରାପ ପାଗ ଯୋଗୁଁ ତ୍ରି-ସିରିଜ ଫାଇନାଲ୍ ବାତିଲ

ନୂଆଦିଲ୍ଲୀ, ୧।୧୨(ସବ୍ୟୁ) : ଭାରତ ଅଣ୍ଡର-୧୯ ଦଳ ୧୯ ଓଭରରେ ୫ ୱିକେଟ୍ ହରାଇ ୭୯ ରନ୍ କରି ସଂଘର୍ଷ କରୁଥିଲା । ଯେତେବେଳେ ବର୍ଷା ଏବଂ ଖରାପ ଆଲୋକର ମିଶ୍ରଣ ଯୋଗୁଁ ଖେଳ ବନ୍ଦ ହୋଇଗଲା ଏବଂ ସେହି ସ୍ଥାନରୁ ମ୍ୟାଚ୍ ଆଉ କେବେ ଆରମ୍ଭ ହୋଇ ନଥିଲା । ପ୍ରତିକୂଳ ପାଗ ଯୋଗୁଁ ରବିବାର ବେଙ୍ଗାଲୁରୁରେ ଭାରତ ଅଣ୍ଡର-୧୯ ଏବଂ ଆଫଗାନିସ୍ତାନ ପ୍ରତିପକ୍ଷଙ୍କ ମଧ୍ୟରେ ଦିନିକିଆ ତ୍ରି-ସିରିଜ ଫାଇନାଲ୍ ବାତିଲ କରିବାକୁ ପଡିଥିଲା ।

ଦ୍ରୁତ ବୋଲର ଅବଦୁଲ ଅଜିଜ୍ ପ୍ରାରମ୍ଭିକ କ୍ଷତି କରିଥିଲେ, ଅଧିନାୟକ ବିହାନ ମାଲହୋତ୍ରା ଏବଂ ବଂଶ ଆଚାର୍ଯ୍ୟଙ୍କ ୱିକେଟ୍ ନେଇ ଭାରତୀୟ କୋଲାପସ୍ ୪ ୱିକେଟ୍ ହରାଇ ୨୪ ରନ୍‌ରେ ଖସି ଆସିଥିଲେ ।

କନିଷ୍କ ଚୌହାନ (୨୮ ଅପରାଜିତ, ୨୮ ବି) ଏବଂ ଅଭିଜ୍ଞାନ କୁଣ୍ଡୁ (୨୭, ୩୨ ବି) ପଞ୍ଚମ ୱିକେଟ୍ ପାଇଁ ୫୧ ରନ୍ ଯୋଡ଼ି କିଛି ସମୟ ପାଇଁ ସ୍ଲାଇଡ୍ ବନ୍ଦ କରିଦେଲେ ଏବଂ ପରବର୍ତ୍ତୀ ଖେଳାଳିଙ୍କ ମୃତ୍ୟୁ ଘଟିଲା ।

# କଳିଙ୍ଗରେ ସବ-ଜୁନିୟର ଜାତୀୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍

ଭୁବନେଶ୍ୱର, ୧।୧୨ (ସବ୍ୟୁ) : ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆରମ୍ଭ ହୋଇଛି ୩୭ତମ ଜାତୀୟ ସବ-ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍। ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆୟୋଜିତ ହେବ।

ଆଜିର ଉଦ୍‌ଘାଟନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ୩୭ତମ ଜାତୀୟ ସବ-ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍ର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ କ୍ରୀଡ଼ାବିତ୍ମାନେ ଟୁର୍ଣ୍ଣାମେଣ୍ଟରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ପ୍ରଦାନ କରିବେ ବୋଲି ମୁଁ ଆଶା କରୁଛି। ଏଥିସହ ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର ସମସ୍ତ ବ୍ୟାଡ଼ମିଣ୍ଟନ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରେରିତ କରିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।



ପ୍ରକାଶଯୋଗ୍ୟ ଯେ, ୩୭ତମ ଜାତୀୟ ସବ ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପରେ ଅଣ୍ଡର-୧୫ ଓ ଅଣ୍ଡର-୧୭ ବର୍ଗରେ କ୍ରୀଡ଼ାବିତ୍ମାନେ ଅଂଶଗ୍ରହଣ କରିଛନ୍ତି।

ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ଗାଙ୍ଗୁଲି ପ୍ରସାଦ, ସିଲେକ୍ସନ କମିଟି ମେମ୍ବର ଅଫ ଇଣ୍ଡିଆନ ଜୁନିୟର ବ୍ୟାଡ଼ମିଣ୍ଟନ ଟିମ୍ ସଂଜୀବ ସଚଦେବା, ଇଣ୍ଡିଆନ ପାରା ବ୍ୟାଡ଼ମିଣ୍ଟନ କୋଚ ଭି. ମୁରଲୀ କ୍ରିଷ୍ଣା, ଇଣ୍ଡିଆନ ବ୍ୟାଡ଼ମିଣ୍ଟନ କୋଚ୍ ଗୋବର୍ଦ୍ଧନ ରେଡ୍ଡୀ, ବ୍ୟାଡ଼ମିଣ୍ଟନ ଆସୋସିଏସନ ଇଣ୍ଡିଆର ଯୁଗ୍ମ ସଚିବ କେ କେ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ବିଜୟୀ ମହିଳା କ୍ରିକେଟ ଦଳଙ୍କୁ ହାଇଟେକରେ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧।୧୨(ସବ୍ୟୁ) : ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରେକ୍ଷାଳୟରେ ସହସ୍ରାଧିକ ବିଦ୍ୟାର୍ଥୀଙ୍କ ଗହଣରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଦୃଷ୍ଟିବାଧିତ ବିଶ୍ୱ ବିଜୟୀ ମହିଳା କ୍ରିକେଟ ଦଳର ଖେଳାଳୀ ଫୁଲ ସୋରେନ, ବାସନ୍ତୀ ହଂସଦା, ଯମୁନା ରାଣୀ ଟୁଡୁ, ପାର୍ବତୀ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଦୃଷ୍ଟି ବାଧିତ କ୍ରିକେଟ ଟିମକୁ ଦୀର୍ଘ ବର୍ଷ ଧରି ହାଇଟେକ୍ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ରହିବା, ଖାଇବା ସହ ସମସ୍ତ ପ୍ରୋତ୍ସାହନ ଦେଇ ଆସୁଥିବାବେଳେ ଆଜି ସେମାନଙ୍କର ବିଶ୍ୱ ବିଜୟ ତାଙ୍କୁ ଅତ୍ୟଧିକ ଉଲ୍ଲସିତ କରିଥିବା କହିଛନ୍ତି । ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଏହି କ୍ରିକେଟ ତାରକା ମାନଙ୍କୁ ଆଗାମୀ ଦିନରେ ସମସ୍ତ ସାହାଯ୍ୟ ସହଯୋଗର ହାତ ବଢାଇବାକୁ କହିଛନ୍ତି । ଓଡିଶା ସରକାରଙ୍କ ଦୃଷ୍ଟିବାଧିତ ବିଭାଗର ସନ୍ୟାସ କୁମାର ବେହେରା, ଓଡିଶା ଦୃଷ୍ଟିବାଧିତ କ୍ରିକେଟ ଟିମର ସଭାପତି ଏମ୍ ଜାଫର ଇକ୍ବାଲ୍ ହାଇଟେକକୁ ଧନ୍ୟବାଦ୍ ଦେବା ସହିତ ଆଗାମୀ ଦିନରେ ଦୃଷ୍ଟିହୀନ କ୍ରିଡାବିତଙ୍କୁ ସାହାଯ୍ୟ ସହଯୋଗ ଜାରି ରଖିବାକୁ ଅନୁରୋଧ କରିଛନ୍ତି ।



## ଅନ୍ତର୍ଜାତୀୟ ଓପନ ଚେସ ଚାମ୍ପିଅନସିପ

# ଭାଗ ନେବାକୁ ଚେସ ତାରକା ଯମଜ ଭ୍ରାତାଙ୍କ ବିଦେଶ ଯାତ୍ରା

ଚଣ୍ଡିଖୋଲ, ୦୧।୧୨(ସବ୍ୟୁ) : ଯାଜପୁର ଜିଲ୍ଲାର ଦୁଇ ଉଦୀୟମାନ ଚେସ ତାରକା ତଥା ଆନ୍ତର୍ଜାତୀୟ ସ୍ତରରେ ବେସ ଜଣାଶୁଣା ଯମଜ ଭ୍ରାତା ଶ୍ରୀଅଂଶ ଦାସ ଓ ପ୍ରିୟାଂଶ ଦାସ ଆନ୍ତର୍ଜାତୀୟ ଓପନ ଚେସ ଚମ୍ପିଆନସିପରେ ଭାଗନେବା ପାଇଁ ନଭେମ୍ବର ୩୦ ତାରିଖରେ ଇଟାଲି,ପୋଲାଣ୍ଡ ଓ ସୁଇଡେନ ଯାତ୍ରା କରିଛନ୍ତି । ଦୀର୍ଘ ୩୫ଦିନ ଧରି ସେମାନେ ବିଦେଶରେ ରହି ଆନ୍ତର୍ଜାତୀୟ ଓପନ ଚେସ ଚମ୍ପିଅନସିପରେ ଖେଳିବେ। ଇଟାଲିର ରାଜଧାନୀ ରୋମଠାରେ ଡିସେମ୍ବର ୧ ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଓପନ ଚେସରେ ସେମାନେ ଭାଗନେ। ସହ ଡିସେମ୍ବର ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ପୋଲାଣ୍ଡ ଓପନ ଚେସ ଚମ୍ପିଆନସିପରେ ଭାଗନେବେ ଓ ଡିସେମ୍ବର ୨୪ ଠାରୁ ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ ସୁଇଡେନର ରିଲଟନ ଠାରେ ଆୟୋଜିତ ରିଲିଟନ କପରେ ଭାଗନେବେ ବୋଲି ଜଣାପଡିଛି । ତ୍ରିଦେଶୀୟ ଆନ୍ତର୍ଜାତୀୟ ଓପନ ଚେସ ଚମ୍ପିଆନସିପରେ ଭାଗନେବାକୁ ବିଦେଶ ଯାତ୍ରା କରିବା ଅବସରରେ ଏହି ଉଦୀୟମାନ ଯାଆଁଳା ଭାଇଙ୍କୁ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପକୁମାର ବଳସାମନ୍ତ ଭୁବନେଶ୍ୱର ସ୍ଥିତ ତାଙ୍କ ସରକାରୀ ବାସଭବନକୁ ଡକାଇ ଶୁଭେଚ୍ଛା ଜଣାଇବା ସହ ବିଜୟ ପାଇଁ ଆଶୀର୍ବାଦ ଦେଇଥିଲେ। ସେହିପରି ବଡଚଣା ବିଧାୟକ ଅମରକୁମାର ନାୟକ,ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ,ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରମୁଖ ଶୁଭେଚ୍ଛା ଓ ଆଶୀର୍ବାଦ ଦେବା ସହ ଦୁହିଁଙ୍କ ଉଜ୍ୱଳ ଭବିଷ୍ୟତ ସହ ବିଜୟ କାମନା କରିଛନ୍ତି! ସେମାନେ ଗତ ସେପ୍ଟେମ୍ବର ମାସରେ ସାଉଦୀଆରବ ସହିତ ଅନ୍ୟ ଦୁଇଟି ଦେଶରେ ଚେସ ଚମ୍ପିଆନସିପରେ ଭାଗନେଇଥିଲେ। ଇତିମଧ୍ୟରେ ଉଭୟ ଯାଆଁଳା ଭାଇ ଆମ ଆଦଶରେ ୭୦ରୁ ଅଧିକ ଜାତୀୟ ଚେସ ଚାମ୍ପିୟନସିପ ଓ ୨୨ଟି ଦେଶକୁ ଯାଇ ୨୫ରୁ ଅଧିକ ଅନ୍ତର୍ଜାତୀୟ ଚେସ ଚାମ୍ପିୟନସିପରେ ଭାଗନେଇ ସାରିଛନ୍ତି! ଉଭୟେ ମୁଖ୍ୟତଃ ସ୍ପେନ, ଫ୍ରାନ୍ସ, ବ୍ରାଜିଲ,ସ୍ଲୋବାକିଆ,ଗ୍ରୀସ, ଜେର୍ମାନୀ, ହଁଙ୍ଗେରୀ, ଉଜବେକିସ୍ତାନ,ଦୁବାଇ,କାତର,ଚେକ ରିପବ୍ଲିକ,ସ୍ଲିବନିଆ, ଆଇସ୍ଲାଣ୍ଡ ସହ ଅନେକ ଦେଶରେ ଚେସ ଚମ୍ପିଆନସିପରେ ଭାଗନେଇ ଆମ ଦେଶ ତଥା ଓଡିଶା ପାଇଁ ଗୌରବ ଆଣିଛନ୍ତି । ଇତିମଧ୍ୟରେ ସେମାନେ ଅନେକଗୁଡିଏ ସ୍ୱର୍ଣ୍ଣ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିବା ସହ ଆନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ରେଟିଂଙ୍କୁ ବାଇ ଚାଲିଛନ୍ତି। ଇତିମଧ୍ୟରେ ଅନ୍ତର୍ଜାତୀୟ ତାଲିକାରେ ଶ୍ରୀଅଂଶଙ୍କ ରେଟିଂ ୨୪୨୫ ଓ ପ୍ରିୟାଂଶଙ୍କ ଅନ୍ତର୍ଜାତୀୟ ରେଟିଂ ୨୩୮୫ ରହିଛି । ଆଉ ମାତ୍ର କିଛି ନମ୍ବର ପରେ ଉଭୟେ ଆନ୍ତର୍ଜାତୀୟ ଚେସର ସର୍ବୋଚ୍ଚ ଗ୍ରାଣ୍ଡ ମାଷ୍ଟର ଉପାଧି ପ୍ରାପ୍ତ ହେବେ । ମାତ୍ର ୪ ବର୍ଷ ବୟସରୁ ଚେସ ଖେଳ ପ୍ରତି ଆକର୍ଷିତ ହୋଇଥିଲେ ଉଭୟ ଯାଆଁଳା ଭାଇ। ୮ ବର୍ଷ ବୟସରେ ପ୍ରିୟାଂଶ ଜାତୀୟ ଚେସ ଚାମ୍ପିୟନସିପରେ ଭାଗନେଇ ସ୍ୱର୍ଣ୍ଣ ପଦକ ଓ ଶ୍ରୀଅଂଶ ରୌପ୍ୟ ପଦକ ପାଇଥିଲେ। ଏହାପରେ ୮ ବର୍ଷ ବୟସରେ ସମ୍ମାନ ଜନକ କମନଉଏଲଥ ଚେସ ଚାମ୍ପିୟନଶିପରେ ଶ୍ରୀଅଂଶ ସ୍ୱର୍ଣ୍ଣ ପଦକ ପାଇ ଆମ ରାଜ୍ୟ ତଥା ଦେଶକୁ ଗୌରାବାନ୍ୱିତ କରିଥିଲେ । ହେଲେ ଏହି ଉଜ୍ୱଳ ପ୍ରତିଭା ଯମଜ ଭ୍ରାତାଙ୍କୁ ସରକାରୀ ଓ ବେସରକାରୀ ସ୍ତରରୁ ଉପଯୁକ୍ତ ପ୍ରୋତ୍ସାହନ ଓ ସହଯୋଗ ମିଳିପାରି ନାହିଁ। ସେମାନଙ୍କୁ ଅଧିକ ତାଲିମ ପାଇଁ ସହଯୋଗର ଆବଶ୍ୟକତା ରହିଛି । ଏହି ଦୁଇ ବିରଳ ପ୍ରତିଭାଙ୍କ ଘର ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବାରବାଟୀ ଗ୍ରାମରେ ଓ ତାଙ୍କ ପିତାଙ୍କ ନାମ ମୃତ୍ୟୁଞ୍ଜୟ ଦାସ ଓ ମାଙ୍କ ନାମ ମାନସୀ ଦାସ! ସେମାନଙ୍କ ବାପା ଓ ମା' ନିମ୍ନ ମଧ୍ୟବିତ ପରିବାରର ହୋଇଥିଲେ ମଧ୍ୟ ସମସ୍ତ ତ୍ୟାଗ ସ୍ୱୀକାର କରି ଉଭୟଙ୍କୁ ଶୀର୍ଷରେ ପହଞ୍ଚିବା ପାଇଁ ଉଦ୍ୟମମ ଯାରୀ ରଖିଛନ୍ତି। ହେଲେ ଅଦ୍ୟାବଧି ଏହି ଦୁଇ ଅନନ୍ୟ ପ୍ରତିଭାଙ୍କୁ ଶୀର୍ଷକୁ ଯିବା ପାଇଁ ଆବଶ୍ୟକୀୟ ପ୍ରୋତ୍ସାହନ ମିଳିପାରି ନାହିଁ। ଉଜ୍ୱଳ ଭବିଷ୍ୟତ ଓ ଆମ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି ପାଇଁ ସେମାନଙ୍କୁ ସରକାର ଓ ବିଭିନ୍ନ ବେସରକାରୀ ସଂସ୍ଥାଙ୍କ ପକ୍ଷରୁ ଆନ୍ତରିକ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେବାର ଆବଶ୍ୟକତା ରହିଛି ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି